# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୫/୨୦୨୫ (୧୬ ପୃଷ୍ଠା) Bhubaneswar, Friday, December 5/2025 Page 16 ₹ 7.00 | RAYAGADA

୫୨ଶ ଭାଗ ୧୨ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 12 ମୂଲ୍ୟ ₹୭/-




ନୂଆଦିଲ୍ଲୀର ପାଲାମ୍ ବିମାନବନ୍ଦରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗୁରୁବାର ସନ୍ଧ୍ୟାରେ ପହଞ୍ଚିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରୁଛନ୍ତି।

## ଦିଲ୍ଲୀରେ ପୁଟିନ୍

### ଆଜି ୨୩ତମ ଭାରତ-ରୁଷିଆ ସମ୍ମିଳନୀ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରାୟ ୭୨ ଘଣ୍ଟିଆ ଭାରତ ଗସ୍ତରେ ଆସି ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ୮ ଦଶନ୍ଧି ଧରି ଭାରତ-ରୁଷିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଏହି ଗସ୍ତ ଆହୁରି ମଜଭୁତ କରିବ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କଷିଥିବା ୨୫% ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦ ୨୫% ଜରିମାନାକୁ ନେଇ ଭାରତୀୟ ସାମଗ୍ରୀ ରପ୍ତାନି ପ୍ରଭାବିତ ହୋଇଛି। ଏଭଳି ସମୟରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଭାରତ ଗସ୍ତ କରିଛନ୍ତି। ୨୦୨୨ ଫେବୃଆରୀ ୨୪ରେ ୟୁକ୍ରେନ୍ ଯୁଦ୍ଧ ☞ପୃଷ୍ଠା-୪

## ଗାନ୍ଧୀ ବିରୋଧୀ ମନ୍ତବ୍ୟକୁ ନେଇ ଗୃହ ଅଚଳ

**ଭୁବନେଶ୍ୱର,୪।୧୨(ସୁନିତ୍ ମିଶ୍ର)**

- ୯ ଥରରେ ୧ ଘଣ୍ଟା ୩୩ ମିନିଟ୍ ଗୃହ ମୁଲତବୀ
- ଗୃହ ଭିତରେ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନାପସନ୍ଦକଲେ ସରକାର
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ



ବିଧାନସଭା ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିବା ବିରୋଧୀ ଦଳ ସଦସ୍ୟ।

ମହାତ୍ମା ଗାନ୍ଧୀ ଦେଶ ବିଭାଜନକାରୀ ବୋଲି ଭାଜପା ବିଧାୟକ ସନ୍ତୋଷ ଖଟୁଆ କହିଥିବା ଅଭିଯୋଗ କରି ଗୃହ ବାହାରେ ବିରୋଧୀ ଝଡ଼ ସୃଷ୍ଟି କରିଛନ୍ତି। ଏହି ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏକ ହୋଇ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାଦେବା ସହ ଶାସକ ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଫଳରେ ଗୃହ କାର୍ଯ୍ୟ ଅପରାହ୍ଣ ୫ଟା ୫୨ରୁ ଲଗାତର ୯ ଥର ମୁଲତବୀ ରଖାଯାଇଥିଲା। ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ଏହି ଗୋଟିଏ ମନ୍ତବ୍ୟକୁ ନେଇ ଦୀର୍ଘ ୧ ଘଣ୍ଟା ୩୩ ମିନିଟ୍ ଅଟକିଯାଇଥିଲା। ବିରୋଧୀଙ୍କୁ ବୁଝାଇବାକୁ ବାଚସ୍ପତି ସୁରମା ପାଢ଼ୀ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବି ନାରାୟଣ ନାଏକ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ବହୁ ଚେଷ୍ଟା କରିବା ପରେ ଶେଷରେ ୭ଟା ୨୫ ମିନିଟ୍‌ରେ ଗୃହ କାର୍ଯ୍ୟ ପୁଣିଥରେ ସ୍ୱାଭାବିକ ହୋଇଥିଲା। ଏହା ଭିତରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଦୀର୍ଘ ସମୟ ଧରି ଚାଲିଥିଲା। ଶେଷରେ କ୍ଷମା ପ୍ରାର୍ଥନା ଲାଗି ବିରୋଧୀ ଯେଉଁ ଦାବି କରିଥିଲେ ତାକୁ ସରକାର ଗ୍ରହଣ କରିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମହାସାଗରରେ ନିବେଶ







## ଦିଲ୍ଲୀରେ ଆଜି



ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାବେଳେ ଦୃଶ୍ୟମାନତା ହ୍ରାସ ଯୋଗୁ ଗୁରୁବାର ଆଇଟିଓ ନିକଟରେ ଗାଡ଼ିଗୁଡ଼ିକ ଅଟକିରହିଛି। (ଫଟୋ: ଚମନ ଗୌତମ)

# ଦିଲ୍ଲୀ ପ୍ରଦୂଷଣ: ସଂସଦରେ ବିରୋଧୀଙ୍କ ବିକ୍ଷୋଭ

## ବାୟୁ ପ୍ରଦୂଷଣ ରୋକିବାକୁ କେନ୍ଦ୍ରକୁ ପରାମର୍ଶ ଦେଲେ ସୋନିଆ

ନୂଆଦିଲ୍ଲୀ,୪।୧୨

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ଉପରେ ପଦକ୍ଷେପ ନେବା ପାଇଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ବିରୋଧୀ ଏମ୍‌ପିମାନେ ସଂସଦର ମକରଦ୍ୱାର ବାହାରେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯଥା ବୟାନବାଜି ବନ୍ଦ କରି ପ୍ରଦୂଷଣ ସମସ୍ୟାର ସମାଧାନ କରିବାକୁ କହିଥିଲେ। କେତେଜଣ ଏମ୍‌ପି ପ୍ରଦୂଷଣର ଭୟାବହତା ଦର୍ଶାଇବାକୁ ଯାଇ ମାସ୍କ ପିନ୍ଧି ବିକ୍ଷୋଭ କରିଥିଲେ। ସେମାନେ ଧରିଥିବା ଏକ ବ୍ୟାନରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବାବେଳେ ଲେଖାଥିଲା, ମୌସମ୍ କା ମଜା ଲିଜିୟେ। ପ୍ରଧାନମନ୍ତ୍ରୀ ମୋଦି ପାର୍ଲାମେଣ୍ଟର ଶୀତ ଅଧିବେଶନ ପୂର୍ବରୁ ଦେଇଥିବା ଏହି ମନ୍ତବ୍ୟକୁ କଟାକ୍ଷ କରି ସେମାନେ ବ୍ୟାନରରେ ଏପରି ଉଲ୍ଲେଖ କରିଥିଲେ। ସୋନିଆ କହିଥିଲେ, ଛୋଟ ପିଲାମାନେ ମରୁଛନ୍ତି। ତାଙ୍କ ଭଳି ବୟସ୍କ ବ୍ୟକ୍ତିମାନଙ୍କୁ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ପ୍ରଦୂଷଣ ରୋକିବା ସରକାରଙ୍କ ଦାୟିତ୍ୱ। ସେହିପରି ବିକ୍ଷୋଭରେ ସାମିଲ ଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ବିଷାକ୍ତ ବାୟୁ ପ୍ରତି ଭାଜପାର ଉଦାସୀନତା ଓ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ବିରୋଧରେ ଏହି ବିକ୍ଷୋଭ ଚାଲିଛି। ଆମ ପ୍ରଶ୍ନ ହେଉଛି, ଦିଲ୍ଲୀର ସମସ୍ତେ କାହିଁକି ଅସୁବିଧା ଭୋଗୁଛନ୍ତି। ସେହିପରି ଏହା ଏକ ଅଣରାଜନୈତିକ ପ୍ରସଙ୍ଗ ହୋଇଥିବାରୁ ପ୍ରଦୂଷଣ ଉପରେ ସଂସଦରେ ବିତର୍କ ଆବଶ୍ୟକ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦାବି କରିଥିଲେ।

# ଅଧିକ କର୍ମଚାରୀ ଯୋଗାଇବାକୁ ରାଜ୍ୟକୁ ନିର୍ଦ୍ଦେଶ

## ଏସ୍‌ଆଇଆର୍ ଚାପରେ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪।୧୨(ପି.ଟି./ଏଜେନ୍ସି)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ଅତ୍ୟଧିକ କାର୍ଯ୍ୟଚାପ ପଡ଼ୁଥିବାରୁ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ମାନଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ଗୁରୁବାର ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ବିଏଲ୍‌ଓମାନଙ୍କ ଉପରୁ କାର୍ଯ୍ୟଚାପ ହ୍ରାସ ସକାଶେ ଅତିରିକ୍ତ କର୍ମଚାରୀଙ୍କୁ ମୁତୟନ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ) ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛି। ଟିଭିକେ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି, ଏସ୍‌ଆଇଆର୍ ଯୋଗୁ ବିଏଲ୍‌ଓମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟଚାପ ପଡ଼ୁଛି। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ଅନେକେ ଆତ୍ମହତ୍ୟା କରୁଛନ୍ତି। ସମୟବଦ୍ଧ ଭାବେ ନିଜ ଦାୟିତ୍ୱ ତୁଲାଇପାରୁ ନ ଥିବା ବିଏଲ୍‌ଓ (ଶିକ୍ଷକ/ଅଙ୍ଗନୱାଡ଼ି କର୍ମୀ)ମାନଙ୍କ ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ଅଧିକାରୀମାନେ ଏଫ୍‌ଆଇଆର୍ ଦେଉଛନ୍ତି। ଜନ ପ୍ରତିନିଧି ଆଇନ ବଳରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଉକ୍ତ ପିଟିଶନରେ ସେ ନିବେଦନ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣିକରି କହିଛନ୍ତି, କାର୍ଯ୍ୟଚାପ ହ୍ରାସ ପାଇଁ ରାଜ୍ୟଗୁଡ଼ିକ ଅତିରିକ୍ତ ଷ୍ଟାଫ୍‌ଙ୍କୁ ନିୟୋଜିତ କରିବା ଉପରେ ବିଚାର କରନ୍ତୁ। ଯେଉଁଠି ବିଏଲ୍‌ଓମାନେ ରୁଟିନ୍ ଡ୍ୟୁଟି କରିବାବେଳେ ଅତ୍ୟଧିକ କାର୍ଯ୍ୟଚାପ ସମେତ ଅନ୍ୟ ଅସୁବିଧା ଭୋଗୁଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଦାୟିତ୍ୱମୁକ୍ତ କରିପାରିବେ। ଅସୁସ୍ଥ ଥିବା ବିଏଲ୍‌ଓଙ୍କୁ ଛୁଟି ଦେଇ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇପାରିବ। ଯେଉଁଠି ୧୦,୦୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, ସେଠାରେ ୩୦,୦୦୦ ଜଣଙ୍କୁ ନିୟୋଜିତ କରି ବିଏଲ୍‌ଓମାନଙ୍କ କାର୍ଯ୍ୟଜନିତ ମାନସିକ ଚାପ ହ୍ରାସ କରାଯାଇପାରିବ। ଏପରି ଆଶ୍ୱସ୍ତି ପ୍ରଦାନ କରା ନ ଗଲେ ବିଏଲ୍‌ଓଙ୍କୁ ନେଇ ପ୍ରଶ୍ନ ଉଠୁଥିବ ବୋଲି ଖଣ୍ଡପୀଠ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ତାମିଲନାଡୁରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସେଠାରେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବାରୁ ଟିଭିକେ ପ୍ରଥମ ଥର ପାଇଁ ପ୍ରାର୍ଥୀ ଦେବାକୁ ଯାଉଛି। ରାଜ୍ୟରେ ୩୫ରୁ ୪୦ ବର୍ଷର ଅନେକ ବିଏଲ୍‌ଓଙ୍କ ମୃତ୍ୟୁଜନିତ ବିବାଦ ସୃଷ୍ଟିହେବା ପରେ ବିଜୟଙ୍କ ଦଳ ନିର୍ବାଚନ କମିଶନଙ୍କ ବିରୋଧରେ ଅଭିଯୋଗ ଆଣି ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଇସି ଅଧିକାରୀମାନେ ଜନ ପ୍ରତିନିଧି ଆଇନର ଧାରା ୩୨ ବଳରେ ବିଏଲ୍‌ଓମାନଙ୍କୁ ଜେଲରେ ପୂରାଇବା ନେଇ ଧମକ ଦେଉଥିବା ଟିଭିକେ ନିଜ ପିଟିଶନରେ ଅଦାଲତଙ୍କୁ ଅବଗତ କରାଇଛି।

# ମୁନିରଙ୍କ ସିଡିଏଫ୍ ନିଯୁକ୍ତିକୁ ମଞ୍ଜୁରୀ



ଇସ୍‌ଲାମାବାଦ,୪।୧୨

ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଦେଶର ପ୍ରଥମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏଫ୍) ରୂପେ ନିଯୁକ୍ତି ଦେବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିସହ ସିଡିଏଫ୍ ଭାବେ ନିଯୁକ୍ତି ପାଇଁ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀଙ୍କୁ ସେ ଆନୁଷ୍ଠାନିକ ଭାବେ ପରାମର୍ଶ ଦେଇଛନ୍ତି। ଗତ ମାସରେ ପାକିସ୍ତାନ ପାର୍ଲାମେଣ୍ଟ ୨୭ତମ ସମ୍ବିଧାନ ସଂଶୋଧନକୁ ପାରିତ କରିଥିଲା। ତଦନୁସାରେ ସିଡିଏଫ୍ ପଦବୀ ସୃଷ୍ଟି ହୋଇଥିଲା। ମୁନିର ଏଣିକି ତିନି ସେନା ମଧ୍ୟରେ ସମନ୍ୱୟ ରଖି ଜରୁରୀ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ସେ ୫ ବର୍ଷ ପାଇଁ ନୂଆ ପଦବୀରେ ଆସିନ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ରହିଥିବା ଚେୟାରମ୍ୟାନ୍, ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କମିଟି ପୋଷ୍ଟକୁ ହଟାଇ ଦିଆଯାଇଛି। ପ୍ରକାଶ ଯେ, ମୁନିର ଓ ଶରିଫ୍‌ଙ୍କ ମଧ୍ୟରେ ମତଭେଦ ଯୋଗୁ ଏହି ନିଯୁକ୍ତି ବିଳମ୍ବିତ ହେଉଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

## ଏସିଡ୍ ଆକ୍ରମଣ

# ଶୁଣାଣି ବିଳମ୍ବ 'ବ୍ୟବସ୍ଥାର ଉପହାସ'

ଦେଶର ବିଭିନ୍ନ ଭାଗରେ ଏସିଡ୍ ଆକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। କିନ୍ତୁ ଅଦାଲତଗୁଡ଼ିକରେ ଏ ସମ୍ପର୍କିତ ମାମଲା ଶୁଣାଣିରେ ମନ୍ଥରତା ଦେଖିବାକୁ ମିଳୁଛି, ଯାହାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ମାମଲାଗୁଡ଼ିକର ବିଳମ୍ବ ହେବା ଏକ ଜାତୀୟ ଲଜ୍ଜା ଏବଂ ବ୍ୟବସ୍ଥାର ଉପହାସ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ୧୬ ବର୍ଷ ତଳେ ଘଟିଥିବା ଏକ ଏସିଡ୍ ଆକ୍ରମଣ ମାମଲାର ଶୁଣାଣିରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଏଭଳି କଡ଼ା ଟିପ୍ପଣୀ ଦେଇଛନ୍ତି। ଏଥିସହ ସାରା ଦେଶରେ ବିଚାରାଧୀନ ଏସିଡ୍ ଆକ୍ରମଣ ମାମଲାଗୁଡ଼ିକର ବିସ୍ତୃତ ବିବରଣୀ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।



- ଅଟକି ରହିଥିବା ମାମଲାର ତଥ୍ୟ ମାଗିଲେ ସୁପ୍ରିମକୋର୍ଟ
- ହାଇକୋର୍ଟଗୁଡ଼ିକୁ ୪ ସପ୍ତାହରେ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୪।୧୨(ପି.ଟି.)

ଏସିଡ୍ ଆକ୍ରମଣ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ସକାଶେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଆଇନରେ ସଂଶୋଧନ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏପରିକି ଆବଶ୍ୟକ ହେଲେ ଏକ ଅଧ୍ୟାଦେଶ ମଧ୍ୟ ଅଣାଯାଉ, ଯଦ୍ୱାରା ଏସିଡ୍ ଆକ୍ରମଣ ପୀଡ଼ିତାମାନେ ଆନୁଷ୍ଠାନିକ ଭାବେ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁବିଧା ହାସଲ ନିମନ୍ତେ ରାଇଟ୍ସ ଅଫ୍ ପର୍ସନ୍ସ ୱିଥ୍ ଡିଜାବିଲିଟିଜ୍ ଆକ୍ଟ ଅନ୍ତର୍ଗତ ଭିନ୍ନକ୍ଷମ ବ୍ୟକ୍ତି ସଂଜ୍ଞାରେ ଆନୁଷ୍ଠାନିକ ଭାବେ ସାମିଲ ହୋଇପାରିବେ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତୀକରଣ ବିଭାଗକୁ ନୋଟିସ ଜାରି କରିଛନ୍ତି। ଏସିଡ୍ ଆକ୍ରମଣ ପୀଡ଼ିତା ଶାହିନ୍ ମଲିକ୍ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି ଯେ ଯେଉଁମାନେ ଆକ୍ରମଣର ଶିକାର ହେଉଛନ୍ତି, ସେମାନଙ୍କୁ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ଅନ୍ତର୍ଭୁକ୍ତ ନେଇ ସୁନିଶ୍ଚିତ କରିବା ପାଇଁ 'ଭିନ୍ନକ୍ଷମ' ରୂପେ ବର୍ଗୀକୃତ କରାଯାଉ। ଉକ୍ତ ପିଆଇଏଲ୍ ଉପରେ ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହି ପ୍ରସଙ୍ଗରେ ଗମ୍ଭୀରତା ସହ ଚିନ୍ତା କରାଯିବ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।

ଶାହିନ୍ ମଲିକ୍ ୨୦୦୯ରେ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ଦିଲ୍ଲୀର ରୋହିଣୀ କୋର୍ଟରେ ଦୀର୍ଘ ୧୬ ବର୍ଷ ଧରି ତାଙ୍କ ମାମଲା ଗଡ଼ୁଥିବାରୁ ଖଣ୍ଡପୀଠ ଏହାକୁ ଏକ 'ଜାତୀୟ ଲଜ୍ଜା' ରୂପେ ଅଭିହିତ କରିଛନ୍ତି। ଏପରିକି ୨୦୧୩ ମସିହା ପର୍ଯ୍ୟନ୍ତ ମାମଲାର ଶୁଣାଣି ଆରମ୍ଭ ନ ହେବା ଏକ ଆଶ୍ଚର୍ଯ୍ୟଜନକ ବିଳମ୍ବ ବୋଲି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି। ଯଦି ଜାତୀୟ ରାଜଧାନୀ ଦିଲ୍ଲୀରେ ଏଭଳି ସମ୍ବେଦନଶୀଳ ଆହ୍ୱାନର ସମାଧାନ ହୋଇପାରୁନାହିଁ, ତେବେ ଏକଥା କିଏ ବୁଝିବ? ଏହା ବ୍ୟବସ୍ଥା ପାଇଁ ଏକ ଲଜ୍ଜା। ଏହା ଏକ ଜାତୀୟ ଲଜ୍ଜା ବୋଲି ସିଜେଆଇ କହିଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡୁ ସଂଜ୍ଞାନକୁ ନେଇପାରନ୍ତି ବୋଲି ସିଜେଆଇ ପ୍ରକାଶ କରିବା ସହ ଶାହିନ୍‌ଙ୍କୁ ତାଙ୍କ ପିଆଇଏଲ୍‌ରେ ଏକ ଆବେଦନ ଯୋଡ଼ିବାକୁ ପରାମର୍ଶ ଦେଇଛନ୍ତି। ମାମଲାର ଫଇସଲା କାହିଁକି ହୋଇପାରି ନାହିଁ ବୋଲି ସେ ମନେକରୁଛନ୍ତି ତାହା ସେଥିରେ ଉଲ୍ଲେଖ କରିବାକୁ ଶାହିନ୍‌ଙ୍କୁ ସିଜେଆଇ କହିଛନ୍ତି। ଏତିକି ନୁହେଁ, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାମାନଙ୍କ ମାମଲାର ବିସ୍ତୃତ ବିବରଣୀ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀ ମିଳିବା ପରେ ଏସିଡ୍ ଆକ୍ରମଣ ପୀଡ଼ିତାମାନେ 'ଭିନ୍ନକ୍ଷମ ବ୍ୟକ୍ତି' ରୂପେ ବିବେଚିତ ହେବେ କି ନାହିଁ ତାହାର ଶୁଣାଣି କରାଯିବ। ଅନ୍ୟପକ୍ଷେ ରୋହିଣୀ କୋର୍ଟରେ ଶାହିନ୍‌ଙ୍କ ମାମଲାର ଶୁଣାଣିରେ ବିଳମ୍ବ ପ୍ରସଙ୍ଗରେ ଆସନ୍ତା ସପ୍ତାହରେ ବିଚାର କରାଯିବ ବୋଲି ସିଜେଆଇ କହିଛନ୍ତି। ସିଜେଆଇ ଆହୁରି କହିଛନ୍ତି, ଏସିଡ୍ ଫିଙ୍ଗି ଆକ୍ରମଣ କରାଯିବା ନେଇ ଅନେକ ମାମଲା ସମ୍ପର୍କରେ ସେ ଅବଗତ ଅଛନ୍ତି। କିନ୍ତୁ କୌଣସି ଯୁବତୀଙ୍କୁ ଜବରଦସ୍ତ ଏସିଡ୍ ପିଆଇବା ଘଟଣା ଏହା ପ୍ରଥମ ଥର ସେ ଶୁଣିବାକୁ ପାଇଛନ୍ତି। ଏହା ବ୍ୟବସ୍ଥା ପ୍ରତି ଏକ ଉପହାସ। ଏପରି ଆପରାଧିକ ମାମଲାଗୁଡ଼ିକର ଶୁଣାଣି ସ୍ୱତନ୍ତ୍ର କୋର୍ଟରେ ହେବା ଜରୁରୀ। ଆକ୍ରମଣ ଅଭିଯୁକ୍ତଙ୍କ ପ୍ରତି କୌଣସି ସହାନୁଭୂତି ରହିବା ଅନୁଚିତ ବୋଲି ସିଜେଆଇ କହିଛନ୍ତି। ସଲିସିଟର ଜେନେରାଲ ମେହେଟ୍ଟା କହିଛନ୍ତି, ଅପରାଧୀମାନେ ଯେପରି ବର୍ବରତା ଦେଖାଉଛନ୍ତି ସେମାନଙ୍କୁ ସେହିପରି ଦଣ୍ଡ ଦିଆଯିବା ଉଚିତ।

# କଫ୍ ସିରପ୍ ମୃତ୍ୟୁ: କୋଲ୍ଡରିଫ୍ କମ୍ପାନୀ ମାଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୪।୧୨

ମଧ୍ୟପ୍ରଦେଶରେ ୨ ମାସ ପୂର୍ବେ ବିଷାକ୍ତ କୋଲ୍ଡରିଫ୍ କଫ୍ ସିରପ୍ ଖାଇ ଅନ୍ୟୂନ ୨୦ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସର ମାଲିକ ଜି. ରଙ୍ଗନାଥନ୍‌ଙ୍କ ଚେନ୍ନାଇରେ ଥିବା ୨ଟି ଫ୍ଲାଟ୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବୁଧବାର ଇଡି କହିଛି। ୨ଟି ଫ୍ଲାଟ୍‌ର ମୂଲ୍ୟ ୨.୦୪ କୋଟି ଟଙ୍କା ହେବ। ଗତ ଅକ୍ଟୋବରରେ ମଧ୍ୟପ୍ରଦେଶ ପୋଲିସ ରଙ୍ଗନାଥନ୍‌ଙ୍କୁ ଗିରଫ କରିଥିଲା। କମ୍ପାନୀ ଏହାର ଉତ୍ପାଦନ ଖର୍ଚ୍ଚ କମାଇବା ସହ ଅଧିକ ଲାଭ କରିବା ପାଇଁ ଅସାଧୁ ବ୍ୟବସାୟିକ ପନ୍ଥା ଆପଣାଇଥିଲା ବୋଲି ଇଡି ଅଭିଯୋଗ କରିଛି। ତଦନ୍ତ ଅନୁଯାୟୀ, କମ୍ପାନୀ କଫ୍ ସିରପ୍ ପ୍ରସ୍ତୁତି ପାଇଁ ଔଷଧ ଗ୍ରେଡ୍‌ର କଞ୍ଚାମାଲ୍ ପରିବର୍ତ୍ତେ ଶିଳ୍ପ ପାଇଁ ଉଦ୍ଦିଷ୍ଟ କଞ୍ଚାମାଲ୍ ବ୍ୟବହାର କରୁଥିଲା। ସେଗୁଡ଼ିକ ମାନ ଉପଯୁକ୍ତ ଯାଞ୍ଚ କରାଯାଉ ନ ଥିଲା। ରେକର୍ଡରେ ନ ରହିବା ପାଇଁ ବିନା ଇନ୍‌ଭଏସ୍‌ରେ ନଗଦ ଅର୍ଥ ଦିଆଯାଇ କଞ୍ଚାମାଲ୍ କିଣାଯାଉଥିଲା।

## ଇଣ୍ଡିଗୋ ବିଭ୍ରାଟ

# ୫୫୦ ବିମାନ ଉଡ଼ାଣ ବାତିଲ

ମୁମ୍ବାଇ, ୪।୧୨ (ପିଟି)

ପରିଚାଳନାଗତ ସମସ୍ୟାରେ ଛନ୍ଦିହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ସ 'ଇଣ୍ଡିଗୋ'ର ଉଡ଼ାଣ ବିଭ୍ରାଟ କ୍ରମାଗତ ୩ ଦିନ ଧରି ଜାରି ରହିଛି। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଅନ୍ୟ ଏୟାରପୋର୍ଟଗୁଡ଼ିକରେ ଇଣ୍ଡିଗୋ ଗୁରୁବାର ୫୫୦ରୁ ଊର୍ଦ୍ଧ୍ୱ ଦେଶୀୟ ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ବାତିଲ କରିଛି। ଏହାସହ ଅନେକ ବିମାନ ଉଡ଼ାଣରେ ବିଳମ୍ବ ଘଟିଛି। ଏଥିପାଇଁ ଯାତ୍ରୀମାନଙ୍କ ଯାତ୍ରା ଯୋଜନା ପ୍ରଭାବିତ ହୋଇଛି। କେତେକ ବିମାନବନ୍ଦରରେ ଯାତ୍ରୀମାନେ ପ୍ରତିବାଦ କରିବାରୁ ଅଶାନ୍ତକର ସ୍ଥିତି ଉପୁଜିଛି। କର୍ମଚାରୀ (ପାଇଲଟ୍ ଏବଂ କ୍ୟାବିନ କ୍ରୁ) ଅଭାବ, ଶୀତଦିନରେ ଯାତ୍ରୀଙ୍କ ସଂଖ୍ୟା ବଢ଼ିବା, ଯାନ୍ତ୍ରିକ ତ୍ରୁଟି, ଖରାପ ପାଗ ଏବଂ ନୂତନ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେଶନ (ଏଫ୍‌ଡିଟିଏଲ୍) ନିୟମ ଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସକୁ ଏଭଳି ସଙ୍କଟର ସାମ୍ନା କରିବାକୁ ପଡ଼ିଥିବା କୁହାଯାଉଛି।

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନଭେମ୍ବରରେ ଉଡ଼ାଣର ନୂଆ ସମୟସୀମା (ଏଫ୍‌ଡିଟିଏଲ୍) ଲାଗୁ କରିଥିଲା। ଏହାଦ୍ୱାରା ଅଧିକ ବିଶ୍ରାମ ସମୟ ଏବଂ ରାତିର ଉଡ଼ାଣ ଉପରେ କଟକଣା ଲାଗିଥିଲା। ଏଥିଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସର




ପାଇଲଟ୍‌ଙ୍କ ରୋଷ୍ଟର ଡ୍ୟୁଟିରେ ପରିବର୍ତ୍ତନ ହେବା ସହ ଆବଶ୍ୟକ ମାନବସମ୍ବଳର ଅଭାବ ଦେଖାଦେଇଥିଲା। ମୁଖ୍ୟତଃ ପାଇଲଟ୍ କାର୍ଯ୍ୟଶକ୍ତି ବିଶେଷ ପ୍ରଭାବିତ ହୋଇଥିଲା। ଇଣ୍ଡିଗୋ ଏୟାରଲାଇନ୍ସ ଦୈନିକ ପ୍ରାୟ ୨୩୦୦ ଉଡ଼ାଣ କରିଥାଏ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ବିମାନବନ୍ଦର ତଥ୍ୟ ଅନୁଯାୟୀ, ବୁଧବାର ଇଣ୍ଡିଗୋର ଅନ୍ ଟାଇମ୍ ପରଫର୍ମାନ୍ସ (ଓଟିପି) ୧୯.୭% ହ୍ରାସ ପାଇଥିଲା। ଏହିଦିନ ୨୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲ ହୋଇଥିଲା। ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ୯୫, ମୁମ୍ବାଇରେ ୮୫, ହାଇଦ୍ରାବାଦରେ ୭୦ ଓ ବେଙ୍ଗାଲୁରୁରେ ୫୦ ବିମାନ ବାତିଲ ହୋଇଛି। ଏଭଳି ବିଭ୍ରାଟ ଯୋଗୁ ଇଣ୍ଡିଗୋର ଶେୟାର ମୂଲ୍ୟ ୨.୩୯% ହ୍ରାସ ପାଇ ୫,୪୬୧.୫୦ ଟଙ୍କା ହୋଇଛି। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା ଡିଜିସିଏ ପକ୍ଷରୁ ଇଣ୍ଡିଗୋ ଏୟାରଲାଇନ୍ସ ଅଧିକାରୀମାନଙ୍କ ସହ ସ୍ଥିତି ଉପରେ ଆଲୋଚନା କରାଯାଇଛି।

ଫେଡେରେଶନ ଅଫ୍ ଇଣ୍ଡିଆନ୍ ପାଇଲଟ୍ (ଏଫ୍‌ଆଇପି) ପକ୍ଷରୁ ଅଭିଯୋଗ କରାଯାଇଛି, କକ୍‌ପିଟ୍ ଚାଳକ ଦଳଙ୍କ ପାଇଁ ନୂଆ ଫ୍ଲାଇଟ୍ ଡ୍ୟୁଟି ଏବଂ ବିଶ୍ରାମ ସମୟ ସମ୍ପର୍କିତ ନିୟମ ପୂର୍ଣ୍ଣ ଭାବେ ଲାଗୁ କରିବା ପୂର୍ବରୁ ଇଣ୍ଡିଗୋକୁ ଦୁଇ ବର୍ଷର ପ୍ରସ୍ତୁତି ସମୟ ମିଳିଥିଲା। ଏହାସତ୍ତ୍ୱେ ଇଣ୍ଡିଗୋ ବିନା କାରଣରେ ନିଯୁକ୍ତି ଉପରେ ରୋକ ଲଗାଇଥିଲା। ଏହାସହ ଡିଜିସିଏକୁ ଏଫ୍‌ଆଇପି ନିବେଦନ କରିଛି ଯେ, କୌଣସି ଏୟାରଲାଇନ୍ସ ପାଖରେ ଯଦି ଏଫ୍‌ଡିଟିଏଲ୍ ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ଏବଂ ବିଶ୍ୱସନୀୟ ବିମାନ ପରିଚାଳନା ସୁନିଶ୍ଚିତ ହେବା ଭଳି ପର୍ଯ୍ୟାପ୍ତ କର୍ମଚାରୀ ନାହିଁ, ସେହି ସଂସ୍ଥାର ଋତୁକାଳୀନ ଉଡ଼ାଣ ସୂଚୀକୁ ମଞ୍ଜୁରୀ ଦିଆ ନ ଯାଉ।

## ଫୁର୍‌ସତ

# ରଶ୍ମିକାଙ୍କ ଗ୍ରୀନ୍ ସିଗ୍‌ନାଲ

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ୨୦୨୬ରେ ସେ ବିଜୟ ଦେବରକୋଣ୍ଡାଙ୍କ ହାତ ଧରିବେ ବୋଲି ଇଣ୍ଡଷ୍ଟ୍ରିରେ ଫୁସୁରୁଫାସର ଚାଲିଛି। ନିକଟରେ ରଶ୍ମିକା ବିବାହକୁ ନେଇ ମୁହଁ ଖୋଲିଛନ୍ତି। ଯଦିଓ ସେ ଚାଲିଥିବା ବିବାହ ଗୁଜବକୁ ଅସ୍ୱୀକାର କରିନାହାନ୍ତି, କିନ୍ତୁ ସମୟ ଆସିଲେ ଆମେ ସବୁକିଛି କହିବୁ ବୋଲି ହସି ହସି କହିଛନ୍ତି।

ରଶ୍ମିକା ଏବଂ ବିଜୟ ଉଭୟ ଉଦୟପୁରରେ ବିବାହ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଉଭୟ ଚଳିତ ବର୍ଷ ଅକ୍ଟୋବରରେ ହାଇଦ୍ରାବାଦରେ ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ କରିଥିଲେ। ଯଦିଓ ଏହି ଯୋଡ଼ି କୌଣସି ଘୋଷଣା କିମ୍ବା ଫଟୋ ଶେୟାର କରି ନ ଥିଲେ, ବିଜୟଙ୍କ ଟିମ୍ ନିର୍ବନ୍ଧ ହୋଇଥିବାର ନିଶ୍ଚିତ କରିଥିଲେ। 'ଗୀତା ଗୋବିନ୍ଦମ୍' ଏବଂ 'ଡିଅର କମ୍ରେଡ୍' ଫିଲ୍ମରେ ଏକାଠି କାମ କରିବା ପରଠାରୁ ଉଭୟଙ୍କ ଡେଟିଂର ଗୁଜବ ଉଠିଛି। ବିଜୟ ଏବଂ ରଶ୍ମିକାଙ୍କୁ ପ୍ରାୟତଃ ଏକାଠି ସମୟ ବିତାଉଥିବା ଦେଖାଯାଇଛି।



# ଅଣ୍ଡାର ମୂଲ୍ୟ ୨୭୩ କୋଟି

ଗୋଟିଏ ଅଣ୍ଡାର ମୂଲ୍ୟ କେତେ ହୋଇପାରେ? ୮ ଟଙ୍କା, ୧୦ ଟଙ୍କା କିମ୍ବା ସର୍ବାଧିକ ୨୫ ଟଙ୍କା। କିନ୍ତୁ ଏମିତି ଏକ ଅଣ୍ଡା ଅଛି, ଯାହାର ମୂଲ୍ୟ ପ୍ରାୟ ୨୭୩ କୋଟି ଟଙ୍କା। ଏହା ଆଶ୍ଚର୍ଯ୍ୟ ଲାଗୁଥାଇପାରେ, କିନ୍ତୁ ସତ। ଏତେ ଟଙ୍କାରେ ଜଣେ ସହଜରେ ୧୦୦ରୁ ଅଧିକ ଚମକଦାର ହେଲିକପ୍ଟର କିଣିପାରିବେ। 'ୱିଣ୍ଟର ଏଗ୍' ନିଲାମରେ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏହା ପ୍ରସିଦ୍ଧ ରୁଷୀୟ ଅଳଙ୍କାର ଫାବର୍ଗେଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏବଂ ଏହା ତାଙ୍କ କଳାକୃତିର ଏକ ଅନନ୍ୟ ଉଦାହରଣ। ତରଳିଯାଇଥିବା ବରଫ ଖଣ୍ଡ ପରି ଦେଖାଯାଉଥିବା ଏହି ଅଣ୍ଡା ସ୍ଫଟିକରେ ତିଆରି। ଏଥିରେ ପ୍ରାୟ ୪,୫୦୦ ଛୋଟ ହୀରା ଖଚିତ ହୋଇଛି। ଅଣ୍ଡା ଭିତରେ ଏକ ଫୁଲଦାନୀ ମଧ୍ୟ ରଖାଯାଇଛି। ସାମଗ୍ରିକ ଭାବରେ, ଏହି 'କ୍ରିଷ୍ଟାଲ ଫାବର୍ଗେ ଏଗ୍'ର କାରିଗରି ଏତେ ଚମତ୍କାର ଯେ, ଏହା ଲୋକଙ୍କୁ ସହଜରେ ମୋହିତ କରେ। ଏହି ଅଣ୍ଡାର ଇତିହାସ କୌଣସି ଚଳଚ୍ଚିତ୍ର ସ୍କ୍ରିପ୍ଟଠାରୁ ବି କମ୍ ନୁହେଁ। ରିପୋର୍ଟ ଅନୁସାରେ, ଏହି ଅଣ୍ଡା ୧୯୧୩ରେ ଇଷ୍ଟରରେ ରୁଷିଆର ଜାର ନିକୋଲାସ ଦ୍ୱିତୀୟ ତାଙ୍କ ମା' ମହାରାଜା ମାରିଆ ଫିଓଡୋରୋଭନାଙ୍କୁ ଉପହାର ଦେଇଥିଲେ। ଏହା କେବଳ ଏକ କଳାକୃତି ନୁହେଁ, ବରଂ ରାଜ ପରିବାରର ଐଶ୍ୱର୍ଯ୍ୟର ସର୍ବଶ୍ରେଷ୍ଠ ପ୍ରତୀକ ଥିଲା।

କଥିତ ଅଛି ଯେ, ଜାରଙ୍କ ଶାସନ ଶେଷ ହେବା ପରେ ଏହି ଅଣ୍ଡା ହଜିଯାଇଥିଲା, କିନ୍ତୁ ଏହା ୧୯୯୦ ଦଶକରେ ମିଳିଥିଲା। ସେବେଠାରୁ ଏହି ଅଣ୍ଡା ପ୍ରତ୍ୟେକ ଥର ବିକ୍ରି ହୋଇଛି, ଏଥର ପୂର୍ବ ସମସ୍ତ ନିଲାମ ରେକର୍ଡ ଭାଙ୍ଗିଛି। ଏବେ ୨୭୩ କୋଟିରେ ବିକ୍ରୟ ହୋଇଥିବାରୁ ଏହା ପ୍ରମାଣିତ କରିଛି ଯେ, କଳା ଏବଂ ଇତିହାସ ସମ୍ପତ୍ତି ଅପେକ୍ଷା ବହୁ ମୂଲ୍ୟବାନ୍।



# କମୁଛି ହୀରାକୁଦ ଜଳଧାରଣ କ୍ଷମତା

## ବଢ଼ିଲା ଶାସକ-ବିରୋଧୀଙ୍କ ଚିନ୍ତା

ଭୁବନେଶ୍ୱର,୪।୧୨
(ରବିନାରାୟଣ ଜେନା)

ଯେଉଁ ହୀରାକୁଦକୁ ନେଇ ଓଡ଼ିଶା ଗର୍ବିତ ଏବେ ତା'ର ଜଳଧାରଣା କ୍ଷମତା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏପରି କି ନଦୀବନ୍ଧର ୨୭ ପ୍ରତିଶତ ଜଳଧାରଣ କ୍ଷମତା କମିସାରିଲାଣି ବୋଲି କହି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଶୂନ୍ୟକାଳରେ ସ୍ୱର ଉଠାଇ ସରକାରଙ୍କଠାରୁ ତୁରନ୍ତ ସୁରକ୍ଷା ଲୋଡ଼ିଥିଲେ। ଏହି ପ୍ରସଙ୍ଗରେ ଉତ୍ତର ଦେବାକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ସରକାର ଏନେଇ ଉଦ୍ୟମ କରୁଛନ୍ତି।

ବିଧାନସଭାର ଶୂନ୍ୟକାଳରେ ପ୍ରସନ୍ନ କହିଛନ୍ତି, ହୀରାକୁଦ ଡ୍ୟାମ୍‌ରେ ବାଲି ତଥା ପଙ୍କ ଜମା ହେବା ଫଳରେ ଧୀରେ ଧୀରେ ଡ୍ୟାମର ଜଳ ଧାରଣା କ୍ଷମତା ଦିନକୁ ଦିନ କମି ଯାଉଛି। ରାଜ୍ୟ ସରକାର ହୀରାକୁଦ ଡ୍ୟାମ୍ ସମସ୍ୟା ନେଇ ଗୁରୁତ୍ୱ ଦିଅନ୍ତୁ। ଏହି ବୃହତ୍ ନଦୀବନ୍ଧର ଯୋଜନା ୧୦୦ବର୍ଷକୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ବନ୍ୟା ରୋକିବା ସହିତ ବିଦ୍ୟୁତ୍ ଉତ୍ପାଦନ ଏବଂ ଜଳସେଚନ ବ୍ୟବସ୍ଥା କରାଯିବାକୁ ଆଭିମୁଖ୍ୟ ରହିଥିଲା। ହେଲେ ଏବେ ଯେଉଁ ପରିସ୍ଥିତି ଉପୁଜିଛି ତାହା ହୀରାକୁଦ ପ୍ରତି ବିପଦ ସୃଷ୍ଟି କରିଛି। ହୀରାକୁଦ ଡ୍ୟାମ୍ କୂଳରେ ସରକାର କାହିଁକି ବଡ଼ ବଡ଼ କମ୍ପାନୀମାନଙ୍କୁ ହୋଟେଲ କରିବାକୁ ଜମି ଦେବାକୁ ନିଷ୍ପତ୍ତି ନେଇଛନ୍ତି ତାହା ବୁଝାପଡୁନାହିଁ। ସେହିପରି ହୀରାକୁଦ ଡ୍ୟାମ୍ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ କମି କମି ଯାଉଛନ୍ତି। ତେଣୁ ଖାଲି ପଡୁଥିବା ପଦବୀ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି କହି ପ୍ରସନ୍ନ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାର ଉତ୍ତର ରଖିବାକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିରୋଧୀ ଦଳ ଉପନେତା ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହୀରାକୁଦରେ ପଙ୍କ ମାଡ଼ି ଯାଇଥିବାରୁ ଜଳଧାରଣା କ୍ଷମତା କମିବାରେ ଲାଗିଛି । ହୀରାକୁଦ ନଦୀବନ୍ଧ ନିର୍ମାଣ ବେଳେ ୧ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହେବା ସହିତ ମୂଲ୍ୟବାନ ଜମି ହରାଇଛନ୍ତି। ସେତେବେଳେ ସରକାରଙ୍କ ପକ୍ଷରୁ ସେଭଳି ଥଇଥାନ ନୀତି ଆପଣା ଯାଇ ନ ଥିଲା। ଏଥିପାଇଁ ଅଞ୍ଚଳବାସୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ତେବେ ହୀରାକୁଦ ଡ୍ୟାମ୍‌ରୁ ଏବେ ପଙ୍କୋଦ୍ଧାର କରାଯିବା ସହିତ ବାଲି, ଗୋଡ଼ି କାଢ଼ିବାକୁ ହେବ। ପୂର୍ବ ସରକାର ଏନେଇ ଜାପାନ ସରକାରଙ୍କ ଜରିଆରେ ସଫା କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ ବିଫଳ ହୋଇଥିଲେ। ଯେହେତୁ ବଡ଼ ବଡ଼ ଗଛ ରହିଥିଲା ସେସବୁକୁ ସମ୍ପୂର୍ଣ୍ଣ ତାଡ଼ି କାଢ଼ିବା ବଦଳରେ କେବଳ କାଟି ଦେଇ ସଫେଇ କାର୍ଯ୍ୟ କରାଯାଇଥିଲା। ଏବେ ସେହି କାର୍ଯ୍ୟ କରିବା ପାଇଁ ଆମେ କେନ୍ଦ୍ର ସରକାର ଓ ବିଭିନ୍ନ ଟେକ୍‌ନିକାଲ ଟିମ୍ ସହ ଆଲୋଚନା କରୁଛୁ। କେନ୍ଦ୍ର ସରକାର ସବୁ ଡ୍ୟାମ୍‌କୁ ସୁରକ୍ଷା ପାଇଁ ଡ୍ୟାମ୍ ସେଫ୍ଟି ଆଇନ ଆଣିଛନ୍ତି । ପର୍ଯ୍ୟଟନ କଥା ଉଠୁଛି। କିନ୍ତୁ ଆମେ ପ୍ରଥମେ ହୀରାକୁଦର ସୁରକ୍ଷା ଦେଖିବୁ ପରେ ଯାହା ହେବ। ଛତିଶଗଡ଼ ସହ ଥିବା ଜଳବିବାଦ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି, ଏହାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ସମୟରେ ଗୃହର ମଧ୍ୟଭାଗରେ କଂଗ୍ରେସ ବିଧାୟକଗଣ ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ଦଳ ପକ୍ଷରୁ ଦିଆଯାଇଥିବା ସଂକଳ୍ପ କାହିଁକି ଗ୍ରହଣ କରାଯାଉ ନାହିଁ କହି ପ୍ରବଳ ହଙ୍ଗାମା କରିଥିଲେ। ଗୃହରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଲାଗି ବାଚସ୍ପତି ସୁରମା ପାଢ଼ୀ ୪ଥର ମୁଲତବୀ ଘୋଷଣା କରିଥିଲେ। ଏହାପରେ ୧୨ଟା ୩୦ ମିନିଟରେ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା।

## ଆପୋସ ସମାଧାନରେ ତୁଟିପାରିବ ମହାନଦୀ ଜଳ ବିବାଦ: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର,୪।୧୨
(ରବିନାରାୟଣ ଜେନା)

ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦ ମାମଲାକୁ ରାଜ୍ୟ ସରକାର ବହୁ ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି। ଏଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଜଳବିବାଦକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସମସ୍ତ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ବିଧାନସଭାରେ ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗା ପ୍ରସନ୍ନ ନାୟକ ମହାନଦୀ ଜଳ ବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି । ଶୁକ୍ରବାର ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ବର୍ତ୍ତମାନ ମହାନଦୀ ବିବାଦ ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଆପୋସ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଛତିଶଗଡ଼ରେ ଭାଜପା ସରକାର ଆସିବା ପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଯାଇଛି। ଏହାପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏନେଇ ଆଲୋଚନା କରିଥିଲେ। ଏହାବାଦ୍ ୨୦୨୫ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ବିବାଦର ସମାଧାନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ କମିଟିର ବୈଠକ ୬ଥର ଅନୁଷ୍ଠିତ ହୋଇ ସାରିଲାଣି। ସବୁଠାରୁ ବଡ଼କଥା ହେଲା, ଆସନ୍ତା ୨୦ ତାରିଖରେ ଟ୍ରିବ୍ୟୁନାଲରେ ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ହେବାକୁ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ଦୁଷ୍ମନ୍ତ କୁମାର ସ୍ୱାଇଁ ମହାନଦୀ ବନ୍ଦର ଭିତର ପାର୍ଶ୍ୱ ପଥର ପ୍ୟାକିଂ ପାଇଁ ପଦକ୍ଷେପ ନିଆଯିବ କି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ସେନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି।

## ପୁରୁଣା ଆପାର୍ଟମେଣ୍ଟ ବିକ୍ରି ବାଟ ଫିଟିଲା | ପରଖି କିଣିବାକୁ କ୍ରେତାଙ୍କୁ ପରାମର୍ଶ

ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ପୁରୁଣା ଆପାର୍ଟମେଣ୍ଟଗୁଡ଼ିକ କିଣାବିକା ନେଇ ରହିଥିବା କଟକଣାକୁ ରାଜ୍ୟ ସରକାର କେତେକ କ୍ଷେତ୍ରରେ କୋହଳ କରିଛନ୍ତି। ୨୦୧୬ ଅକ୍ଟୋବର ୫ ପୂର୍ବରୁ ଯେଉଁସବୁ ଆପାର୍ଟମେଣ୍ଟ ବିକ୍ରି କରିବାକୁ ଚାହିଁବେ, ସେଗୁଡ଼ିକ ବିକ୍ରି ହୋଇପାରିବ। ତେବେ ନୂତନ କ୍ରେତା ଏହି ଆପାର୍ଟମେଣ୍ଟ କିଣିବା ବେଳେ ତା'ର ବିଭିନ୍ନ ଆଇନଗତ ଦିଗକୁ ଦେଖି ଚାହିଁ ଓ ପରଖି କିଣିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜାରି କରିଥିବା ଏହି ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏସଂକ୍ରାନ୍ତୀୟ ଆଇନର ତର୍ଜମା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେ ଦର୍ଶାଇଛନ୍ତି ଯେ, ୨୦୧୬ ଅକ୍ଟୋବର ୫ ତାରିଖ ପୂର୍ବର ପୁରୁଣା ଆପାର୍ଟମେଣ୍ଟ ଏବେ ବିକ୍ରି ହୋଇପାରିବ। ଏହି ସମୟରେ ସେହି ଆପାର୍ଟମେଣ୍ଟରେ ଯେତିକି କମନ ଏରିଆ ଥିବ ତାହା ଆପଣାଛାଏଁ କ୍ରେତାଙ୍କ ନାମକୁ ଆସିବ ଏବଂ ତାହା ସୋସାଇଟ ହାତକୁ ଚାଲିଯିବ। ମାତ୍ର ପୂର୍ବରୁ ବିଲଡର ଯେଉଁ ଏସବୁ ଅଞ୍ଚଳରେ ନିଜର ମାଲିକାନା ରଖୁଥିଲେ ତାହା ଆଉ ରହିବ ନାହିଁ। ଯଦି ସେଠାରେ ପୂର୍ବରୁ କୌଣସି ସୋସାଇଟି ଗଠନ ହୋଇଥିବ ତାହା ନିକଟକୁ କମନ ଏରିଆ ଯିବ, ମାତ୍ର କେତ୍ରାଙ୍କ ଅଂଶ ରହିବ।




LATE
MANA GOVINDA MOHANTY
05.12.1904 - 21.03.1981
Mandasahi, Jagatsinghapur

Upholding his values and continuing his legacy

*On his **121st Birth Anniversary**, we at **Mana Govinda Mohanty Charitable Trust** pledge to continue our journey as an organisation with the community at its heart*

**Wellness Centre** at Old Age home of RAWA ACADEMY

Collaboration with **RAWA Academy** and other organisations **in the upkeep and education of orphan children**

Ongoing collaboration with **BETTER LIFE FOUNDATION** to promote **talented otherwise-abled athletes / sports person**, helping them excel and achieve their life goals

Sponsored **20 Paediatric Cardiac Surgeries** conducted by **Sri Sathya Sai Sanjeevani Centre for Child Healthcare**

BEST WISHES FROM :
| Sabita | Rajib Lochan & Meenoti | Namita | Kamal Lochan & Annapurna |
| Padma Lochan & Sandhya | Pankaj Lochan & Seema |
| Siddhartha | Anshuman | Tanuj |
| Anamika | Poonam | Priyangana | Ivaani |





# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟ ପ୍ରାଥମିକ ମହାସଂଘ ପକ୍ଷରୁ ବିଭିନ୍ନ ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ।
- ୧୫ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦ ।
- ମେରା ଭାରତ ମହାନ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

**କଟକ**
- ଖ୍ରୀଷ୍ଟ ମହାବିଦ୍ୟାଳୟ ପକ୍ଷରୁ ଖ୍ରୀଷ୍ଟମାସ କ୍ୟାରୋଲ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦ ।

**ଖୋର୍ଦ୍ଧା**
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁରାଢ଼ମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାର୍କୋଣା, ସମୟ: ସକାଳ ୯ଟା ।

**ଭଦ୍ରକ**
- ଦିବଂଗତ ସାମାଜିକ କର୍ମୀ ଉଦ୍ଧବ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଢ଼ଙ୍ଗ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଆଜୀବନ ସଂଗ୍ରାମୀ ସ୍ୱର୍ଗତ ନିରାକାର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା, ସ୍ଥାନ: ଚରମ୍ପା ମାରୱାର ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ନିର୍ବାଚନମଣ୍ଡଳୀ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ପୁରୁଷୋତ୍ତମପୁର ନେତାଜୀ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ।
- ସାଂସଦ ଖେଳ ମହୋତ୍ସବର ଉଦ୍‌ଘାଟନୀ, ସ୍ଥାନ: ବହୁମୁଖି ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଭଦ୍ରକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

**କେନ୍ଦୁଝର**
- ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୯ ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ ; ମହାବିଦ୍ୟାଳୟ ଖେଳପଡ଼ିଆ, ଚମ୍ପୁଆ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଉତ୍ସବ, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ।

**ମୟୂରଭଞ୍ଜ**
- ବିଶ୍ୱ ମୃତ୍ତିକା ଦିବସ ପାଳନ,ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର-୧, ଶାମାଖୁଣ୍ଟା,ସମୟ: ପୂର୍ବାହ୍ନ ୧୦ଟା ।
- ଚିତ୍ରଡ଼ା କାକୁଡ଼ିହା ପ୍ରିମିୟର ଲିଗର ଉଦ୍‌ଘାଟନୀ ଦିବସ, ସ୍ଥାନ:ଚିତ୍ରଡ଼ା କାକୁଡ଼ିହା କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା ।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା ।

**ବ୍ରହ୍ମପୁର**
- ଋଷିକୁଲ୍ୟା ରୟତ ମହାସଭାର ଖବରଦାତା ସମ୍ମିଳନୀ, ସ୍ଥାନ: ଏନଜିଓ ହଲ, ସମୟ: ପୂର୍ବାହ୍ନ ୧୦ଟା ।

**ଢେଙ୍କାନାଳ**
- ବ୍ଲକ ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବିଶେଶ୍ୱର ବିଦ୍ୟାପୀଠ,ମୁଣ୍ଡେଇଲୋ, ସମୟ: ସକାଳ ୯ ଟା ।
- ବିଶ୍ୱ ମୃତ୍ତିକା ଦିବସପାଳନ, ସ୍ଥାନ: ମୃତ୍ତିକା ସଂରକ୍ଷଣ କେନ୍ଦ୍ର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ଭୁବନ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ : ଭୁବନ ବ୍ଲକ ବାଲିବୋ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ଜଗତ୍‌ସିଂହପୁର**
- ବନ୍ଦର ସାଂସ୍କୃତିକ ମହୋତ୍ସବ ସପ୍ତମ ସନ୍ଧ୍ୟାରେ ବିଦ୍ୟୁତ ବିଭାଗ ପକ୍ଷରୁ ନାଟକ 'ରୋମିଓ ଟାଇଗର' ମଞ୍ଚସ୍ଥ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା ।
- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ଅଗ୍ନିଲାଇ ମିନି ଷ୍ଟାଡିୟମ, ମାର୍ଶାଘାଇ, ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ଜଜାଙ୍ଗ ଖେଳପଡିଆ, କେନ୍ଦ୍ରାପଡ଼ା, ଛେଡ଼ିକାନି ଖେଳପଡିଆ, ମହାକାଳପଡା, ହାଇସ୍କୁଲ ଖେଳପଡିଆ, ଡେରାବିଶ, ସମୟ: ସକାଳ ୯ଟା ।

**ଯାଜପୁର**
- କାନାଡା ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ, ସ୍ଥାନ : ଯାଜପୁର ଜିଲାର କୁଆଖିଆ, ସମୟ: ପୂର୍ବାହ୍ନ ୧୧ଟା ।

**ନୟାଗଡ଼**
- ଘୋଡଲାଗି ପର୍ବର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର,ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମହାଲକ୍ଷ୍ମୀ ପୂଜାର ୨ୟ ଦିବସରେ ମହିଳା ଭଜନ ସମାରୋହ, ସ୍ଥାନ:ଗୋଡିପଡା ତଳସାହି, ସମୟ:ସନ୍ଧ୍ୟା୬ରୁ ରାତି ୧୦ ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୨ୟ ଦିବସରେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ରଥଗଡା ଛକି, ସମୟ:ସନ୍ଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ୨ୟ ଦିବସରେ ବାଦି ପାଲା, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ:ସନ୍ଧ୍ୟା ୭ ରୁ ରାତି ୧୦ଟା । ସ୍ଥାନ:ଗୋଡିପଡାର ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ସନ୍ଧ୍ୟା୭ରୁ ରାତି ୧୧ଟା ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୨ୟ ଦିବସରେ ଦର୍ପନାରାୟଣପୁରର ମହୀରାବଣ ବଧ, ସ୍ଥାନ:ଗୋଡିପଡା ତଳସାହି, ସମୟ:ରାତି୧୧ଟା ।

**ରାୟଗଡ଼ା**
- ପାରିବାରିକ ହିଂସା ନିରୋଧ ଆଇନ-୨୦୦୫କୁ ନେଇ କର୍ମଶାଳା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ,ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ମାର୍ଟ ଇଣ୍ଡିଆ ହାକ୍‌ଥନ-୨୦୨୫କୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଆଇଆଇଟି, ଗୁଣପୁର, ସମୟ: ମଧ୍ୟାହ୍ନ ୧୨ଟା ।

**ନବରଙ୍ଗପୁର**
- ଜିଲାସ୍ତରୀୟ ମୃତ୍ତିକା ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: କୋଷାଗୁମୁଡ଼ା ଟିଓଏମ୍‌ଇ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସରୁଗୁଡ଼ା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସମସ୍ତଙ୍କ ମତକୁ ଉଚ୍ଚ କରିବା ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**କୋରାପୁଟ**
- ଭୂସମ୍ପଦ ତଥ୍ୟାବଳୀ ଯାତ୍ରା, ସ୍ଥାନ: ଭାଟିପେଡ଼ା ଗ୍ରାମ, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ କୋରାପୁଟ ଓ ସୁନାବେଡା ଅଞ୍ଚଳ ପରିଦର୍ଶନ, ସ୍ଥାନ: କୋରାପୁଟ ଓ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଜାନିଗୁଡା ମିକ୍ସଡ଼ ଫାର୍ମ, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ, ସ୍ଥାନ: ପଞ୍ଚାୟତ ସମିତି କନଫେରନ୍ସ ହଲ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା ।
- ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଆଗ୍ରଗାମୀ ଅନୁଷ୍ଠାନ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଜିଲାପାଳଙ୍କ ସୁନାବେଡା ମ୍ୟୁନିସିପାଲିଟି ଅଞ୍ଚଳ ଗସ୍ତ, ସ୍ଥାନ: ସୁନାବେଡା ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।

**ମାଲକାନଗିରି**
- ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା ।
- ବନବନ୍ଧୁ ପରିଷଦ ସମ୍ବଲପୁର ଚ୍ୟାପ୍ଟର ଆୟୋଜିତ ଭାରତ କେ ରଙ୍ଗ ଲକଲ କେ ସଂଗ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୬ଟା ।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତକଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ।

**ବଲାଙ୍ଗୀର**
- ବଲାଙ୍ଗୀର ଜିଲାସ୍ତରୀୟ ଖରିଫ ଧାନକ୍ରୟ ଶୁଭାରମ୍ଭ, ସ୍ଥାନ: କୃଷି ସମବାୟ ସମିତି ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା ।

**ରାଉରକେଲା**
- ରାଉରକେଲା କଲେଜର ୩୯ତମ ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୪, ସମୟ: ଅପରାହ୍ନ ୪ଟା ।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫ ।

**ବରଗଡ଼**
- ମହାଲକ୍ଷ୍ମୀ ପୂଜା, ସ୍ଥାନ: କନ୍ଦୁମୁଣ୍ଡା, ଗାଇସିଲେଟ, ସମୟ, ସକାଳ ୮ଟା ।
- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ମେହେରପଡ଼ା, ବରପାଲି, ସମୟ: ସକାଳ ୮ଟା ।
- ଜୀବ ବିଜ୍ଞାନ ବିଭାଗର ଜାତୀୟ ସେମିନାର, ସ୍ଥାନ:ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସର ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।

**କଳାହାଣ୍ଡି**
- ଶ୍ରୀମଦ୍ ଭଗବତ ଗୀତା ପାରାୟଣ ଓ ବେଦାନ୍ତ ଧ୍ୟାନ ପ୍ରଶିକ୍ଷଣ, ସ୍ଥାନ: କେସିଙ୍ଗାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୬ଟା ୩୦ ।
- ଜିଲାସ୍ତରୀୟ କୁଇଜ୍, ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲା ଯୁବ ମହୋତ୍ସବ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ଅପରାହ୍ନ ୨ଟା ୧୦ ।

**ଦେବଗଡ଼**
- ଆଥଲେଟିକ୍ ମିଟ୍, ସ୍ଥାନ: ଦେବଗଡ଼ର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ଦେବଗଡ଼ ସିଡିଏଓ ନୂତନ କାର୍ଯ୍ୟାଳୟ କୋଠା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ଦେବଗଡ଼ ଦୋଳମଣ୍ଡପ ସାହି, ସମୟ: ଅପରାହ୍ନ ୧ଟା ୩୦ ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

**ସୁବର୍ଣ୍ଣପୁର**
- ପୋଲିସର ସେବା ଓ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ଥାନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ନବଦିନବ୍ୟାପି ରାମାୟଣ କଥା ଉଦ୍‌ଯାପନୀ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

**ନୂଆପଡ଼ା**
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ଭଷାଣି କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ସକାଳ ୯ଟା ।
- ଲକ୍ଷ୍ମୀପୂଜା ଭଷାଣି, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ସକାଳ ୯ଟା ।

# ବଢ଼ିବ ଶୀତ, ସମସ୍ୟା ବଢ଼ାଇବ ଘନ କୁହୁଡ଼ି

ଭୁବନେଶ୍ୱର,୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରୀ ଜାରି ରହିଥିବାବେଳେ ୧୬ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ରୁ ୩ଦିନ ମଧ୍ୟରେ ତାପମାତ୍ରା ଆହୁରି କମିବ। ଶୀତ ବଢ଼ିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ସମସ୍ୟା ବଢ଼ାଇବ। ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଅଧିକାଂଶ ଜିଲାରେ ପାଗ ଶୁଷ୍କ ରହିବା ସହ ରାଜ୍ୟର ୭ ଜିଲାରେ ଘନ କୁହୁଡି ଦୃଶ୍ୟମାନ ହେବ। ଏନେଇ ସେସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଶୀତର ପ୍ରଭାବ ସାମାନ୍ୟ କମ୍ ରହିଥିବାବେଳେ ଆଗାମୀ ୨ଦିନ ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ପରେ ୨ରୁ ୩ଡିଗ୍ରୀ ତାପମାତ୍ରା କମିବା ସହ ପୁଣି ବଢିବ ଶୀତ। ଏଥିସହ ଶୁକ୍ରବାର ଓ ଶନିବାର କୋରାପୁଟ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୋନପୁର ଓ ଝାରସୁଗୁଡା ଜିଲାର କିଛି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ସକାଳେ କୁହୁଡି ସହ ଆକାଶ ଆଂଶିକ ମେଘୁଆ ରହିବ। ସର୍ବାଧିକ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡା ୧୦.୯ ଡିଗ୍ରୀ, ଫୁଲବାଣୀ ୧୧, କୋରାପୁଟ ୧୧.୬, ରାଉରକେଲା ୧୨, ଭବାନୀପାଟଣା ଏବଂ ସୁନ୍ଦରଗଡ଼ରେ ୧୨.୫ ଡିଗ୍ରୀ, ବୌଦ୍ଧ ୧୨.୭, କେନ୍ଦୁଝରଗଡ ୧୨.୮, ଅନୁଗୋଳ ୧୩, ବଲାଙ୍ଗୀର ୧୩.୫, ଢେଙ୍କାନାଳ ୧୩.୯, ଭଦ୍ରକ ଓ ନବରଙ୍ଗପୁରରେ ୧୪ ଡିଗ୍ରୀ, ଟିଟିଲାଗଡ ଓ ସୋନପୁରରେ ୧୪.୪ ଡିଗ୍ରୀ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଣ୍ଟା ଦରାଣ୍ଡିଲି କଉଡ଼ି ନାହିଁ**
**ଦୁଧ ଦହି ଗଲା ଦୁଆର ଡେଇଁ ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଅର୍ଥ ନଥିଲେ ସବୁକିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଅର୍ଥାଭାବ କାରଣରୁ ନିଜର ଈପ୍ସିତ ଦ୍ରବ୍ୟ ହାତ ପାଆନ୍ତାରେ ଥାଇ ମଧ୍ୟ ଅପହଞ୍ଚ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ କଥା ଘଟଇ ଦେଖ**
**ପେଜ ପିଆଠେଇଁ ବାଜଇ ଶଙ୍ଖ।**

ଗରିବ ଅଭାବୀ ଲୋକଙ୍କ ଉପରେ ସମସ୍ତଙ୍କର ଆଖି। ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଇଥାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଆଜିର ଦୁନିଆରେ ଏହାହିଁ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡଲାର= ୯୦.୪୩ ଟଙ୍କା

**ଭାରତୀୟ ମୁଦ୍ରା ଦୁର୍ବଳ ହେବା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ଦର୍ଶାଉଛି: ଖାର୍ଗେ**

ମୁମ୍ବାଇ/ନୂଆଦିଲ୍ଲୀ,୪।୧୨(ପି.ଟି./ଏଜେନ୍ସି)

ଡଲାର ତୁଳନାରେ ଭାରତୀୟ ମୁଦ୍ରା ଗୁରୁବାର ଆହୁରି ୨୮ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୦.୪୩ ଟଙ୍କାକୁ ଖସିଛି। ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମୁହଁ ଫେରାଇବା କାରଣରୁ ଟଙ୍କାର ଏପରି ଅବମୂଲ୍ୟାୟନ ହେଉଥିବା କୁହାଯାଉଛି।

ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଗୁରୁତ୍ୱପୂର୍ଣ୍ଣ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ପୂର୍ବରୁ ବଡ଼ ହସ୍ତକ୍ଷେପ କରୁ ନ ଥିବାବେଳେ ଡଲାରର ଚାହିଦା ବଢ଼ିଚାଲିଛି। ଫଳରେ ସ୍ଥାନୀୟ ମୁଦ୍ରା ଉପରେ ଚାପ ବଢ଼ିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ୯୦.୩୬ରେ ଖୋଲିଥିଲା। ପରେ ଏହା ୨୮ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୦.୪୩କୁ ଖସିଯାଇଥିଲା। ବୁଧବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦.୧୫ ରହିଥିଲା। ଟଙ୍କା କ୍ରମାଗତ ଭାବେ ଦୁର୍ବଳ ହେବା ପଛରେ ଆମଦାନୀ ମହଙ୍ଗା ହେବ, ଯାହାକି ମୁଦ୍ରାସ୍ଫୀତିକୁ ବଳ ଦେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



ଏହି ପ୍ରସଙ୍ଗ ଗୁରୁବାର ସଂସଦରେ ମଧ୍ୟ ଉଠିଛି। କଂଗ୍ରେସ ସାଧାରଣ ସମ୍ପାଦିକା ଏନେଇ ଭାଜପାକୁ ଟାର୍ଗେଟ କରିଛନ୍ତି। ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ପାର୍ଲାମେଣ୍ଟ ପରିସରରେ କହିଛନ୍ତି, କିଛିବର୍ଷ ତଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଅମଳରେ ଟଙ୍କାର ଅବମୂଲ୍ୟାଙ୍କନକୁ ନେଇ ସେମାନେ ଦେଇଥିବା ମନ୍ତବ୍ୟ ଉପରେ ଏବେ କ'ଣ କହିବେ ? ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ 'X'ରେ ଲେଖିଛନ୍ତି, ସରକାର ଯେତେ ଡିଣ୍ଡିମ ପିଟିଲେ ବି ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଏହା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ଯଦି ମୋଦି ସରକାରଙ୍କ ନୀତିଗୁଡ଼ିକ ଠିକ୍ ଥାଆନ୍ତା ତେବେ ଟଙ୍କା ଖସୁ ନ ଥାନ୍ତା। ୨୦୧୪ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଟଙ୍କା କାହିଁକି ପତଳା ହେବାରେ ଲାଗିଛି, ସରକାରଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ। ଦେଶ ସରକାରଙ୍କଠାରୁ ଉତ୍ତର ମାଗୁଛି। ଆଜି ଆମେ ସମାନ ପ୍ରଶ୍ନ ଉଠାଉଛୁ। ମୋଦିଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ। ଏହା ପୂର୍ବରୁ ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେ ସଂସଦ ପରିସରରେ ଖବରଦାତାମାନଙ୍କୁ କହିଥିଲେ, ଟଙ୍କାର ଅବମୂଲ୍ୟାଙ୍କନ ଘଟୁଥିବାରୁ ଦେଶର ଆର୍ଥିକ ସ୍ଥିତି ଠିକ୍ ନ ଥିବା ଜଣାପଡୁଛି। ସେମାନେ ଆମ ଆର୍ଥିକ ସ୍ଥିତିରେ ଉନ୍ନତି ଆଣୁଥିବା ବିଷୟ କହିଚାଲିଛନ୍ତି। କିନ୍ତୁ ଟଙ୍କା ଖସିବାରେ ଲାଗିଛି।

## ପ୍ରଥମ ପୃଷ୍ଠାରୁ...

### ଗାନ୍ଧୀ ବିରୋଧୀ...

ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଗୃହ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କହିବାକୁ କହିଥିଲେ। ମନ୍ତ୍ରୀ ମହାଲିଙ୍ଗ କହିଥିଲେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପାଇଁ ମାନବଜାତି ସବୁବେଳେ ସମ୍ମାନ ପାଇଥାଏ। ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ଗୃହରେ ରଖିଥିବା ମନ୍ତବ୍ୟକୁ ସରକାରଙ୍କ ତରଫରୁ ନାପସନ୍ଦ କରାଯାଉଛି।

ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ ଓ ଧାରଣା ଦେବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଗାନ୍ଧୀ ହେଉଛନ୍ତି ଜାତିର ପିତା। ଗାନ୍ଧୀଙ୍କୁ ନିନ୍ଦା ଚଳିବ ନାହିଁ। ଭାଜପା ବିଧାୟକ ଇତିହାସ ଜାଣିନାହାନ୍ତି। ଗାନ୍ଧୀ କେବେହେଲେ ଦେଶ ବିଭାଜନ ସମ୍ପର୍କରେ ଚିନ୍ତାକରିବା କୌଣସି ଗୋଟିଏ ସ୍ଥାନରେ କେହି ବି ପଢ଼ି ନ ଥିବେ। କୌଣସି ମୂର୍ଖ ବି କହିବେନି ଗାନ୍ଧୀ ଦେଶର ବିଭାଜନ ଚାହୁଁଥିଲେ। ସ୍ୱାଧୀନତା ପରେ ମହାତ୍ମା ଗାନ୍ଧୀ ଭାରତ-ପାକିସ୍ତାନ ଭାଗଭାଗ କରିଦେଲେ ବୋଲି ଗୃହ ଭିତରେ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଏବଂ ଭୟଙ୍କର ବୋଲି ସେ କହିଛନ୍ତି।

ଏହି ଅବସରରେ ବିଜେଡି ଏବଂ କଂଗ୍ରେସର ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଧାରଣା ଦେବା ସମୟରେ ଅଭିଯୋଗକରି କହିଥିଲେ, ଗାନ୍ଧୀ କେବେହେଲେ ଦେଶର ବିଭାଜନ ଚାହିଁ ନ ଥିଲେ। ଯିଏ ନିଜକୁ ଜଳାଞ୍ଜଳି ଦେଇ ଦେଶକୁ ସ୍ୱରାଜ୍ୟ ଦେଇଛନ୍ତି, ସେହି ମହାନ୍ ବ୍ୟକ୍ତି ଯାହାକୁ ପୃଥିବୀର ଲୋକମାନେ ମାନୁଛନ୍ତି; ତାଙ୍କ ପ୍ରତି ଭାଜପା ବିଧାୟକ ଯେଉଁଭଳି ଅପଶବ୍ଦ ବ୍ୟବହାର କଲେ ସେଥିରୁ ଦେଶର ପୂଜ୍ୟପୂଜାଙ୍କ ପାଇଁ ଭାଜପା ସରକାରର ମାନସିକତା କଥା ସ୍ପଷ୍ଟ ହୋଇଛି। ଏଭଳି କଥାକୁ କଂଗ୍ରେସ କେବେ ହେଲେ ପ୍ରଶ୍ରୟ ଦେବ ନାହିଁ ବୋଲି କାଡାମ କହିଛନ୍ତି। ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଧାରଣାସ୍ଥଳରୁ କହିଥିଲେ, ସମଗ୍ର ବିଶ୍ୱ ଗାନ୍ଧୀ ଦର୍ଶନକୁ ଗ୍ରହଣ କରୁଛି। ହେଲେ ଓଡ଼ିଶା ବିଧାନସଭାରେ ଗାନ୍ଧୀଙ୍କ ବିରୋଧରେ ଭାଜପା ବିଧାୟକ ସନ୍ତୋଷ ଖଟୁଆ ଅପଶବ୍ଦ ବ୍ୟବହାର କରିବା କଥାକୁ କେବେହେଲେ ଗ୍ରହଣ କରାଯିବ ନାହିଁ। ଗାନ୍ଧୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଲାଗି ଏଠାରେ ଧାରଣା ଦିଆଯାଇଛି।

### ଦିଲ୍ଲୀରେ ପୁଟିନ୍...

ଆରମ୍ଭ ହେବା ପରେ ଏହା ହେଉଛି ପୁଟିନ୍‌ଙ୍କ ପ୍ରଥମ ଭାରତ ଗସ୍ତ। ପୁଟିନ୍ ନୂଆଦିଲ୍ଲୀର ପାଲାମ ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ରେଡ୍ କାର୍ପେଟ୍ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଗସ୍ତର ଗୁରୁତ୍ୱକୁ ବୁଝି ପ୍ରଟୋକଲ ଭଙ୍ଗକରି ପୁଟିନ୍‌ଙ୍କୁ ସ୍ୱାଗତ କରିବାକୁ ଯାଇଥିଲେ। ସେଠାରେ ଦୁଇନେତା ପରସ୍ପରକୁ କରମର୍ଦ୍ଦନ କରିବା ପରେ ଆଲିଙ୍ଗନ କରିଥିଲେ। ଉଭୟେ ଗୋଟିଏ କାର୍‌ରେ ସେଠାରୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଟିନ୍‌ଙ୍କୁ ମୋଦି ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ୨୩ତମ ଭାରତ-ରୁଷିଆ ସମ୍ମିଳନୀରେ ଉଭୟ ନେତା ସାମିଲ ହେବାକୁ ଥିବାବେଳେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧାର୍ମିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁମାନେ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ମତପାର୍ଥକ୍ୟକୁ ନେଇ ତିକ୍ତତା ଦେଖାଦେବ। ତର୍କବିତର୍କର ଶେଷ ପର୍ଯ୍ୟାୟରେ ବନ୍ଧୁ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ। ଅତୀତ କଥାକୁ ବିଶେଷ ଆଲୋଚନା କରି ପାରିବାରିକ ସମସ୍ୟାକୁ ବଢ଼ାଇବା ଠିକ୍ ହେବନାହିଁ।

**ବୃଷ**
କର୍ମକ୍ଷେତ୍ରରେ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ପାରନ୍ତି। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଉପୁଜିପାରେ।

**ମିଥୁନ**
ବହୁ ଦିନର ସ୍ୱପ୍ନକୁ ସାକାର କରି ନୂତନ ଯୋଜନାରେ ଆର୍ଥିକ ସ୍ଥିତି ବଦଳିଯିବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ସନ୍ତାନମାନଙ୍କ ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ।

**କର୍କଟ**
ବନ୍ଧୁଙ୍କ ସହାୟତାରେ ଯାତ୍ରାକାଳୀନ ସମସ୍ୟାକୁ ସୁଧାରି ନେଇପାରନ୍ତି। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ ମାର୍ଗର ଅନୁସରଣ କରିବାକୁ ପଡିପାରେ।

**ସିଂହ**
ପାରସ୍ପରିକ ମତଭେଦ କାରଣରୁ ସହକର୍ମୀ ସହ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟୟ ବୃଦ୍ଧି ଯୋଗୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ ଓ ପରିବହନରେ ସନ୍ତୋଷଜନକ ଫଳ ଦେଖାଦେଇପାରେ।

**କନ୍ୟା**
ପରିବାରର ପରିସ୍ଥିତିକୁ ସଜାଡିବା ସକାଶେ ବନ୍ଧୁ ଜମିବାଡି ବିକ୍ରିକରିବା ପାଇଁ ପ୍ରବର୍ତ୍ତାଇ ପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ବିଶ୍ୱସ୍ତ ସୂତ୍ରରୁ ଶୁଭଖବର ପାଇବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସବ୍ୟସନ ପ୍ରତି ଅଭିରୁଚି ବଳିପାରେ। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢାଇଦେବାର ଆଶଙ୍କା ରହିଛି।

**ବିଛା**
ଆଜି ବନ୍ଧୁ ମେଳରେ ରହି ଦୁଃଖକୁ ଭୁଲିପାରିବେ । କେତେକ ପରିସ୍ଥିତିରେ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ପଶ୍ଚାତେ ମନସ୍ତାପ କରିବାକୁ ପଡିପାରେ । ସାମାଜିକ ପ୍ରତିଷ୍ଠା ବଢିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ସଫଳତା ପ୍ରାପ୍ତିର ଆଶା ଆପଣଙ୍କୁ ଉତ୍ସାହିତ କରିପାରେ।

**ଧନୁ**
ପ୍ରତିକୂଳ ପରିସ୍ଥିତିର ଚାପ ବଢିବାରୁ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ସାହାଯ୍ୟକାରୀ ମନୋଭାବ ପ୍ରଭାବରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଜି ବନ୍ଧୁଙ୍କ ସହାୟତାରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବାର ସୂଚନା ରହିଛି। ପାରିବାରିକ ପରିସ୍ଥିତି କେତେକାଂଶରେ ସୁଧୁରିଯିବା କାରଣରୁ ମନ ହାଲୁକା ହୋଇଯିବ।

**ମକର**
କର୍ମକ୍ଷେତ୍ରରେ ବୁଝିବିଚାରି କାମ ନ କଲେ ଅପରିଣାମଦର୍ଶୀ ହେବା ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**
ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବାରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତି ଆଶଙ୍କା ରହିଛି। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ପରିସ୍ଥିତି ପୂର୍ବାପେକ୍ଷା ଭଲ ରହିବାରୁ ଖୁସି ଅନୁଭବ କରିବେ।


**ମୀନ**
ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ଶାରୀରିକ ସୁସ୍ଥତା ଓ ବନ୍ଧୁମାନଙ୍କ ସହାନୁଭୂତି ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କାମରେ ଶିଥିଳତା ଅନୁଭବ କରିବା ସହ ନିରୁତ୍ସାହିତ ରହିପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ପୌଷ କୃଷ୍ଣ ପ୍ରତିପଦା ଶୁକ୍ରବାର। ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦିବା ଘ.୧୧।୪୬ ମି. ଗତେ, ମୃଗଶିରା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୧ ମି. ଗତେ, ଘ.୦୬।୫୪ ମଧ୍ୟେ, ଘ.୦୭।୩୮ ଗତେ, ଘ.୦୮।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୫ ମି. ଗତେ, ଘ.୧୧।୩୭ ମି. ମଧ୍ୟେ ରାହୁ କାଳ ।

**ଆଜି ରାଜ୍ୟ କ୍ୟାବିନେଟ**

ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା): ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ରାତି ୮ଟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୫ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାକୁ ରହିଛି। ତେବେ ବିଧାନସଭାରେ ଅତିରିକ୍ତ ବଜେଟ ଅଧିବେଶନ ଚାଲୁ ରହିଥିବାରୁ ଏହାକୁ ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯିବ କି ନାହିଁ ସେନେଇ ସ୍ପଷ୍ଟ ହୋଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

**ଇଣ୍ଡିଗୋର ଉଡ଼ାଣ ବିଭ୍ରାଟ**




# ହାତୀ ଆକ୍ରମଣରେ ୨ ମୃତ, ଉତ୍ତେଜନା

**ଛେଣ୍ଡିପଦା,୪।୧୨ (ଅଜିତ ଧଳ)**



ଚେରୁ ଦେହୁରୀଙ୍କ ମୃତଦେହ ନିକଟରେ ଗ୍ରାମବାସୀ ଓ ବନ କର୍ମଚାରୀ।

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଜୋରାଡ଼ଙ୍ଗା ଗାଁର ୨ ଜଣଙ୍କ ଜୀବନ ନେଇଛି ହାତୀ। ଗୁରୁବାର ଗୋଟିଏ ଦିନରେ ଗାଁର ୨ ଜଣଙ୍କୁ ହାତୀ ମାରିଦେଇଥିବାରୁ ଉତ୍ତେଜନା ଦେଖାଦେଇଛି । ମୃତକ ହେଲେ ଜୋରଡ଼ଙ୍ଗା ଗାଁର ଚେରୁ ଦେହୁରୀ (୭୦) ଓ ରଜନୀ ବେହେରା (୩୫)। ଚେରୁଙ୍କ ମୃତଦେହ ଛେଣ୍ଡିପଦା ବନାଞ୍ଚଳ ସୀମାରୁ ଓ ରଜନୀଙ୍କ ମୃତଦେହ କୁଣ୍ଢେଇଗୋଳା ବନାଞ୍ଚଳ ସୀମାରୁ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଜୋରାଡ଼ଙ୍ଗା ଗାଁର ଚେରୁ ନିକଟସ୍ଥ ବିଲମାଳକୁ ଶୌଚ ହେବା ପାଇଁ ଯାଉଥିବା ବେଳେ ହାତୀ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗାଁର ରଜନୀ ମଧ୍ୟ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ରଜନୀ ଗୁରୁତର ହୋଇ ଘଟଣାସ୍ଥଳରେ ପଡ଼ି ରହିଥିଲେ। ଖବରପାଇ ସ୍ଥାନୀୟ ଲୋକେ ରଜନୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ହାତୀପଲ ଥିବାରୁ ପାଖକୁ ଯାଇ ପାରି ନ ଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଛେଣ୍ଡିପଦା ଓ ରିଆମାଳ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପରେ ଗୁରୁତର ରଜନୀଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଜନୀଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘଦିନ ହେବ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ନିକଟରେ ୧୬ ଟିକିଆ ହାତୀପଲ ରହୁଥିବା ବେଳେ ବନବିଭାଗର ଅପାରଗତା ଯୋଗୁ ଗୋଟିଏ ଗାଁର ୨ ଜଣଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫରେଷ୍ଟର ସୁଶାନ୍ତ ନାଏକ ଓ କର୍ମଚାରୀମାନେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସରକାରୀ ନିୟମ ଅନୁଯାୟୀ ଥିବା ଅନୁକମ୍ପା ରାଶିରୁ ମୃତକଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ଦେବା ପାଇଁ ଛେଣ୍ଡିପଦା ଓ କୁଣ୍ଢେଇଗୋଳା ବନାଞ୍ଚଳ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଜ୍ରପାତ: ବର୍ଷକରେ ଗଲାଣି ୯୨ ଜୀବନ

**ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା)**

ବର୍ଷକ ମଧ୍ୟରେ ବଜ୍ରପାତରେ ୯୨ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ଚଳିତ ବର୍ଷ ବର୍ଷାଋତୁରେ ବଜ୍ରପାତ ଜନିତ ମୃତ୍ୟୁ ଚିନ୍ତାଜନକ ରହିଥିଲା। ଚଳିତ ବର୍ଷ କେବଳ ବଜ୍ରାଘାତରେ ୯୨ଜଣ ପ୍ରାଣ ହରାଇଥିବା ବେଳେ ବନ୍ୟାରେ ୪ ଓ କାଳ ବୈଶାଖୀରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ବଜ୍ରପାତରେ ସର୍ବାଧିକ ବରଗଡ଼ରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୋରାପୁଟରେ ୮, ଅନୁଗୋଳରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ମନ୍ତ୍ରୀ କହିଛନ୍ତି ଯେ,ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବାତ୍ୟା, ବନ୍ୟା ଓ ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ବାବଦରେ ପ୍ରାକ୍ ସୂଚନା ଦେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୬ ଗୋଟି ଉପକୂଳବର୍ତ୍ତୀ ଜିଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ୨୦୧୯ ମାର୍ଚ୍ଚ ୧୫ରୁ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ କୋଟିଏ ଘୋଷଣା

**ଭୁବନେଶ୍ୱର/ ବରଗଡ଼, ୪।୧୨(ସୌମ୍ୟରଞ୍ଜନ ରାଉତ/ ପ୍ରେମାନନ୍ଦ ଖମାରି)**

- **ବିଭିନ୍ନ ରାଜ୍ୟରେ ଏଲ୍ଇଡି ସ୍କ୍ରିନ୍‌ରେ ହେବ ସିଧା ପ୍ରସାରଣ: ସୂର୍ଯ୍ୟବଂଶୀ**
- **ପୁରୀ, ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ସେବା**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ। ଏନେଇ ଗୁରୁବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ଆସନ୍ତା ୨୪ ତାରିଖରୁ ଜାନୁଆରୀ ୩ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବ ଆୟୋଜନ ହେବ। ଏଥିରେ ଭାଗନେଉଥିବା ପ୍ରାୟ ୨୦୦ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏଲ୍ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ। ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ ହେବ। ପୁରୀ ଓ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବ। ସ୍ୱତନ୍ତ୍ର ୱେବ୍‌ସାଇଟ୍ ମଧ୍ୟ ଖୋଲିବ, ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମ ଉପଲବ୍ଧ ରହିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବ୍‌ସାଇଟରେ ଏକ ଡିଜିଟାଲ କୁଇଜ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ପୋଲିସ ସୁରକ୍ଷା, ଅଗ୍ନିଶମ ସୁରକ୍ଷା, ସ୍ୱଚ୍ଛତା, ଆଶୁ ଚିକିତ୍ସା ତଥା ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା। ଏହି ସମୟରେ ବରଗଡ଼ ସହରକୁ ମଥୁରା ନଗରୀ, ଅମ୍ବାପାଲି ଅଞ୍ଚଳକୁ ଗୋପପୁର, ଜୀରା ନଦୀକୁ ଯମୁନା ନଦୀର ନାମରେ ନାମିତ କରାଯାଏ। ଧନୁଯାତ୍ରା ମହୋତ୍ସବକୁ ଚଳିତଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବୈଠକରେ ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।


# ପ୍ରେମ ପାଇଁ ଟାୱାରରେ ଚଢ଼ିଲେ ଯୁବକ



**କେନ୍ଦୁଝର/ ପାଟଣା,୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ / ବୀର କିଶୋର ଦାଶ)**

ପ୍ରେମିକାଙ୍କୁ ପାଇବାକୁ ଗତ ୭୦ ଦଶକର (୧୯୭୫) 'ଶୋଲେ' ସିନେମା ଭଳି ପନ୍ଥା ଆପଣେଇଛନ୍ତି ଜଣେ ସ୍ଥାନୀୟ ଯୁବକ। ପ୍ରେମିକା ସହ କଥାହେବା ଜିଦ୍‌ରେ ପ୍ରେମିକ ଗୁରୁବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ କୁଡ଼ିଆ ନିକଟରେ ଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଯାଇଥିଲେ। ପ୍ରେମିକା ସହ କଥା ହେବା ପରେ ପ୍ରେମିକ ତଳକୁ ଓହ୍ଲାଇଥିଲେ। ଏ ନେଇ ଦୀର୍ଘ ସମୟ ଧରି ଉଦ୍ଧାରକାରୀ ଦଳକୁ ନାକେଦମ ହେବାକୁ ପଡ଼ିଥିଲା। ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପାଟଣା ଥାନା ଅନ୍ତର୍ଗତ କମାରମୋରା ଗ୍ରାମର ଦଶମନ୍ତ ମହାକୁଡ଼ (୨୯) ନୟାକୋଟ ଥାନା ଅଞ୍ଚଳର ଜଣେ ଝିଅକୁ ୩ ବର୍ଷ ହେଲା ପ୍ରେମ କରିଆସୁଛନ୍ତି। ତେବେ ଝିଅର ମା'ବାପା ସେମାନଙ୍କ ପ୍ରେମକୁ ସ୍ୱୀକାର କରୁନାହାନ୍ତି। ଫଳରେ ପ୍ରେମିକା ସହ କଥାବାର୍ତ୍ତା ହୋଇପାରୁ ନ ଥିଲେ। ଝିଅର ମା'ବାପାଙ୍କ ଉପରେ ଚାପ ପକାଇବାକୁ ଗୁରୁବାର ସକାଳ ୬ଟାରେ ଯୁବକ ଟାୱାର ଉପରେ ଚଢ଼ିଯାଇଥିଲେ। ପ୍ରେମିକା ତାଙ୍କ ସହ କଥା ନ ହେଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ଦମକଳ ବାହିନୀ ଜରିଆରେ ତଳେ ଜାଲ ବାନ୍ଧି ଯୁବକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ସକାଳ ୯ଟା ୩୦ରେ ପ୍ରେମିକା ଓ ପରିବାର ଲୋକଙ୍କ ସହ ଦଶମନ୍ତ ଫୋନ୍ ଯୋଗେ କଥା ହୋଇଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ସେ ତଳକୁ ଓହ୍ଲାଇଥିଲେ। ପୋଲିସ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ପରେ ତାଙ୍କ ବାପା ଆସିବା ପରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।




## ଭୁବନେଶ୍ୱର ବିମାନବନ୍ଦରରେ ଅକ୍ଷୟ କୁମାର



ବିମାନ ବନ୍ଦରରେ ସୁପରଷ୍ଟାର୍ ଅକ୍ଷୟ କୁମାର ।

**ଭୁବନେଶ୍ୱର,୪।୧୨ (ସୌମ୍ୟରଞ୍ଜନ ରାଉତ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗୁରୁବାର ସକାଳେ ବଲିଉଡ୍‌ର ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ହଠାତ୍ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହୋଇଯିବା ପରେ ଲୋକଙ୍କ ପ୍ରବଳ ଗହଳି ଜମିଥିଲା। ଅକ୍ଷୟଙ୍କୁ ଦେଖି ଫ୍ୟାନ୍‌ମାନେ ବହୁତ ଖୁସି ହେବା ସହ ଉତ୍ସାହିତ ହୋଇପଡ଼ିଥିଲେ। ଅକ୍ଷୟ ରାଜସ୍ଥାନ ଯୋଧପୁରରୁ ଭିଏତ୍‌ନାମକୁ ଯାଉଥିଲେ। ତେବେ ଭିଏତ୍‌ନାମକୁ ତାଙ୍କର ସ୍ୱେଶାଲ କନେକ୍ଟିଂ ଫ୍ଲାଇଟ୍ ଭୁବନେଶ୍ୱରରୁ ଥିବାରୁ ସେ ଏଠାରେ କିଛି ସମୟ ଅଟକି ରହିଥିଲେ। ଏହି ସମୟରେ ସେ ବିମାନବନ୍ଦର ବାହାରକୁ ଫ୍ୟାନ୍‌ମାନଙ୍କୁ ଦେଖାଦେଇଥିଲେ। ପରେ ଭୁବନେଶ୍ୱରରୁ ଭିଏତ୍‌ନାମକୁ ସ୍ୱେଶାଲ ଫ୍ଲାଇଟ୍ ଯୋଗେ ଯାତ୍ରା କରିଥିଲେ। ଅକ୍ଷୟ କୁମାରଙ୍କ ପାଇଁ ବିମାନବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

## ତଦନ୍ତ କଲେ ଉପଜିଲାପାଳ

**ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା**

**ନୀଳଗିରି, ୪।୧୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଛି। ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କ ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ, ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଯତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଘୋର ନିନ୍ଦା କରିବା ପରେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ୪୦ ଶିଟ୍ ଥିବା ଏହି ଛାତ୍ରାବାସରେ ଆଖପାଖ ଅଞ୍ଚଳର ପିଲାମାନେ ରହି ପାଠ ପଢ଼ିଥାନ୍ତି। କମାରଖାଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼କୁ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବା ବୁଧବାର ଭିଡିଓ ଭାଇରାଲ ହୋଇଥିଲା।






## ଗଛରେ ବାଡ଼େଇହେଲା ବାଇକ୍, ୨ମୃତ

**କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଦ୍ଦା)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ମଦଭାଟିପଡ଼ା ନିକଟରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ବାଡ଼େଇ ହୋଇଯିବାରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମହୁଲପାଲି ଥାନା ଭିକାପାଲି କନ୍ଦାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା(୨୧) ଓ ଆକାଶ ମୁଣ୍ଡା(୨୪)। ଗୁରୁତର ହୋଇ ବୁର୍ଲା ଭିମ୍‌ସାରରେ ଶିବାନ ମୁଣ୍ଡା(୨୧) ଚିକିତ୍ସିତ ହେଉଛନ୍ତି। ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ମୃତ ଓ ଗୁରୁତର ୩ ଯୁବକ ବାଇକ୍(ଓଡି-୧୬ଏନ୍‌ଓ- ୨୬୩) ଯୋଗେ କୌଣସି କାମରେ ଜରାବଗା ଯାଇଥିଲେ। ସେଠାରୁ ଗାଁକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜରାବଗା ମଦଭାଟିପଡ଼ା ନିକଟ ରାସ୍ତାକଡ଼ ଗଛରେ ବାଡ଼େଇହୋଇଥିଲା। ଫଳରେ ୩ଜଣ ଯାକ ଗାଡିରୁ ଛିଟିକିପଡିଥିଲେ। ଘଟଣାସ୍ଥଳରେ ମାନେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆକାଶ ଓ ଶିବାନଙ୍କୁ କୁଚିଣ୍ଡା ଉପଖଣ୍ଡ ମେଡିକାଲ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରେ ଆକାଶଙ୍କର ମୃତ୍ୟୁ ଘଟିଥିଲା।





"ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା



# ମହାସାଗରରେ ନିବେଶ

ପିଟର ବ୍ରିୟାଣ୍ଟ
ଓସେନ୍ ପ୍ରୋଗ୍ରାମ୍ ଡାଇରେକ୍ଟର, ବିଲ୍ଡର୍ସ ଭିଜନ (ଇନ୍‌ଭେଷ୍ଟିଂ ପ୍ଲାଟଫର୍ମ)

ସିନ୍ଦ୍ରେ ଓଷ୍ଟଗାର୍ଡ
ମ୍ୟାନେଜିଂ ପାର୍ଟନର, ୱି ଆର୍ ହ୍ୟୁମ୍ୟାନ୍ (କ୍ୟାପିଟାଲ ଫାର୍ମ)

ନିବେଶକମାନେ ନିବେଶ କରିବାକୁ ନିଷ୍ପତ୍ତି ନେବାବେଳେ ସେଥିରେ ଥିବା ସୁଯୋଗ, ବିପଦ ଏବଂ ଆଶା କରାଯାଉଥିବା ଲାଭ ସମ୍ପର୍କରେ କିଛି ମୌଳିକ ପ୍ରଶ୍ନ ଉତ୍ଥାପନ କରିଥାଆନ୍ତି। ମହାସାଗରେ ନିବେଶ କ୍ଷେତ୍ରରେ ଶେଷ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ଉତ୍ସାହପ୍ରଦ। ଏକ ସହନୀୟ ତଥା ସ୍ଥାୟୀ ବ୍ଲୁ ଇକୋନୋମୀ (ମହାସାଗର ଓ ଉପକୂଳ ସମ୍ବଳକୁ ବ୍ୟବହାର କରି ଆର୍ଥିକ ଅଭିବୃଦ୍ଧି ଆପଣଉଥିବା ଅର୍ଥ ବ୍ୟବସ୍ଥା)ରେ ନିବେଶ କରିବାରେ ଅତ୍ୟଧିକ ପରିବେଶଗତ, ସାମାଜିକ ଓ ଆର୍ଥିକ ଲାଭ ରହିଛି। ମହାସାଗରକୁ ଏକ ମୁକ୍ତ ଉପଲବ୍ଧ ସମ୍ବଳ ଭାବେ ବ୍ୟବହାର କରାଯାଇଆସିଛି। ସେଥିରୁ ମାଛ ଧରାଯାଉଛି। ତାହାକୁ ପ୍ରଦୂଷିତ କରାଯିବା ସହ ତାହାର ସୁରକ୍ଷା କଥା ଦିଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏବକାର ଏହି ଦୃଷ୍ଟିକୋଣ ବିପଜ୍ଜନକ ତଥା କ୍ଷତିକାରକ। ଜୈବ ବିବିଧତାର ପ୍ରମୁଖ ସ୍ଥଳ ଏବଂ ସର୍ବାଧିକ ଅଙ୍ଗାରକ ଶୋଷଣ କରୁଥିବା ମହାସାଗର ଜଳବାୟୁ ନିୟନ୍ତ୍ରଣ କରିବା ସହ ପାଣିପାଗ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ଖାଦ୍ୟ ପ୍ରଣାଳୀକୁ ମଜଭୁତ କରୁଛି। ସାମୁଦ୍ରିକ ପରିସଂସ୍ଥାକୁ ପୁନର୍ବାର ଦୃଢ଼ କରିବା ପାଇଁ ନୂଆ ଯୋଜନା ଓ ବିଜ୍‌ନେସ୍ ମଡେଲ ଆପଣାଇବା ଦ୍ୱାରା ମହାସାଗରକୁ ସୁରକ୍ଷିତ ରଖିବା ସହ ବ୍ୟବସ୍ଥାଗତ ଅସ୍ଥିରତା ଦୂର କରାଯାଇପାରିବ।

ସାମୁଦ୍ରିକ ପରିସଂସ୍ଥାଗୁଡ଼ିକ ହେଉଛି ଏକ ପ୍ରକାର ଉତ୍ପାଦନକ୍ଷମ ଆର୍ଥିକ ସମ୍ପତ୍ତି ଏବଂ ସମୟକ୍ରମରେ ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ହେଲେ ସେଗୁଡ଼ିକୁ ଗୌଣ କରିଦିଆଯାଉଛି। ଓଇସିଡିର ମହାସାଗର ଅର୍ଥ ବ୍ୟବସ୍ଥା ୨୦୩୦ ରିପୋର୍ଟକୁ ଭିତ୍ତିଭୂମି କଲେ ଜଣାପଡ଼େ ଯେ, ୧୯୯୫ରୁ ୨୦୨୦ ମଧ୍ୟରେ ମହାସାଗର ଅର୍ଥ ବ୍ୟବସ୍ଥା ବଢ଼ି ଦୁଇଗୁଣ ହୋଇଛି। ବୈଶ୍ୱିକ ଜିଡିପିକୁ ଏହାର ଯୋଗଦାନ ୨.୬ ଟ୍ରିଲିୟନ ଆମେରିକୀୟ ଡଲାର ରହିଆସିଛି ଏବଂ ଏଥିରେ ୧୦୦ ମିଲିୟନରୁ ଅଧିକ ଲୋକ ନିଯୁକ୍ତ ହୋଇଛନ୍ତି। ଯଦି ଏହା ଏକ ଦେଶ ହୋଇଥାଆନ୍ତା, ତେବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହୋଇ ପାରିଥାନ୍ତା। ଜୁଆର ଓ ପବନରୁ ଅକ୍ଷୟଶକ୍ତି ଉତ୍ପାଦନ, ସ୍ଥାୟୀ ଜଳକୃଷି, ଅଙ୍ଗାରକ ପୃଥକୀକରଣ ଏବଂ ସାମୁଦ୍ରିକ ଟେକ୍‌ନୋଲୋଜି ଶିଳ୍ପ ଅଭିବୃଦ୍ଧିକୁ ଆଣିବାକୁ ପ୍ରସ୍ତୁତ ରହିଛି। ଭବିଷ୍ୟତରେ ଲାଭ ଆଶା କରୁଥିବା ନିବେଶକମାନେ ମହାସାଗରକୁ ନୂତନତ୍ୱ ଏବଂ ଜଳବାୟୁ ମୁକାବିଲା କ୍ଷେତ୍ରରେ ନିର୍ଣ୍ଣାୟକ କାର୍ଯ୍ୟ କରିବା ଦରକାର। ତେବେ ଜରୁରୀ ପଦକ୍ଷେପ ନିଆ ନ ଗଲେ ସୁଯୋଗ ହାତଛଡ଼ା ହୋଇଯିବ। ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର ଏବଂ ଓସେନ ରିସ୍କ ଆଣ୍ଡ ରିଜିଲାନ୍ସ ଆକ୍ସନ ଆଲାଏନ୍ସ ଆଣ୍ଡ ମେଟାବୋଲିକ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ମହାସାଗରର ଅଧୋଗତି ହେଉ ଚାଲିଲେ ବୈଶ୍ୱିକ ସ୍ତରରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କ୍ଷତି ଆସନ୍ତା ୧୫ ବର୍ଷରେ ୮.୫ ଟ୍ରିଲିୟନ ଡଲାର ହୋଇପାରେ। ବ୍ୟବସାୟିକ ମାଛଧରା, ଉପକୂଳ ରିୟଲ ଇଷ୍ଟେଟ୍, ପର୍ଯ୍ୟଟନ, ସାମୁଦ୍ରିକ ଜାହାଜ ଚଳାଚଳ ଏବଂ ବନ୍ଦରଗୁଡ଼ିକ ଅତ୍ୟଧିକ ପ୍ରଭାବିତ ହେବେ। ଏକ ଅଧିକ ନିରନ୍ତର ପଦ୍ଧତି ଗ୍ରହଣ କରାଗଲେ ଏହି କ୍ଷତି ୫.୧ ଟ୍ରିଲିୟନ ଡଲାରକୁ ହ୍ରାସ ପାଇପାରିବ। ନିବେଶକମାନେ ଜଳବାୟୁ ଓ ଜୈବ ବିବିଧତା ବିପଦ ପ୍ରତି ପ୍ରତିକ୍ରିୟା ବ୍ୟକ୍ତ କରୁଛନ୍ତି। ତଥାପି ଏବେ ସୁଦ୍ଧା ସେମାନେ ସାମୁଦ୍ରିକ ପରିସଂସ୍ଥାର ପୁନରୁଦ୍ଧାର ଓ ପୁନର୍ଜୀବିତ କରିବା ପାଇଁ ବହୁ ଟ୍ରିଲିୟନ ଡଲାରର ଏକ ମହାସାଗର ଅର୍ଥ ବ୍ୟବସ୍ଥାର ସୁଯୋଗରୁ ଲାଭ ଉଠାଇ ପାରିନାହାନ୍ତି। ମୋଟ ନିବେଶର ୦.୦୧ ପ୍ରତିଶତରୁ କମ୍, ଅର୍ନ୍ତଜାତୀୟ ସହାୟତା ପାଣ୍ଠିର ୧%ରୁ କମ୍ ଏବଂ ସରକାରୀ ବିକାଶ ସହାୟତାର ୧%ରୁ କମ୍ ମହାସାଗର ଅର୍ଥ ବ୍ୟବସ୍ଥାକୁ ଯାଏ। ପ୍ରଥମରୁ ଛୋଟ ବ୍ୟବସାୟକୁ ବିଆଯାଉଥିବା ପ୍ରାରମ୍ଭିକ ପୁଞ୍ଜିର ମଧ୍ୟ ଅଭାବ ରହିଛି। ଉଦାହରଣ ସ୍ୱରୂପ, ସାମୁଦ୍ରିକ ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ୨୦୨୩ରେ କେବଳ ୩୦୦ ମିଲିୟନ ଡଲାର ପାଇଛନ୍ତି।



ଏପରିକି ଭାସମାନ ୱିଣ୍ଡ ଟର୍ବାଇନ ବୃଦ୍ଧି ଏବଂ ଜୁଆର ଓ ପବନରୁ ଅଧିକ ଶକ୍ତି ପାଇବା ପାଇଁ ବାର୍ଷିକ ନିବେଶ ୩୨ ଟ୍ରିଲିୟନ ଡଲାର ଦରକାର। ଏହା ୨୦୫୦ ସୁଦ୍ଧା କାର୍ବନ ନିର୍ଗମନ ହ୍ରାସ କରିବାରେ ବି ସାହାଯ୍ୟ କରିବ। ଏକ ଉନ୍ନତ ବଜାର, ବିକଶିତ ଉପକୂଳ ସମୁଦାୟ ଏବଂ ସମୃଦ୍ଧ ମହାସାଗର ପରିସଂସ୍ଥାର ଏକ ଭଲ ଚକ୍ର ସୃଷ୍ଟି କରୁଥିବା ଭବିଷ୍ୟତ ବିଷୟରେ ଚିନ୍ତା କରିବା କଷ୍ଟକର ନୁହେଁ। ଯଦି ସାମୁଦ୍ରିକ ଜୀବଙ୍କୁ ଶିଳ୍ପ ପ୍ରଦୂଷଣମୁକ୍ତ କରାଯାଏ, ଅନିୟନ୍ତ୍ରିତ ମାଛଧରା ବନ୍ଦ କରାଯାଏ ଏବଂ ଏକ ଉତ୍ତରଦାୟୀ ଜଳକୃଷି ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନିରନ୍ତର ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ସମ୍ଭବ ହେବ। କିନ୍ତୁ ନିବେଶକମାନେ ପରିବର୍ତ୍ତନ ଆଣିବାକୁ ଆଗକୁ ବଢୁନାହାନ୍ତି। ସ୍ୱଳ୍ପ ମିଆଦୀ ଲାଭ ଆଶା ଏବଂ ଦୀର୍ଘ ମିଆଦୀ ମୂଲ୍ୟ ସୃଷ୍ଟି କରିବା ମଧ୍ୟରେ ଅସନ୍ତୁଳନ ରହିଛି। କିନ୍ତୁ ଏବେ ୭ରୁ ୧୦ ବର୍ଷ ଅବଧି ଯାଏ ସଂସ୍ଥାଗତ ପୁଞ୍ଜି ସୀମିତ ରହିଛି।

ଏହି ପରିପ୍ରେକ୍ଷୀରେ, ଯେଉଁ ବ୍ୟକ୍ତିମାନଙ୍କ ମୋଟ ସମ୍ପତ୍ତି ୨୦୨୪ରେ ୯୦.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ସେମାନେ ଏକ ଅପ୍ରଯୁକ୍ତ ନିବେଶକ ଆଧାରର ପ୍ରତିନିଧିତ୍ୱ କରନ୍ତି। ତେବେ ସମ୍ପତ୍ତି ଆବଣ୍ଟନର ପୁନର୍ଗଠନ କରି ଆସନ୍ତା ଦୁଇ ଦଶନ୍ଧିରେ ଆର୍ଥିକ ପ୍ରଭାବଶାଳୀ ଏଭଳି ବ୍ୟକ୍ତିମାନେ ସେମାନଙ୍କ ପିଲା ଓ ନାତିଙ୍କୁ ୮୩ ଟ୍ରିଲିୟନ ଡଲାର ହସ୍ତାନ୍ତର କରିବେ ବୋଲି ଆଶା କରାଯାଏ। ଏମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ପରିବାର ମାଧ୍ୟମରେ ସେମାନଙ୍କ ସମ୍ପତ୍ତି ପରିଚାଳନା କରିଥାନ୍ତି, ଯେଉଁଥିପାଇଁ ସବୁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ସକାଶେ ସେମାନେ ଭଲ ସ୍ଥିତିରେ ଅଛନ୍ତି। ମହାସାଗରର ଅର୍ଥ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଲାଗି ପଦକ୍ଷେପ ନେଇ ଲାଭ ପାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ଓ ଦକ୍ଷତା ରହିଛି। ଜୁନରେ ମୋନାକୋରେ ତୃତୀୟ ଜାତିସଂଘ ମହାସାଗର ସମ୍ମିଳନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବ୍ଲୁ ଇକୋନୋମୀ ଆଣ୍ଡ ଫାଇନାନ୍ସ ଫୋରମ ମହାସାଗରରେ ସକାରାତ୍ମକ ପ୍ରୋଜେକ୍ଟଗୁଡ଼ିକରେ ନିବେଶ କ୍ଷମତାକୁ ପ୍ରଦର୍ଶନ କରିଥିଲା। ବ୍ରାଜିଲର ବେଲେମ୍‌ରେ ଆୟୋଜିତ ଜାତିସଂଘ ଜଳବାୟୁ ସମ୍ମିଳନୀ ସେହି ଦୃଷ୍ଟିକୋଣକୁ ପ୍ରତିପାଦିତ କରିବା ସହ ମହାସାଗରକୁ ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ନିୟନ୍ତ୍ରକ ଏବଂ ଗୁରୁତ୍ୱପୂର୍ଣ୍ଣ ନିବେଶ ସୁଯୋଗ ଭାବେ ଦର୍ଶାଇଛି।

ଏହି ସୁଯୋଗରୁ ଲାଭ ଉଠାଇବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ଲୋଡ଼ା। ମହାସାଗର ପାଣ୍ଠି ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ତଥା ମୌଳିକ ଢାଞ୍ଚା ପ୍ରସ୍ତୁତ କରିବାକୁ ପଡ଼ିବ। ମହାସାଗରକୁ ପୁନର୍ଗଠନ କରିବା ସହ ଏହା ଶକ୍ତିକୁ ବୃଦ୍ଧି କରିବା ପାଇଁ ନିବେଶକୁ ଚାହିଁ ଏକ ବିଜ୍‌ନେସ୍ ମଡେଲ ଆପଣାଇବାକୁ ହେବ। ସମ୍ମିଳିତ ବିତ୍ତୀୟ ବ୍ୟବସ୍ଥା, ରିହାତି ପୁଞ୍ଜି ଯୋଗାଣ ସବୁ ଦିଗରେ ନିବେଶକଙ୍କୁ ସାହାଯ୍ୟ କରିବ। ମହାସାଗର ସୁରକ୍ଷା ଏକ ନୈତିକ ଆବଶ୍ୟକତା ଏବଂ ଏହା ମଧ୍ୟ ଏକ ସ୍ମାର୍ଟ ବିତ୍ତୀୟ ରଣନୀତି। ମହାସାଗର ପରିସଂସ୍ଥା ଓ ଉପକୂଳ ସମୁଦାୟଗୁଡ଼ିକ ଉପରେ ନିବେଶ ହେଉଛି ଆଗାମୀ ଦିନର ସୁରକ୍ଷା କବଚ। ଯେଉଁମାନେ ଆରମ୍ଭରୁ ପଦକ୍ଷେପ ନେଉଛନ୍ତି, ସେମାନେ ପ୍ରକ୍ରିୟା ସ୍ଥିର କରିବା ସହ ମାନକ ନିର୍ଦ୍ଧାରଣ କରିବେ ଏବଂ ଲାଭ ପାଇବେ। 'ସୁସ୍ଥ ମହାସାଗର ହିଁ ସୁସ୍ଥ ପୃଥିବୀ'– ଏହା ହେଉଛି ସବୁ ଆର୍ଥିକ ମୂଲ୍ୟର ଆଧାର। ତେବେ ପ୍ରଶ୍ନ ହେଉଛି ଧନିକଙ୍କ ପରିବାର, ସହାୟତା ଯୋଗାଉଥିବା ବ୍ୟକ୍ତି ବା ସଂସ୍ଥା, ପେନ୍‌ସନ ଫଣ୍ଡ କିମ୍ବା ଅନ୍ୟ ଘରୋଇ ନିବେଶ ସଂସ୍ଥାଗୁଡ଼ିକରେ ଥିବା ପୁଞ୍ଜି ପରିଚାଳନାକାରୀମାନେ କିଭଳି ବ୍ଲୁ ଇକୋନୋମୀ ସହ ଜଡ଼ିତ ହେବା ଦରକାର।

## ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି

ଯତିଦାନନ୍ଦ ଦାଶ

ଗତ କିଛିଦିନ ତଳେ ଆଧାର କାର୍ଡ ନବୀକରଣ କରିବା ପାଇଁ ସକାଳ ୯ଟା ସମୟରେ ଘରୁ ବାହାରିଥିଲି। ଆଧାର କାର୍ଡ ନବୀକରଣ ଚାନ୍ଦିନୀଚୌକ ନିକଟସ୍ଥ ସବ୍‌ପୋଷ୍ଟ ଅଫିସରେ ହେଉଥାଏ। କିଛି ସମୟ ମଧ୍ୟରେ ସେଠାରେ ପହଞ୍ଚି ଦେଖେ ତ ସ୍ଥିରିକୃତ କାର୍ଯ୍ୟ ପାଇଁ ଏକ ଲମ୍ବା ଧାଡ଼ି ଲୋକମାନେ କରିଚାଲିଛନ୍ତି। ମୁଁ ନିଜେ ଲାଇନରେ ଠିଆ ହୋଇଗଲି। ଲାଇନରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରେ କିଛି ବରିଷ୍ଠ ନାଗରିକ ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲି। ଖରାରେ ଧାଡ଼ିରେ ସେମାନେ ଅପେକ୍ଷା କରିଥିବାର ଦେଖି ମୋତେ ଖୁବ୍ କଷ୍ଟ ଲାଗିଲା। ବରିଷ୍ଠ ନାଗରିକ ମଧ୍ୟରୁ ଜଣେ ହୃଦ୍‌ରୋଗୀ ଥିଲେ, ଧାଡ଼ିରେ ଠିଆ ହୋଇଥିବା ସମୟରେ ଭଦ୍ରବ୍ୟକ୍ତି ଜଣକ କିଛି ସମୟ ତଳେ ପଡ଼ି ବେହୋସ ହେବାର ଦୃଶ୍ୟମାନ ହେଲା। ସଙ୍ଗେ ସଙ୍ଗେ ତାଙ୍କ ମୁହଁରେ ପାଣି ଛାଟିଲା ଫଳରେ ଚେତା ଫେରିଆସିଲା। ତା'ପରେ ବରିଷ୍ଠ ନାଗରିକ ଜଣଙ୍କୁ ଏକ ଖାଲି ପଡ଼ିଥିବା ଚେୟାରରେ ବସେଇ ଦେଲି। ଜଣେ, ଦୁଇଜଣ ମହିଳା ବରିଷ୍ଠ ନାଗରିକ ମଧ୍ୟ ଲାଇନରେ ଥା'ନ୍ତି। ମଝିରେ ମଝିରେ କିଛି ଯୁବା ଓ ପ୍ରୌଢ଼ ଶ୍ରେଣୀର ଲୋକ ପଚିହ୍ନକୁ କରିବାରେ ଏବଂ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ଗାଳି କରିବାରେ ମଜ୍ଜି ଯାଉଥିଲେ। କାରଣ ଦରକାରଠାରୁ କମ୍ କ୍ଷୁଦ୍ରମାନଙ୍କୁ ନେଇ କାମ ଚାଲିଥାଏ। ଇତିମଧ୍ୟରେ ମୁଁ ବରିଷ୍ଠ ନାଗରିକ ମହିଳା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଆଗ ଛାଡ଼ି ଦେବା ପାଇଁ ନିୟୋଜିତ ଅଧିକାରୀଙ୍କୁ ଅନୁରୋଧ କଲି। ମାତ୍ର କିଛି ଫଳ ମିଳିଲା ନାହିଁ। କିଛି ସମୟ ପରେ ଜଣେ ଅଧିକାରୀ ଆସି ଖୁବ୍ ଦୃଢ଼ତାର ସହ ପରିଚିତ କହିଲେ, 'ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି'। 'ବହୁତ ଶୀଘ୍ର ଆପଣମାନଙ୍କ କାମ ହୋଇଯିବ' ଅଧିକାରୀ ମହାଶୟଙ୍କ ଏପରି କଥା କଥା ଶୁଣି ଲୋକେ ପୁରା ନୀରବ ହୋଇଗଲେ। ତା'ପରେ ଅଧିକାରୀ ଜଣକ ଲୋକଙ୍କ ଭିତରୁ ଆସି ତିନୋଟି ପୃଥକ ଧାଡ଼ି କରିବା ପାଇଁ ଆହ୍ୱାନ କଲେ। ପ୍ରଥମ ଧାଡ଼ି ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମଙ୍କ ପାଇଁ, ଦ୍ୱିତୀୟଟି ମହିଳା ଏବଂ ତୃତୀୟଟି ଅନ୍ୟମାନଙ୍କ ପାଇଁ। ତା'ପରେ ସୁରୁଖୁରୁରେ କାମ ଆରମ୍ଭ ହେଲା। ପାଠକେ, ପ୍ରକୃତରେ 'ବ୍ୟସ୍ତ ହୁଅନ୍ତୁନି ମୁଁ ଅଛି' ଉକ୍ତଟିରେ ଉକ୍ତଗଟି ଲୋକଙ୍କ ମନରେ ଆଶ୍ୱାସନର ପରିବର୍ତ୍ତନ ନେଇଆସିଲା।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏ ପ୍ରକାର ଆଶ୍ୱାସନାର ବାଣୀ ସାଧାରଣ ଲୋକଙ୍କ ମନରେ ଆନନ୍ଦ, ଖୁସି ଓ ଶାନ୍ତି ଆଣି ଦେଇଥାଏ। ବିଶେଷତଃ ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପ୍ରତି ଆମେମାନେ ସହାନୁଭୂତି ସହିତ ସମ୍ବେଦନଶୀଳ ହେବା ଦରକାର। ଯତ୍ନ ସହକାରେ ସେମାନଙ୍କର କାର୍ଯ୍ୟ ସମ୍ପନ୍ନ କରିଦେବା ଉଚିତ। ସେମାନଙ୍କ ମାନସିକ ଆଘାତ ଦେଲାଭଳି କଥା କହିବା ଉଚିତ ନୁହେଁ ଏବଂ ତତ୍‌ସଙ୍ଗେ ସେମାନଙ୍କର ସମ୍ମାନ ଉପରେ ଆମେମାନେ ଧ୍ୟାନ ଦେବା ଉଚିତ। କାରଣ ବରିଷ୍ଠ ନାଗରିକମାନେ ଦେଶରେ ହିତ ପାଇଁ ନିଜର ଜ୍ଞାନ, ଅଭିଜ୍ଞତା ଏବଂ କଠିନ ପରିଶ୍ରମର ଅବଦାନ ଚିରସ୍ମରଣୀୟ। ବରିଷ୍ଠ ନାଗରିକମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଅବସ୍ଥା ଏବଂ ବୟସାନୁଭିତ୍ତିକ ଭାବପ୍ରବଣତାକୁ ସହାନୁଭୂତି ନ ଦେଖାଇ ସମାନୁଭୂତି ପ୍ରଦର୍ଶନ କରିବା ଉଚିତ, ଯାହାଦ୍ୱାରା ସେମାନେ ସମ୍ମାନ ବ୍ୟକ୍ତିତ୍ୱ, ବୁଦ୍ଧିଗତ ଅକ୍ଷମତା ଓ ଶାରୀରିକ ଅସୁସ୍ଥତା ଇତ୍ୟାଦିର ଶିକାର ହୋଇପାରିବେ ନାହିଁ। ସେମାନଙ୍କ ସହିତ କିଛି ସମୟ ବିତେଇବା ଦରକାର, ଯାହାଫଳରେ ବରିଷ୍ଠମାନେ ବୁଝିପାରିବେ ଯେ ଲୋକେ ସେମାନଙ୍କୁ ଭଲ ପାଆନ୍ତି ଏବଂ ପରିଣତ ଜୀବନର ମୂଲ୍ୟ ଦେଉଥାନ୍ତି। ସବାବେଳେ ବରିଷ୍ଠମାନଙ୍କୁ ଖାଇବା, ବୁଲିବା, ଖେଳିବାରେ ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ପ୍ରଥମେ ସେମାନଙ୍କର ପସନ୍ଦକୁ ସମ୍ମାନ ଦେବା ଉଚିତ। ସଂଘ ମାଧ୍ୟମରେ ସେମାନଙ୍କୁ ବହି ପଢ଼ିବା ପାଇଁ ଦେବା, ସୁନ୍ଦର ଭ୍ରମଣ ସ୍ଥାନମାନ ବୁଲେଇନେବା ଇତ୍ୟାଦିରେ ପ୍ରୋତ୍ସାହନ ଦିଆଯିବା ଉଚିତ। ଠିକ୍ ସେହିପରି ଶାରୀରିକ ଅକ୍ଷମ ବ୍ୟକ୍ତି, ବିକଳାଙ୍ଗ ଲୋକମାନଙ୍କୁ ମଧ୍ୟ ସହାନୁଭୂତି ପ୍ରଦର୍ଶନ ଅନିବାର୍ଯ୍ୟ। ସେମାନଙ୍କ ମାନସିକ ସ୍ଥିତି ଓ ଭାବପ୍ରବଣତାକୁ ଆଘାତ ଦେବା ଉଚିତ ନୁହେଁ। ସେମାନଙ୍କର କୌଣସି କାର୍ଯ୍ୟାଳୟରେ କିଛି କାମ ଥିଲେ, ତାହା ତୁରନ୍ତ ପ୍ରାଥମିକତା ଦେଇ ସମ୍ପାଦନ କରିଦେବା ଆବଶ୍ୟକ। ତୃତୀୟତଃ ଅସହାୟଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟକ୍ତିବିଶେଷ ହେଉ ବା କୌଣସି ସଂଗଠନ ହେଉ, ଉଭୟେ ଆଗଭର ହୋଇ ବାହାରି ଆସିବା ଉଚିତ। ଫଳରେ ଅସହାୟ ଲୋକଙ୍କର ମନରେ ବଞ୍ଚିବାର ପ୍ରୟାସ ଓ ଉତ୍ସାହ ଜାଗ୍ରତ ହୋଇପାରିବ। ଶେଷରେ 'ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି'ର ବାର୍ତ୍ତାକୁ ହୃଦୟଙ୍ଗମ କରିପାରିବା ଯଦି ଆମେ ଉପରୋକ୍ତ ଧାରା ଅନୁସାରେ ବରିଷ୍ଠ ନାଗରିକ, ଅସହାୟ ବୃଦ୍ଧଲୋକ, ଦିବ୍ୟାଙ୍ଗଙ୍କ ହୃଦୟ ଓ ମନକୁ ଜିଣି ସେମାନଙ୍କ ଉନ୍ନତି ପାଇଁ କିଛି କରିପାରିବା।

ସିଡିଏ, କଟକ
ମୋ: ୭୦୦୮୭୫୦୬୯୩

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ପରିଣତ ବୟସର ଅବସନ୍ନତା ଅପସରିଯାଏ। ପୁଣି ଜୀବନ ଚଞ୍ଚଳତାରେ ଭରିଉଠେ। କାର୍ଯ୍ୟଦକ୍ଷତା ବଜାୟ ରହେ। ମଣିଷ ଥକିଯିବା ବଦଳରେ ଥୋଡ଼ାଏ କାମ କରେ କିମ୍ବା ଲକ୍ଷ୍ୟ ହାସଲ କରିବା ପାଇଁ ସକ୍ରିୟ ହୋଇଉଠେ। ଏଇ ଯେମିତି କେରଳର ୭୦ ବର୍ଷ ବୟସ୍କା ଭିଜିତା ଏମ୍ ୩୩ଟି ଦେଶ ଭ୍ରମଣ କରିସାରିଲେଣି। ସେ ଏହି ଯାତ୍ରା ୬୦ ବର୍ଷ ବେଳକୁ ଆରମ୍ଭ କରିଥିଲେ। ସବୁ ଦେଶକୁ ସେ ଏକୁଟିଆ ଯାଉଛନ୍ତି। ୨୦୧୫ରେ ସେ ପ୍ରଥମେ ଦକ୍ଷିଣ ଆଫ୍ରିକାର ୱାଲାନୀଙ୍କୁ ଯାତ୍ରା କରିଥିଲେ ଏବଂ ତା'ପରଠାରୁ ବିଦେଶ ଭ୍ରମଣ ଜାରି ରଖିଛନ୍ତି। ବିବାହ ପୂର୍ବରୁ ଭିଜିତା ବିଦେଶ ଭ୍ରମଣ କରିବାକୁ ଚାହୁଁଥିଲେ, କିନ୍ତୁ ଏଥିରେ ଅର୍ଥ ବାଧକ ସାଜିଥିଲା। ପରେ ପିଲା ଓ ପରିବାର ଯତ୍ନ ନେବାରେ ବ୍ୟସ୍ତ ରହିଲେ। ପିଲାମାନେ ଯୋଗ୍ୟ ହେବା ପରେ ସେ ଏକୁଟିଆ ବିଦେଶ ଭ୍ରମଣ ଆରମ୍ଭ କରିଥିଲେ। ଏଭଳି ଯାତ୍ରାରେ ଅତ୍ୟଧିକ ଖର୍ଚ୍ଚ ହେଉଥିଲେ ମଧ୍ୟ ସେ ଏଥିରୁ ଓହରିବାକୁ ଚାହାନ୍ତି ନାହିଁ। ବଡ଼ କଥା ହେଉଛି ସେ ଯେଉଁ ଦେଶକୁ ଯାଉଛନ୍ତି ସେଠାକାର କଳା, ସଂସ୍କୃତି ଓ ଚଳଣି ବିଷୟରେ ଜାଣିବା ସହ ନୂଆ ବନ୍ଧୁତ୍ୱ ସୃଷ୍ଟି କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୭୬

- ରାଜ୍ୟରେ 'ଗ୍ରାମ ସ୍ୱରାଜ' ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ଓଡ଼ିଶା ସର୍ବୋଦୟ ପରିଷଦ ନାମରେ ଏକ ନୂତନ ସଙ୍ଗଠନ ଗଠିତ।
- ଆମେରିକା ଇସ୍ରାଏଲକୁ ୩୦୦ଟି ପର୍ଯ୍ୟନ୍ତ ନୂତନ କେ-୧୬ ଜେଟ ଲଢୁଆ ବିମାନ ବିକ୍ରୟ ନିମନ୍ତେ ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 6 | | 7 | |
| | 2 | | 4 | | | | 3 | 9 |
| | | | | | | 5 | | |
| 1 | 8 | | | 9 | 2 | | | |
| | 4 | | | | | | | 7 |
| | | | | | | | 8 | |
| | 7 | | | | | | | |
| | | 6 | 3 | | 9 | | 5 | |
| | | 5 | | | | 9 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 1 | 7 | 9 | 6 | 2 | 3 |
| 7 | 2 | 1 | 6 | 3 | 4 | 5 | 8 | 9 |
| 3 | 9 | 6 | 8 | 5 | 2 | 7 | 4 | 1 |
| 5 | 8 | 3 | 7 | 9 | 1 | 4 | 6 | 2 |
| 1 | 6 | 9 | 4 | 2 | 5 | 8 | 3 | 7 |
| 4 | 7 | 2 | 3 | 8 | 6 | 9 | 1 | 5 |
| 2 | 1 | 8 | 5 | 4 | 7 | 3 | 9 | 6 |
| 6 | 3 | 7 | 9 | 1 | 8 | 2 | 5 | 4 |
| 9 | 5 | 4 | 2 | 6 | 3 | 1 | 7 | 8 |

ଗତକାଲିର ଉତ୍ତର

# ପରମ୍ପରାରେ ସୁନାର ମହତ୍ତ୍ୱ

ଦୋଲଗୋବିନ୍ଦ ମହାପାତ୍ର

ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରରେ ସୁନା ପ୍ରତି ବିଶେଷ ଆକର୍ଷଣ ରହିଆସିଛି। ସୁନା ପ୍ରତି ଥିବା ଅହେତୁକ ମୋହ ଅନ୍ୟ କୌଣସି ଧାତୁଠାରେ ଦେଖିବାକୁ ମିଳେ ନାହିଁ। ସୁନା ତୁଳନାରେ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପଦଗୁଡ଼ିକର ନଗଦ୍‌ମୁଦ୍ରା (ଲିକ୍ୱିଡିଟି) ସ୍ୱଳ୍ପ। ଜମି, କୋଠାଘର କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ତୁଳନାରେ ସୁନା ବିନା କ୍ଷତିରେ ହସ୍ତାନ୍ତରିତ ହୋଇପାରେ। ଏହା କେବଳ ଏକ ମୂଲ୍ୟବାନ ଧାତୁ ନୁହେଁ ଏହା ମଧ୍ୟ ଏକ ଭରସାଯୋଗ୍ୟ ପରିସମ୍ପତ୍ତି। ଆର୍ଥିକ ସଙ୍କଟ ସମୟରେ ଏହା ଉଭୟ ପରିବାର ଓ ରାଷ୍ଟ୍ର ପାଇଁ ସର୍ବଶେଷ ଆଶ୍ରୟ। ସୁନା ଶାରୀରିକ ସୌନ୍ଦର୍ଯ୍ୟ, ଶକ୍ତି, ସୁରକ୍ଷା, ସୌଭାଗ୍ୟ ଓ ସମ୍ମାନର ପ୍ରତୀକ। ଆମ ଦେଶରେ ନାରୀ ଓ ପୁରୁଷମାନଙ୍କର ଆଭୂଷଣ ନିମନ୍ତେ ସୁନା ଅଧିକ ଆଦୃତ। ବଜାରରେ ଅନ୍ୟାନ୍ୟ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଉତ୍ପାଦନ ବ୍ୟୟ ସହ ବିଭିନ୍ନ ଟିକସ ଯୁକ୍ତ ହୋଇ ଏକ ନିର୍ଦ୍ଦିଷ୍ଟ ଦରରେ ଉପଲବ୍ଧ ହୋଇଥାଏ କିନ୍ତୁ ସୁନା ଅଳଙ୍କାର କ୍ଷେତ୍ରରେ ଉଭୟ ଧାତୁ ମୂଲ୍ୟ ଓ ଗଢ଼ା ମୂଲ୍ୟ ଅଲଗା ଅଲଗା ଦେବାକୁ ହୋଇଥାଏ।

ଭାରତରେ ସୁନାର ବଜାର ବିଶ୍ୱରେ ବୃହତ୍ତମ। ଉତ୍ତମ ମୂଲ୍ୟର ସଞ୍ଚୟକ ଭାବେ ସୁନା ସମସ୍ତ ପର୍ବପର୍ବାଣି, ଉତ୍ସବ ଓ ପରମ୍ପରାର ମୌଳିକ ତଥା ଅବିଚ୍ଛେଦ୍ୟ ଅଂଶ। ହିନ୍ଦୁ ଓ ଜୈନ ସଂସ୍କୃତିରେ ସ୍ୱର୍ଣ୍ଣ ଧାତୁକୁ ଶୁଭ ବୋଲି ବିବେଚନା କରାଯାଏ। ପବିତ୍ର ସାମାଜିକ ଅନୁଷ୍ଠାନ ଯଥା ବ୍ରତ ଓ ବିବାହ ଉତ୍ସବରେ ସୁନା ଅଳଙ୍କାରର ଆବଶ୍ୟକତା ଅଧିକ। ସୁନା ପରିବାର ଓ କନ୍ୟାର ନିରାପଦ ଭବିଷ୍ୟତ,ସମୃଦ୍ଧି ଓ ଆର୍ଥିକ ନିରାପତ୍ତାର ପ୍ରତୀକ ବୋଲି କେଉଁ ପୁରାତନ କାଳରୁ ବିଶ୍ୱାସ ରହିଛି। ଆମ ଦେଶରେ ବିବାହ ପରି ମାଙ୍ଗଳିକ ଉତ୍ସବରେ ସୁନାର ବାର୍ଷିକ ଚାହିଦା ପାଖାପାଖି ପଚାଶ ପ୍ରତିଶତ।

ଆଧୁନିକ ଅର୍ଥ ବ୍ୟବସ୍ଥାରେ ସୁନାର ଗୁରୁତ୍ୱ ବହୁ ଅଧିକ। ସୁବର୍ଣ୍ଣ ଧାତୁର ଏକ ଅନନ୍ୟ ମୌଳିକ ବୈଶିଷ୍ଟ୍ୟ ହେଲା ଏହାର ଅନ୍ତର୍ନିହିତ ମୂଲ୍ୟ। ଅନ୍ୟାନ୍ୟ ଧାତୁ ତୁଳନାରେ ଏହାର ଧାତବ କ୍ଷୟ ସ୍ୱଳ୍ପ। ଏହାର ଯୋଗାଣ ଆବଶ୍ୟକ ଚାହିଦାଠାରୁ କମ୍ ହୋଇଥିବାରୁ ସୁନା ଦୁର୍ଲଭ। ଅଳଙ୍କାର ବ୍ୟତୀତ ଉତ୍ତମ ମୁଦ୍ରାର ସମସ୍ତ ଗୁଣାବଳୀ ସୁନା କ୍ଷେତ୍ରରେ ଦେଖାଯାଏ। ମୂଲ୍ୟର ସଞ୍ଚୟକ, ବିନିମୟରେ ମାଧ୍ୟମ, ନମନୀୟତା, ସ୍ୱଳ୍ପ ଧାତୁରେ ବହୁ ମୂଲ୍ୟ ଧାରଣ,ସହଜ ବହି ଆଦି ସମସ୍ତ ମୌଳିକ ଗୁଣାବଳୀ ସୁନା ଧାତୁରେ ରହିଛି। ସୁନା ରାଷ୍ଟ୍ରର ଉଭୟ ମୂଲ୍ୟବାନ ସମ୍ପଦ ଓ ଆର୍ଥିକ ସ୍ୱାସ୍ଥ୍ୟର ସୂଚକ। ସୁନା ବନ୍ଧକ କ୍ଷେତ୍ରରେ ସହଜ ଋଣ, ସ୍ୱଳ୍ପ ସୁଧହାର ଓ ତୁରନ୍ତ ଋଣ ମଞ୍ଜୁରୀର ସୁଯୋଗ ରହିଛି। ସୁନା ନିର୍ଭରଯୋଗ୍ୟ ନିବେଶ,ସୁଗମ୍ୟ ଋଣର ଉତ୍ସ, ସାଂସ୍କୃତିକ ଓ ଆଭିଜାତ୍ୟ ମହତ୍ତ୍ୱ ବହନ କରେ। ମୁଦ୍ରାସ୍ଫୀତି ତଥା ଅର୍ଥନୈତିକ ଅନିଶ୍ଚିତତାକୁ ମୁକାବିଲା କରିବା ସହ ପ୍ରତିକୂଳ ଦର ଚଳନ ହେତୁ ଯେଉଁ ସମ୍ଭାବ୍ୟ କ୍ଷତିର ସୂତ୍ରପାତ ହୁଏ ସେଥିରୁ ରକ୍ଷା ପାଇବା ନିମିତ୍ତ ସୁନା ବିପଦ ପରିଚାଳନା କୌଶଳ (ହେଜିଂ) ରୂପେ କାର୍ଯ୍ୟ କରିଥାଏ। ଯେତେବେଳେ ମୁଦ୍ରାସ୍ଫୀତି ଉଚ୍ଚ ଥାଏ ସେତେବେଳେ କାଗଜ ମୁଦ୍ରାର କ୍ରୟ ଶକ୍ତି ହ୍ରାସ ପାଇବାକୁ ଲାଗେ ସେତେବେଳେ ସୁନା ଘରୋଇ ସମ୍ପଦକୁ ସୁରକ୍ଷା ଦେବାକୁ ଯାଇ ଏହାର ମୂଲ୍ୟକୁ ସ୍ଥିର ରଖେ। ସୁତରାଂ, ପାରମ୍ପରିକ ନିବେଶର ବିକଳ୍ପ ଭାବେ ଅନେକେ ନିବେଶକ ସୁନାକୁ ପସନ୍ଦ କରିଥାନ୍ତି।



ବିଗତ କେତେ ବର୍ଷ ଧରି ଭାରତରେ ବଜାର ଧାରା (ଟ୍ରେଣ୍ଡ), ମୁଦ୍ରା ଚଳନ (କରେନ୍ସି ମୁଭମେଣ୍ଟ) ଓ ନିବେଶକଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଦି କେତେକ ଉପାଦାନ ଯୋଗୁ ସୁନାର ଦାମ ଉଚ୍ଚକର ଗତିରେ ବୃଦ୍ଧି ପାଉଛି। ପ୍ରଥମତଃ, ସାମ୍ପ୍ରତିକ ଭୂରାଜନୈତିକ ଘଟଣାବଳୀ, ବାଣିଜ୍ୟ ଯୁଦ୍ଧ ଓ କୂଟନୈତିକ ଚାପ ଆଦି ନିବେଶକଙ୍କୁ ମୂଲ୍ୟବାନ ଧାତୁ ସୁନା ଉପରେ ନିବେଶ କରିବା ନିମନ୍ତେ ବାଧ୍ୟ କରିଛି। ସେମାନେ ବଜାର ଅସ୍ଥିରତା ଯୋଗୁ ସୁନାକୁ ନିବେଶର ସୁରକ୍ଷିତ ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଭିଶୁଳ୍କ ନୀତିକ ପାରସ୍ପରିକ ଶୁଳ୍କ ଲାଗୁ କରିବା ଯୋଗୁ ସମଗ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିବେଶକମାନେ ସୁରକ୍ଷିତ ନିବେଶ ଅନ୍ୱେଷଣରେ ରହୁଛନ୍ତି। ଦ୍ୱିତୀୟତଃ,ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ହ୍ରାସ ପାଉଛି, ଯଦ୍ୱାରା ଡଲାର ସମ୍ମୁଖରେ ଟଙ୍କା ଦୁର୍ବଳ ହୋଇପଡୁଛି। ସୁନା ଆମଦାନୀ ବ୍ୟୟ ବୃଦ୍ଧି ପାଇବା ଯୋଗୁ ସୁନା ଦର ଉପରମୁହାଁ ହେଉଛି। ସେଥିପାଇଁ ଭାରତୀୟ କ୍ରେତାମାନଙ୍କ ନିମନ୍ତେ ସୁନା କ୍ରୟ କରିବା ଅଧିକ ବ୍ୟୟ ସାପେକ୍ଷ ହୋଇଯାଉଛି। ତୃତୀୟତଃ,ବିଶ୍ୱରେ ଯୁଦ୍ଧ ସଙ୍କଟ ଭଳି ଆପତକାଳୀନ ପରିସ୍ଥିତି ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାରକୁ ଆବର୍ଜ୍ଜ ସ୍ତରରେ କରିବା ରଖିବା ପାଇଁ ସୁନା ଏକ ଅମୋଘ ଅସ୍ତ୍ର। ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ବିଶ୍ୱର ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କ ସମୂହ ପାରମ୍ପରିକ ମୁଦ୍ରା ସଂରକ୍ଷଣ ପରିବର୍ତ୍ତେ ପ୍ରଚୁର ପରିମାଣରେ ସୁନା ମହଜୁଦ ରଖିବା ଯୋଗୁ ବଜାରରେ ସୁନା ଦର ଦେଶରେ ବୃଦ୍ଧି ପାଉଛି। ବିଗତ ଦୁଇ ବର୍ଷ ମଧ୍ୟରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଖାପାଖି ୨୭ ଥର ସୁନା କିଣି ସାରିଛନ୍ତି। ଆମ ଦେଶରେ ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ସୁନା ଦର କ୍ରମାଗତ ଭାବେ ବଢୁଛି ପ୍ରତ୍ୟେକ ଦିନ ସୁନା ଦର ବୃଦ୍ଧି ରେକର୍ଡ ଭାଙ୍ଗୁଛି। ଏପ୍ରିଲ ମାସରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଏକ ଲକ୍ଷ ଅତିକ୍ରମ କରିଥିବା ବେଳେ ଚଳିତ ଅକ୍ଟୋବରରେ ତାହା ଏକ ଲକ୍ଷ କୋଡ଼ିଏ ହଜାରକୁ ବୃଦ୍ଧି ପାଇ ଇତିହାସ ରଚିଛି।

ସୁନା ପ୍ରତି ଥିବା ଅହେତୁକ ଆକର୍ଷଣ ଓ ଦୁର୍ବାର ଲାଳସା ହିଁ ଦର ବୃଦ୍ଧିରେ ନିଆଁ ଲଗାଇ ଦେଉଛି। ଏହା ଆମ ସଂସ୍କୃତି ଓ ପରମ୍ପରାକୁ ଦୃଢ଼ ଭାବେ ସଂଯୋଗ କରିଛି। ଆଭୂଷଣ ପ୍ରବଣତା, ମାଙ୍ଗଳିକ କାର୍ଯ୍ୟ ତଥା ଧର୍ମ କାର୍ଯ୍ୟ ନିମନ୍ତେ ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା କାମନା କରିଥାନ୍ତି। ଅର୍ଥଶାସ୍ତ୍ରରେ ସୁନା ମୂଲ୍ୟର ଏକ ବିରୋଧାଭାସ ରହିଛି। ସୁନାର ବିନିମୟ ମୂଲ୍ୟ ବହୁ ଅଧିକ, କିନ୍ତୁ ଏହା ଜୀବନ ରକ୍ଷା ନିମନ୍ତେ ଜରୁରୀ ନୁହେଁ, ଅର୍ଥାତ ଏହାର ବ୍ୟବହାରିକ ମୂଲ୍ୟ ନାହିଁ। ସୁନା ଦର ଆକାଶଛୁଆଁ ହେବା ସତ୍ତ୍ୱେ ମଧ୍ୟ ଲୋକଙ୍କର ଏହା ପ୍ରତି ମୋହ ଭଙ୍ଗ ହେଉନାହିଁ। ସୁନାର ଦର ଯେଉଁଭଳି ହୁ ହୁ ହୋଇ ବଢୁଛି ସେଥିରୁ ପ୍ରତୀୟମାନ ହେଉଛି ଯେ ଏହାର ମୂଲ୍ୟ ସାଧାରଣ ସ୍ତରକୁ ପୁନର୍ବାର ଖସି ଆସିବା ସମ୍ଭବ ନୁହେଁ। ଭାରତ ଭଳି ଏକ ସୁନା ଆମଦାନୀକାରୀ ରାଷ୍ଟ୍ର ନିମନ୍ତେ ଆର୍ଥିକ ସ୍ଥିରତା ଯେ ନିଶ୍ଚିତ ବାଧାପ୍ରାପ୍ତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ମୋ: ୯୪୩୮୧୯୨୨୨୪

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦ ସାଜୁଛି ସେକେଣ୍ଡ ହାଣ୍ଡ ମୋବାଇଲ

ମହାଶୟ,

ସେକେଣ୍ଡ ହାଣ୍ଡ ମୋବାଇଲ କିଣୁଥିଲେ ସାବଧାନ ହୁଅନ୍ତୁ। କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇପାରନ୍ତି। ତେଣୁ ସେକେଣ୍ଡ ହାଣ୍ଡ ମୋବାଇଲ କିଣିବା ସମୟରେ ସତେଜନ ହେବାକୁ ପୋଲିସ ଲୋକଙ୍କୁ ସତର୍କ କରୁଛି, ତଥାପି ଲୋକମାନେ ହେଉନାହାନ୍ତି। ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ ଅପରାଧ ଘଟାଇବା ପରେ ସେମାନେ ସେହି ଫୋନକୁ ଶସ୍ତାରେ ବିକ୍ରି କରିଦେଉଛନ୍ତି। ଏହି ମୋବାଇଲକୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି। ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି। ସେମାନେ କମ୍ ଦାମରେ ମୋବାଇଲ କିଣି ସେଥିରେ ଭିନ ଏକ ଆପ୍ ଇନ୍‌ଷ୍ଟଲ କରି ଦେଉଛନ୍ତି। ଏହି ମୋବାଇଲକୁ ପରେ ଅନ୍ୟ ଜଣେ ବ୍ୟକ୍ତି ଶସ୍ତାରେ ପାଇ କିଣି ନେଉଛନ୍ତି। ଏଥିରେ ସେ ଫୋନ ପେ'ଠାରୁ ଆରମ୍ଭ କରି ଗୁଗଲ ପେ' ଇନ୍‌ଷ୍ଟଲ କରୁଛନ୍ତି। କିନ୍ତୁ ଅପରାଧୀ ଉକ୍ତ ମୋବାଇଲରେ ପୂର୍ବରୁ ଇନ୍‌ଷ୍ଟଲ କରିଥିବା ଆପ୍ ମାଧ୍ୟମରେ ସେ ଗୁଗଲ ଏବଂ ଫୋନ ପେ'ର ସମସ୍ତ ପାସ୍‌ୱାର୍ଡ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି।

–ଗଙ୍ଗାଧର ସାମଲ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆକାଶେ ଅଶନି ଡାକିଗଲା ଦୁରୁଦୁରୁ
ମରମେ ବାଜିଲା ବରଷା ବେଦନା ଗୁରୁ
ଉରର ଆବେଗେ ନୟନ ହୋଇଛି ଭୀରୁ
ଦଶନର ହାସେ ନାଚି ଉଠେ ଚାରୁ ଭୁରୁ।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା ସୁରକ୍ଷା



ଉତ୍ତାପ, ବୃଷ୍ଟିପାତ ଏବଂ ବାୟୁ ପ୍ରବାହ ଜଳବାୟୁର ମୁଖ୍ୟ ତିନିଗୋଟି ଉପାଦାନ। ଉକ୍ତ ଉପାଦାନଗୁଡ଼ିକ ମଧ୍ୟରେ ଅସମାନତା ଦେଖାଦେଲେ ଜଳବାୟୁର ପରିବର୍ତ୍ତନ ଘଟେ। ଏଥିମଧ୍ୟରୁ ଉତ୍ତାପ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ନେଇଥାଏ। ଉତ୍ତାପର ପ୍ରଭାବ ଦୁଇ ପ୍ରକାର, ଯଥା ପ୍ରାକୃତିକ ଏବଂ ମନୁଷ୍ୟକୃତ। ସୂର୍ଯ୍ୟଙ୍କର ଉପସ୍ଥିତିକୁ ନେଇ ଉତ୍ତାପର ବୃଦ୍ଧି ଏବଂ କ୍ଷୟ ଘଟିଲେ, ପ୍ରାକୃତିକ ଉତ୍ତାପ ସୃଷ୍ଟି ହୁଏ। ପ୍ରାକୃତିକ ଉତ୍ତାପକୁ ଏଡାଇ ଦେଇହେବନି। ମନୁଷ୍ୟକୃତ ଉତ୍ତାପ ବୃଦ୍ଧି ଯଥା ଅନୈତିକ ଜଙ୍ଗଲ କଟା, ମାତ୍ରାଧିକ କଳକାରଖାନା ପ୍ରତିଷ୍ଠା, ଅସୀମ ଯାନବାହନ ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ପ୍ରାଣୀ ହତ୍ୟା ଆଦି ମନୁଷ୍ୟକୃତ ଉତ୍ତାପ ବୃଦ୍ଧିର କାରଣ। ଏହିସବୁ କାର୍ଯ୍ୟ ଯୋଗୁ ଅଙ୍ଗାରକାମ୍ଳ ବାଷ୍ପ ଏବଂ ମିଥେନ ଗ୍ୟାସ୍ ବାୟୁମଣ୍ଡଳରେ ସୃଷ୍ଟି ଯୋଗୁ ଭୂପୃଷ୍ଠରେ ସବୁଜ ଗୃହ ବାଷ୍ପ ସୃଷ୍ଟି ହୋଇ ଉତ୍ତାପ ବଢେ।

ଉତ୍ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠସ୍ଥ ପ୍ରସ୍ତର ଖଣ୍ଡ ମଧ୍ୟରେ କମ୍ପନ ସୃଷ୍ଟି ହୋଇ ପଥର ଫାଟେ। ସମୟକ୍ରମେ ଏଥିରୁ କ୍ଷୁଦ୍ରରୁ କ୍ଷୁଦ୍ରତମ ଅଣୁ ଯଥା ବାଲି, ପଟୁ ଏବଂ କର୍ଦ୍ଦମ ସୃଷ୍ଟି ହୋଇ ମୃତ୍ତିକା ଗଠନ ହୁଏ। ମୃତ୍ତିକାର କ୍ଷୁଦ୍ରତମ ଅଣୁ କର୍ଦ୍ଦମର ଆକାର ସବୁଠାରୁ ଛୋଟ, ଅର୍ଥାତ୍ ୦.୦୦୨ ମିଲିମିଟରରୁ କମ୍ ହୁଏ। ଉତ୍ତାପ ବୃଦ୍ଧି ଯୋଗୁ ମୃତ୍ତିକାର ବୟନ, ସାଜସଜା, ସାନ୍ଦ୍ରତା, ଆପେକ୍ଷିକ ଗୁରୁତ୍ୱ, ଜଳଧାରଣ ଶକ୍ତି ଆଦିର ପରିବର୍ତ୍ତନ ଘଟି ମୃତ୍ତିକାର ଧର୍ମ ଓ ଗୁଣ ବଦଳି ଯାଏ। ଉତ୍ତାପ ବୃଦ୍ଧି ହେତୁ ମୃତ୍ତିକାସ୍ଥ ଜୈବିକ ପଦାର୍ଥର ଦହନ ହୋଇ ଏହାର ରଙ୍ଗରେ ପରିବର୍ତ୍ତନ ଘଟେ। ମୃତ୍ତିକାରେ ଥିବା କୋଟି କୋଟି ଅଣୁ ବୀଜାଣୁଙ୍କର ଅବକ୍ଷୟ ହୁଏ। ଏହାଦ୍ୱାରା ମୃତ୍ତିକାର ଉର୍ବରତା କ୍ଷୟ ଘଟେ। ସବୁଜ ଗୃହ ସୃଷ୍ଟି ଦ୍ୱାରା ଉତ୍ତାପ ବୃଦ୍ଧିରୁ ମୃତ୍ତିକା ସୁରକ୍ଷା ପାଇଁ ଜଙ୍ଗଲ ସଂରକ୍ଷଣ, ନୂତନ ଜଙ୍ଗଲ ସୃଷ୍ଟି, ଇ-ଯାନର ବ୍ୟବହାର ଭଳି କେତେକ ବିଷୟକୁ ଗୁରୁତ୍ୱ ଦେବାକୁ ପଡିବ।

ବୃଷ୍ଟିପାତ ଜଳବାୟୁର ଦ୍ୱିତୀୟ ଉପାଦାନ। ବୃଷ୍ଟିପାତ ବିଭିନ୍ନ ରୂପରେ ଭୂପୃଷ୍ଠକୁ ଆସେ। ଘଣ୍ଟାକୁ ୨.୫ ମିଲିମିଟର (ମି.ମି.) କିମ୍ବା ଏହାଠାରୁ କମ୍ ବୃଷ୍ଟିପାତ ହେଲେ, ଏହାକୁ ସ୍ୱଳ୍ପ ବର୍ଷା କୁହାଯାଏ। ଏହି ବର୍ଷା ଶୁଷ୍କ ମାଟିକୁ ଓଦା କରେ। ଉକ୍ତ ବର୍ଷା ମୃତ୍ତିକା କ୍ଷୟର କାରଣ ହୋଇ ନ ଥାଏ। ମୃତ୍ତିକାର ଅଣୁ ବୀଜାଣୁ କାର୍ଯ୍ୟକ୍ଷମ ହୋଇଥାଏ। ଘଣ୍ଟାକୁ ବୃଷ୍ଟିପାତ ୨.୫ ରୁ ୧୦ ମି.ମି. ହେଲେ ଏହାକୁ ମଧ୍ୟମ ବର୍ଷା କୁହାଯାଏ। ଉକ୍ତ ବର୍ଷା ମୃତ୍ତିକା କର୍ଷଣରେ ସାହାଯ୍ୟ କରେ। କିନ୍ତୁ ଗଡାଣି ଜମିରେ ଭୂପୃଷ୍ଠସ୍ଥ ଉପର ମୃତ୍ତିକା ଧୋଇ ନଷ୍ଟ ହୁଏ। ଘଣ୍ଟା ପ୍ରତି ୧୦ ମି.ମି.ରୁ ଅଧିକ ବର୍ଷାକୁ ଭାରି ବର୍ଷା କୁହାଯାଏ। ଏହି ବର୍ଷାର ୨ରୁ ୩ ସେ.ମି.ର ଟୋପାମାନ ବର୍ଷି ସମତଳ କ୍ଷେତର ଉପର ମାଟିକୁ ସ୍ଥାନାନ୍ତରିତ କରେ। ଉକ୍ତ ବର୍ଷା ଦ୍ୱାରା କ୍ଷେତର ଉର୍ବର ମୃତ୍ତିକା ସ୍ଥାନାନ୍ତରିତ ହୋଇ ମାଟିକୁ ଅନୁର୍ବର କରେ। ବର୍ଷା ଜଳ ଗଡାଣିରେ ବହି ନାଳିମାନ ସୃଷ୍ଟିକରେ। ନାଳିରେ ଜଳସ୍ରୋତ ବହି ମାଟିକୁ ସ୍ଥାନାନ୍ତରିତ କରେ। ଏହି ବର୍ଷା ଦ୍ୱାରା ନଦୀରେ ବନ୍ୟା ସୃଷ୍ଟି ହୋଇ ଭୂପୃଷ୍ଠର ଟନ୍ ଟନ୍ ଉର୍ବର ମୃତ୍ତିକା ଧୋଇ ହୋଇ ନଦୀଗର୍ଭକୁ ବହିଯାଏ। ଘଣ୍ଟା ପ୍ରତି ୧୦୦ ମି.ମି. ଏବଂ ଏହାଠାରୁ ଅଧିକ ବର୍ଷା ହେଲେ, ଏହାକୁ ବାଦଲ ଫଟା ବର୍ଷା କୁହାଯାଏ। ଉକ୍ତ ବର୍ଷା ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟ ଅଞ୍ଚଳରେ ଅଧିକ ବର୍ଷେ। ଉକ୍ତ ବର୍ଷା ଦ୍ୱାରା ଭୂସ୍ଖଳନ ଘଟି ମାଟି ସହ ସାନ ବଡ ପଥର ଖଣ୍ଡମାନ ବହୁ ଦୂରକୁ ସ୍ଥାନାନ୍ତରିତ ହୁଏ। ବାଦଲ ଫଟା ବର୍ଷା ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହୁଏ।

ମାତ୍ରାଧିକ ବୃଷ୍ଟିପାତର କୁପ୍ରବାହରୁ ମୃତ୍ତିକା ସୁରକ୍ଷା ପାଇଁ ଦୁଇ ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ। ପ୍ରଥମଟି ଯାନ୍ତ୍ରିକ ଏବଂ ଦ୍ୱିତୀୟଟି କ୍ଷେତ୍ରୀୟ। ଯାନ୍ତ୍ରିକ ପଦ୍ଧତି ମଧ୍ୟରେ ଗଡାଣି ଜମିରେ ସମତଳ ବନ୍ଧ, ଶ୍ରେଣୀକୃତ ବନ୍ଧ, ସୋପାନୀକରଣ ଆଦି କରାଯାଇ ଜଳ ସ୍ରୋତକୁ ରୋକାଯାଇପାରେ। କ୍ଷେତ୍ରୀୟ ପଦ୍ଧତି ଅନୁସାରେ ସମତଳ ଚାଷ ଜମିର ମାଟିକୁ ଗଭୀର ହଳ କରି ମାଟି ଓଲଟପାଲଟ କଲେ ବର୍ଷାଜଳ କ୍ଷେତରେ ବହି ନ ଯାଇ ଭୂଗର୍ଭକୁ ଚାଲିଯିବ। ମୃତ୍ତିକାକୁ ବର୍ଷା ଟୋପାର ଆଘାତରୁ ରକ୍ଷା ପାଇଁ ମାଟିକୁ ଘୋଡାଇବା ଭଳି ଫସଲ ଯଥା ମୁଗ, ବିରି, କୋଳଥ, ସୋୟାବିନ ଏବଂ ମିଶ୍ରିତ ଚାଷ ଅର୍ଥାତ୍ ଗଡାଣି ଜମିରେ ଧାନ ସହ ହରଡ କିମ୍ବା ମାଣ୍ଡିଆ ଏବଂ ମକା ସହ ବରଗୁଡି କିମ୍ବା ଗୁଆଁର ଚାଷ କଲେ ମୃତ୍ତିକା କ୍ଷୟରୁ ରକ୍ଷାମିଳେ।

ବାୟୁ ପ୍ରବାହ ମୃତ୍ତିକା କ୍ଷୟର ତୃତୀୟ କାରଣ। କୌଣସି ଏକ ସ୍ଥାନର ବାୟୁ ଉତ୍ତପ୍ତ ହେଲେ ସେ ସ୍ଥାନରେ ଲଘୁଚାପ ସୃଷ୍ଟି ହୋଇ ଗୁରୁଚାପ ଅଞ୍ଚଳରୁ ଲଘୁଚାପ ମଧ୍ୟକୁ ବାୟୁ ପ୍ରବଳ ବେଗରେ ପ୍ରବାହିତ ହୋଇ ସେହି ସ୍ଥାନର ମୃତ୍ତିକାକୁ ସ୍ଥାନାନ୍ତରିତ କରେ। ମୃତ୍ତିକା କ୍ଷୟ ବାୟୁର ବେଗ ଉପରେ ନିର୍ଭର କରେ। ବାୟୁର ବେଗ ଘଣ୍ଟା ପ୍ରତି ୧୦ରୁ ୧୫ କିଲୋମିଟର ହେଲେ ସୂକ୍ଷ୍ମ କର୍ଦ୍ଦମ କଣିକା ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୨୦ ରୁ ୨୫ କିଲୋମିଟର ହେଲେ ପଟୁ, କର୍ଦ୍ଦମ ସହ ସୂକ୍ଷ୍ମ ବାଲି ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୩୦ରୁ ୪୫ କି.ମି. ହେଲେ ୧.୦ ରୁ ୨.୦ ମି.ମି. ବ୍ୟାସ ବିଶିଷ୍ଟ ବାଲୁକା କଣିକାମାନ ଉଡିଯାଏ। କୌଣସି ସ୍ଥାନର ବାୟୁ ପ୍ରବାହ ଘଣ୍ଟା ପ୍ରତି ୫୦ରୁ ୭୫ କି.ମି. ହେଲେ ୨ମି.ମି. ବ୍ୟାସଠାରୁ ବୃହତ୍ ବାଲୁକା ରାଶି ଉଡିଯାଏ। ଏପ୍ରକାର ପ୍ରଚଣ୍ଡ ବାୟୁର ବେଗ ମରୁଭୂମି ଅଞ୍ଚଳରେ ଦେଖାଯାଏ। ବାୟୁ ପ୍ରବାହରୁ ସ୍ଥାନାନ୍ତରିତ ହେଉଥିବା ମୃତ୍ତିକା ସଂରକ୍ଷଣ ପାଇଁ ନିଜର ଅଭିଜ୍ଞତାରୁ ବାୟୁ ପ୍ରବାହର ଦିଗ ଅନୁମାନ କରି ବିବିଧ ଉଚ୍ଚତା ବିଶିଷ୍ଟ ବୃକ୍ଷ ଧାଡିରେ ରୋପଣ କରାଯାଏ। ବାୟୁ ପ୍ରବାହର ଅନୁକୂଳରେ ପ୍ରଥମ ଧାଡିରେ ଅଧିକ ଉଚ୍ଚ, ଦ୍ୱିତୀୟ ଧାଡିରେ ମଧ୍ୟମ ଉଚ୍ଚ ଏବଂ ତୃତୀୟ ଧାଡିରେ କମ୍ ଉଚ୍ଚତା ବିଶିଷ୍ଟ ବୃକ୍ଷ ରୋପଣ କରାଯାଏ।

ଉପକୂଳ ଅଞ୍ଚଳରେ ପ୍ରଚଣ୍ଡ ବେଗର ପବନ ସହ ପ୍ରବଳ ବର୍ଷା ହେଲେ ବାତ୍ୟା ସୃଷ୍ଟି ହୁଏ। ବାତ୍ୟା ଦ୍ୱାରା ସମୁଦ୍ରର ଲୁଣା ଜୁଆର ବାଲି ସହ ଚାଷ ଜମିକୁ ପ୍ରବାହିତ ହୋଇ ଧନ ଜୀବନ ନଷ୍ଟ ହୋଇ ଶହ ଶହ ଏକର ଚାଷଜମି ବାଲି ସ୍ତୂପରେ ପରିଣତ ହୁଏ। ସମୁଦ୍ର କୂଳରେ ଝାଉଁ ଏବଂ ନଦୀ ମୁହାଣରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କଲେ ବାତ୍ୟାର କରାଳ ପ୍ରଭାବରୁ ମୃତ୍ତିକାକୁ ସୁରକ୍ଷା ଦେଇ ହେବ।

**- ପ୍ରଫେସର ସୁବୋଧ କୁମାର ସାହୁ**
ମୋ: ୯୫୫୬୨୬୬୦୮୫

ମୃତ୍ତିକା ଖାଦ୍ୟ, ପ୍ରାଣୀ ଖାଦ୍ୟ, ଜାଳେଣି ଓ ତନ୍ତୁ ଉତ୍ପାଦନ, ପରିବେଶର ଯତ୍ନ ତଥା ମନୁଷ୍ୟ ଓ ପ୍ରାଣିମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆଧାର। କହିବା ବାହୁଲ୍ୟ, ବିଶ୍ୱ ଜୈବ ବିବିଧତା ପରି ମୃତ୍ତିକା ମଧ୍ୟ ଏକ

## ୨୦୧୫ରୁ ଆରମ୍ଭ




ଅଂଶ। ମୃତ୍ତିକା, ପରିଷ୍କାର ଜଳଯୋଗାଣ ତଥା ବନ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଆହୁରି ମଧ୍ୟ ପାର୍ଥିବ ଅଙ୍ଗାରର ବୃହତ୍ ଭଣ୍ଡାର ହେଉଛି ମୃତ୍ତିକା। ଏହି ଅଙ୍ଗାରର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ଉପଯୋଗିତା ତଥା ସଞ୍ଚାରଣରେ ବିଶେଷ ସହାୟକ ହୋଇଥାଏ। ଅତଏବ ମାନବ ସମାଜର ଖାଦ୍ୟ, ପାଣି ଓ ଶକ୍ତି ନିରାପତ୍ତା ନିମନ୍ତେ ବିଶ୍ୱସ୍ତରରେ ମୃତ୍ତିକା ସମ୍ବଳର ସଂରକ୍ଷଣ କିମ୍ବା ବର୍ଦ୍ଧନ ଜରୁରୀ। ତେବେ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ୨୦୧୫ରୁ ଡିସେମ୍ବର ୫ରେ ପାଳିତ ହୋଇଆସୁଛି ବିଶ୍ୱ ମୃତ୍ତିକା ଦିବସ। ସୂଚନାଯୋଗ୍ୟ, ମୃତ୍ତିକା ବିଷୟରେ ଜନ ସଚେତନତା ଲାଗି ଉଦ୍ୟମ ଆରମ୍ଭ କରିଥିବା ଥାଇଲାଣ୍ଡର ରାଜା ଏଚ୍. ଏମ୍. କିଙ୍ଗ୍ ଭୂମିବୋଲ୍ ଆଦୁଲ୍ୟାଦେଜ୍‌ଙ୍କ ସରକାରୀ ଜନ୍ମଦିବସ ଡିସେମ୍ବର ୫ରେ ପାଳନ ହୋଇଥାଏ। ତେଣୁ ବିଶ୍ୱ ମୃତ୍ତିକା ଦିବସକୁ ଏହି ଦିନ ପାଳନ କରାଯାଇଥାଏ।

## ଏ ବର୍ଷର ବାର୍ତ୍ତା

## ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା

ଚଳିତବର୍ଷ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ବା ବିଷୟବସ୍ତୁ ରହିଛି 'ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା', ଯାହାକି ସହରାଞ୍ଚଳ ପରିବେଶରେ ସୁସ୍ଥ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ କରେ। ସୁସ୍ଥ ସହରାଞ୍ଚଳ ମୃତ୍ତିକା ବର୍ଷାଜଳ ଶୋଷଣ, ସ୍ଥାନୀୟ ତାପମାତ୍ରା ନିୟନ୍ତ୍ରଣ, କାର୍ବନ ସଂରକ୍ଷଣ ଏବଂ ବାୟୁ ଗୁଣବତ୍ତାକୁ ଉନ୍ନତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରେ। ଯେତେବେଳେ ସହରର ମାଟି ସିମେଣ୍ଟ ଏବଂ କୋଠା ଦ୍ୱାରା ଆଚ୍ଛାଦିତ ହୁଏ (ମାଟି ସିଲିଂ), ସେତେବେଳେ ମୃତ୍ତିକାର ଏହି କାର୍ଯ୍ୟଗୁଡ଼ିକ ହଜିଯାଏ। ଫଳରେ ସହରଗୁଡ଼ିକୁ ବନ୍ୟା, ଅତ୍ୟଧିକ ଗରମ ଏବଂ ପ୍ରଦୂଷଣ ଅଧିକ ଦୁର୍ବଳ କରିଥାଏ। ତେବେ ଚଳିତବର୍ଷ ବିଷୟବସ୍ତୁର ଲକ୍ଷ୍ୟ ନୀତି ନିର୍ଦ୍ଧାରକଙ୍କଠାରୁ ନାଗରିକ ପର୍ଯ୍ୟନ୍ତ ସମସ୍ତଙ୍କୁ, ମାଟି ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ସବୁଜ ଏବଂ ସୁସ୍ଥ ସହରାଞ୍ଚଳ ଗଠନ କରିବାରେ ସାହାଯ୍ୟ କରିବା।





# ତଦନ୍ତକଲେ ଯୁଗ୍ମ କମିଟି



ଭିସିଆଇ କମ୍ପାନୀ ପରିସରରେ ତଦନ୍ତକାରୀ ଟିମ୍।

- ସରକାରଙ୍କ ସୁଯୋଗକୁ ନେଇ ବେଆଇନ ଫାଇଦା
- ଭିସିଆଇ ବିରୋଧରେ ଏନ୍‌ଜିଟି ମାମଲା

**ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଶିଳ୍ପାୟନ ଲୋଡ଼ା। ତେଣୁ ରାଜ୍ୟର ବୃହତ୍ତର ସ୍ୱାର୍ଥରେ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିଳ୍ପପତିମାନଙ୍କୁ ସରକାର ଗୁରୁତ୍ୱ ଦେଇ ଜମି, ଜଳ ସହ ଅନେକ ସୁଯୋଗ ଦେଉଛନ୍ତି। ହେଲେ କେତେଜଣ ଶିଳ୍ପପତି ରାଜ୍ୟ ସରକାରଙ୍କ ଏଭଳି ସୁଯୋଗର ବେଆଇନ ଫାଇଦା ନେଉଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିଃ କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ଏଭଳି କାର୍ଯ୍ୟ ଦେଖିବାକୁ ମିଳିଛି। ଇଡ୍‌କୋଠାରୁ ୨୨ ଏକର ଜମି ନେଇ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାରେ ବିଳମ୍ବ କରି ଜଙ୍ଗଲ ଜମିରୁ ମୋରମ ଲୁଟ କରିଥିବା ପ୍ରମାଣିତ ହୋଇଛି। ଏନେଇ ଲଘୁ ଖଣି ଉପନିର୍ଦ୍ଦେଶକଙ୍କ ମାପଚୁପ ପରେ ମୋରମ ଲୁଟ୍ ବାବଦକୁ ୩୭ ଲକ୍ଷ ୯୮ ହଜାର ୧୧୩ ଟଙ୍କା କମ୍ପାନୀ ପକ୍ଷରୁ ପଇଠ କରାଯାଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୯୪/୨୦୨୫/ଇଜେଡ୍ ନମ୍ବରରେ ମାମଲା ରୁଜୁ ହେବା ପରେ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯୁଗ୍ମ କମିଟି ତଦନ୍ତ କରିଛନ୍ତି।

ଜିଲାପାଳ ଅମ୍ବର କୁମାର କରଙ୍କ ନେତୃତ୍ୱରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଇଡକୋ, ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍), ଦାନଗଦି ତହସିଲଦାର, ଜଙ୍ଗଲ ବିଭାଗ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପ୍ରମୁଖ ଅଭିଯୋଗ ଅନୁସାରେ ସଂପୃକ୍ତ କାଗଜପତ୍ର ଯାଞ୍ଚ ସହ ବିଭିନ୍ନ ଦିଗ ଉପରେ ତଦନ୍ତ କରି ଫେରିଛନ୍ତି। ତେବେ ତଦନ୍ତ ସମୟରେ ଜିଲାପାଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପରେ ଉଦବେଗ ପ୍ରକାଶ କରିଥିବା ସୂଚନା ମିଳିଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ, କମ୍ପାନୀ ଇଡକୋଠାରୁ ନେଇଥିବା ଜମି ମଧ୍ୟରୁ ୧୧ ଏକର ଜଙ୍ଗଲ କିସମ ରହିଛି। କାରଖାନା ପ୍ରତିଷ୍ଠା ପାଇଁ ବିନା ଅନୁମତିରେ ଜଙ୍ଗଲ ଜମିରୁ ପ୍ରାୟ ୪୦ ହଜାର ଗଛ କଟାଯାଇଛି ଏବଂ ଗଛ କଟା ଏବେ ମଧ୍ୟ ଜାରି ରହିଛି। ଏହାବାଦ କାରଖାନା ପ୍ରତିଷ୍ଠା ନାମରେ ଜଙ୍ଗଲ ଜମିରୁ ଗଛକାଟି ବିପୁଳ ମୋରମ ଲୁଟ ହୋଇଛି। ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ନିୟମ-୩୪ ଅନୁଯାୟୀ ବ୍ୟାପକ ଜୈବ ବିବିଧତା ଏବଂ ପରିବେଶଗତ କ୍ଷତି ମୂଲ୍ୟାଙ୍କନ, ପରିବେଶ ସୁରକ୍ଷା ଆଇନ-୧୯୮୬ ଏବଂ ଆପରାଧିକ ଆଇନ ଅନୁଯାୟୀ ଭିସିଆଇ ବିରୋଧରେ ଫୌଜଦାର ମାମଲା ରୁଜୁ ଆଦି ଦାବି କରି ଅଞ୍ଚଳବାସୀଙ୍କ ପକ୍ଷରୁ ସୁବ୍ରତ କୁମାର ସାହୁ ଏନଜିଟିରେ ଅଭିଯୋଗ କରିଥିଲେ। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରି ୧୨।୧୨।୨୦୨୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ତଦନ୍ତକାରୀ ଦଳ ଭିସିଆଇ କାରଖାନା ପରିସରରେ ପହଞ୍ଚି ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଛନ୍ତି। ସ୍ଥାନ ସମତୁଲ କରିବାକୁ ମୋରମ ଖୋଳାଯାଇଥିଲା ବୋଲି କମ୍ପାନୀ କର୍ତ୍ତୃପକ୍ଷ ସଫେଇ ଦେଇଥିବାବେଳେ କାହିଁକି ଜରିମାନା ଦେଉଥିଲ ବୋଲି ତଦନ୍ତକାରୀ ଦଳ ପ୍ରଶ୍ନ କରିଥିଲେ। ଏହାସହ ଜଙ୍ଗଲ ଜମିରେ ବହୁ ଗଛ ଥିଲା ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଜଙ୍ଗଲ ଜମିରୁ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଲୁଟ ହୋଇଛି ଏବଂ ଜରିମାନା ନିର୍ଦ୍ଧାରଣରେ ରଫାଦଫା କରାଯାଇଛି ବୋଲି ଅଭିଯୋଗକାରୀ ପ୍ରକାଶ କରିଥିଲେ।

## କୀଟନାଶକ ପିଇ ମହିଳାଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ,୪।୧୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନମସିଣାବିଲା ଗ୍ରାମ ମୁଣ୍ଡା ସାହିରେ କୀଟନାଶକ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ଚକ୍ରଧର ମୁଣ୍ଡାଙ୍କ ସ୍ତ୍ରୀ ସୀତା ମୁଣ୍ଡା(୪୮)। ସେ କିଛି ବର୍ଷ ହେଲା ଟିବି ରୋଗରେ ଆକ୍ରାନ୍ତ ଥିବା ବେଳେ ଘରେ ସର୍ବଦା ଅଶାନ୍ତ ଲାଗି ରହୁଥିଲା। ଏ ନେଇ ବ୍ୟତିବ୍ୟସ୍ତ ହୋଇ ବୁଧବାର କୀଟନାଶକ ପିଇଦେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ପୋଲିସ କେନ୍ଦୁଝର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା(ନଂ.୮୯/୨୫) ରୁଜୁ ହୋଇଛି।

## 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'

### ଆଜି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ

ସାମାଜିକ ବିକାଶ, ଅର୍ଥନୈତିକ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷାରେ ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୫ରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଉଛି। ଲୋକଙ୍କୁ ସ୍ୱଇଚ୍ଛାରେ ସମାଜସେବା କରିବା ପାଇଁ ପ୍ରେରିତ କରିବା ଏହି ଦିବସର ଅନ୍ୟତମ ଲକ୍ଷ୍ୟ। ୧୯୮୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଏବଂ ବ୍ୟକ୍ତିଗତ ସ୍ୱେଚ୍ଛାସେବୀମାନଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'। ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ (ୟୁଏନ୍‌ଭି) କାର୍ଯ୍ୟକ୍ରମ ଦ୍ୱାରା ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ପାଇଁ ସାଧାରଣ ସଭା ଦ୍ୱାରା ୧୯୮୫ ଡିସେମ୍ବର ୧୭ରେ ରିଜୋଲ୍ୟୁଶନ ପାସ୍ କରାଯାଇଥିଲା। ୨୦୧୨ରେ ବିକାଶଶୀଳ ଅଭିଜ୍ଞତା ଏବଂ ସୁପାରିଶକ୍ରମେ ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏକ ୫ବର୍ଷର ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ରଣନୀତିର ନେତୃତ୍ୱ ନେଇଥିଲା। ଏହାକୁ ବିଶ୍ୱସ୍ତରରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

- ବନ୍ଦନା ସେଠୀ

# ପଣ୍ଡୁନୃସିଂହଙ୍କ ୪ ଆଶ୍ରମ ବିଜେ

**ପୁରୀ,୪।୧୨(ଅଜିତ୍ କୁମାର ମହାନ୍ତି)**

ମାର୍ଗଶିର ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପଣ୍ଡୁନୃସିଂହ ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ, ମଙ୍ଗଳ ଆଳତି ଓ ମଇଲମ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ସକାଳ ଧୂପ ଶେଷ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନରେ ବେଶ ଶେଷ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମହାଜନ ସେବକମାନେ ପଣ୍ଡୁନୃସିଂହ ଦେବଙ୍କୁ ଦକ୍ଷିଣ ଘରୁ ଆଣି ସିଂହାସନକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ପଣ୍ଡୁନୃସିଂହଙ୍କୁ ଆଜ୍ଞାମାଳ ଲାଗି କରିଥିଲେ। ମହାଜନ ସେବକମାନେ ପଣ୍ଡୁନୃସିଂହଙ୍କୁ ହସ୍ତରେ ଆଣି ମୁକ୍ତିମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ବିମାନବଡୁ ସେବକମାନେ ବିମାନ ନେଇ ଶ୍ରୀମନ୍ଦିରରୁ ୪ ଆଶ୍ରମ ଅଭିମୁଖେ ବିଜେ କରିଥିଲେ। ପଣ୍ଡୁନୃସିଂହ ମାର୍କଣ୍ଡେଶ୍ୱର ସାହିରେ ଥିବା ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତ ଜହ୍ନିମୁଣ୍ଡିଆ ଛକ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ସ୍ଥିତ ପଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ଏବଂ ଶୀତଳ ଭୋଗ ମଣୋହି କରାଯିବା ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ପରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ଶ୍ରୀକ୍ଷେତ୍ରରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ କରୁଛନ୍ତି।

# ମୃତ ଗୋରୁକଟାକୁ ନେଇ ଉତ୍ତେଜନା

## ବଜରଙ୍ଗ ଦଳର ବିରୋଧ

**ଯୋଡ଼ା/ବଡ଼ବିଲ,୪।୧୨(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବଡ଼ବିଲ ସହରରେ ଗୋରୁ କଟାକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ଉପୁଜିଛି। କେତେଜଣ ଲୋକେ ଏକ ମୃତ ଗାଈ କାଟୁଥିବା ବେଳେ ବଜରଙ୍ଗ ପକ୍ଷରୁ ବିରୋଧ କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗୋମାଂସକୁ ପୋତି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପ୍ରାୟ ଦୁଇ ଦିନ ପୂର୍ବରୁ ବଡ଼ବିଲ ଥାନା ଅନ୍ତର୍ଗତ ଚଟେଇହାଟିଂସ୍ଥିତ ଚମ୍ପୁଆ ନାଳ ରେଳପୋଲ ତଳେ ଏକ ଗାଈର ମୃତ୍ୟୁ ହୋଇଥିଲା। ବୁଧବାର ବଳାଣି ସୀମାନ୍ତ ଝାଡ଼ଖଣ୍ଡ ଟାଟିବା ଅଞ୍ଚଳର କିଛି ଲୋକେ ଉକ୍ତ ମୃତ ଗାଈଟିକୁ ଦେଖି ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଏ ବିଷୟରେ ଖବର ଦେଇଥିଲେ। ଗୁରୁବାର ଟାଟିବା ଅଞ୍ଚଳର କେତେଜଣ ଯୁବତୀ, ଯୁବକ, ପିଲା ଗୋ ମାଂସ ଖାଇବା ଉଦ୍ଦେଶ୍ୟରେ ମୃତ ଗାଈଟିକୁ କାଟୁଥିଲେ। ଚମ୍ପୁଆ ନାଳକୁ ସ୍ଥାନୀୟ ଚଟେଇ ହାଟିଂ ଗ୍ରାମର କିଛି ଯୁବକ ଗାଧୋଇବାକୁ ଯାଇଥିବା ଏହା ଦେଖି ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟଙ୍କୁ ଖବର ଦେଇଥିଲେ। ବଜରଙ୍ଗ ଦଳର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ପରେ ଗୋରୁ କାଟୁଥିବା ଯୁବତୀ, ଯୁବକମାନେ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଯୁବକ, ୫ ନାବାଳିକା ବ୍ୟାଗରେ ମାଂସ ନେଇ ଯାଉଥିବା ସମୟରେ ବଳାଣି ଥାନା ଅନ୍ତର୍ଗତ ମୁକ୍ତି ଧାମ ଶ୍ମଶାନ ନିକଟରେ ବଜରଙ୍ଗ ଦଳର ସଦସ୍ୟମାନେ ଅଟକାଇ ବଳାଣି ପୋଲିସକୁ ଖବର ଦେଇଥିଲେ। ବଳାଣି ପୋଲିସ ପହଞ୍ଚି ଏକ ନିଛାଟିଆ ସ୍ଥାନରେ ଉକ୍ତ ଗୋମାଂସକୁ ପୋତି ଦେବା ପାଇଁ କହିଥିଲା। ବଜରଙ୍ଗ ଦଳ ପକ୍ଷରୁ ଗୋମାଂସ ପୋତି ଦିଆଯାଇଥିବା ବେଳେ ପୋଲିସ ଯୁବକ ଓ ନାବାଳିକାଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ କରୁଛି।

# ଅବଧି ସରିଲା, ୪୦%ରୁ ଅଧିକ ଚାଉଳ ଫେରିପାଇନି ଯୋଗାଣ ବିଭାଗ

ବିଷମ କଟକ, ୪।୧୨(ପ୍ରସନ୍ନ କୁମାର ପଣ୍ଡା)

ଚଳିତ ଖରିଫ ଋତୁ ଅମଳ ସମୟ ଆସିଯାଇଥିଲେ ମଧ୍ୟ ରାୟଗଡା ଜିଲା ବିଷମକଟକ ବ୍ଲକ୍‌ରେ ଯୋଗାଣ ବିଭାଗ ଗତ ଖରିଫ ଋତୁର ୪୦% ଅଧିକ ଚାଉଳ ମିଲ୍ ମାଲିକଙ୍କଠାରୁ ଫେରିପାଇ ନ ଥିବା ଅଭିଯୋଗ ହୋଇଛି। ବିଷମକଟକ ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ୧୨ଟି ମିଲ୍ ପାଖରୁ ମୋଟ ୫୭,୫୯୬ କୁଇଣ୍ଟାଲ ଚାଉଳ ଯୋଗାଣ ବିଭାଗ ଗ୍ରହଣ କରିଥିବାବେଳେ ଆହୁରି ୪୧,୧୫୮ କୁଇଣ୍ଟାଲ ଚାଉଳ ଗ୍ରହଣ କରିବାକୁ ବାକି ରହିଛି।

ଗତ ଖରିଫ ଋତୁରେ କ୍ରୟକାରୀ ସଂସ୍ଥା ୧,୫୭,୩୭୧ କୁଇଣ୍ଟାଲ ଧାନ କ୍ରୟକରି ବ୍ଲକ୍‌ର ୧୨ଟି ଧାନ ମିଲ୍‌କୁ କଷ୍ଟମ ମିଲିଂ ନିମନ୍ତେ ପ୍ରଦାନ କରିଥିଲେ । ମିଲରମାନେ ସେପ୍ଟେମ୍ବର ଶେଷ ସୁଦ୍ଧା ସମସ୍ତ ଚାଉଳ ଯୋଗାଣ ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ଚୁକ୍ତି କରିଥିଲେ। ହେଲେ ଚାଉଳ ରଖିବାକୁ ଗୋଦାମ ଗୃହ ଅଭାବ ଥିବା ଦର୍ଶାଇ ଯୋଗାଣ ବିଭାଗ ମିଲର୍ସଙ୍କଠାରୁ ଚାଉଳ ଗ୍ରହଣ କଲା ନାହିଁ । ବର୍ତ୍ତମାନ ଚାଉଳ ଗ୍ରହଣ ଅବଧିକୁ ବିଭାଗ ଡିସେମ୍ବର ଶେଷ ପର୍ଯ୍ୟନ୍ତ ବଢ଼ାଇଛି। ହେଲେ ଏବେ ଧାନ ଅମଳ ସମୟ ହୋଇଥିବାରୁ ସମସ୍ତ ମିଲ୍‌ରେ ଶ୍ରମିକ ଅଭାବ ଦେଖାଦେଇଛି । ତେଣୁ ଡିସେମ୍ବର ଶେଷ ସୁଦ୍ଧା ବଳକା ଚାଉଳ ଫେରାଇବା କାଠିକର ପାଠ ବୋଲି ମିଲରମାନେ ପ୍ରକାଶ କରୁଛନ୍ତି । ଅପରପକ୍ଷେ ମିଲରମାନେ ସରକାରଙ୍କ ପାଖରୁ ନେଇଥିବା ଧାନ ମିଲ୍‌ରେ ଗଚ୍ଛିତ ରହିଥିବାରୁ ଚଳିତ ଖରିଫ ପୁଣି କଷ୍ଟମ ମିଲିଂ ନିମନ୍ତେ ସେମାନଙ୍କୁ ଧାନ ନେବା ସମ୍ଭବପର ହେବନାହିଁ । ଏତେ କମ୍ ସମୟ ସୀମା ଭିତରେ ଚାଉଳ ପ୍ରଦାନ କରିପାରି ନ ଥିବା ମିଲରମାନଙ୍କୁ ଆଗାମୀ କଷ୍ଟମ ମିଲିଂରେ ଭାଗନେବାକୁ ଚୁକ୍ତିନାମା ସ୍ୱାକ୍ଷର କରାଯିବ କି ନାହିଁ ସେ ନେଇ ମିଲ୍ ମାଲିକମାନେ ସନ୍ଦେହ ପ୍ରକଟ କରିଛନ୍ତି । ଅନ୍ୟପକ୍ଷେ ମିଲର ବିନା ଚୁକ୍ତିନାମାରେ ବିଷମକଟକ ବ୍ଲକ୍‌ରେ ମଣ୍ଡିରେ ଧାନ କିଣା ସମ୍ଭବ ହେବନାହିଁ । ବର୍ତ୍ତମାନ ଡିସେମ୍ବର ଆରମ୍ଭ ହେଲାଣି, ହେଲେ ସରକାରଙ୍କ ମଣ୍ଡି ଖୋଲିଲା ନାହିଁ। ଯେହେତୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚାଉଳ ହସ୍ତାନ୍ତର ଅବଧି ବଢାଇ ଦିଆଯାଇଛି, ସେ ପର୍ଯ୍ୟନ୍ତ ଯଦି କଷ୍ଟମ ମିଲିଂ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର ହେବ ନାହିଁ ତେବେ ଧାନକିଣା ବାଧାପ୍ରାପ୍ତ ହେବ ଏବଂ ଏହାର ସିଧା ପ୍ରଭାବ ନିରୀହ ଚାଷୀଙ୍କ ଉପରେ ପଡିବ ବୋଲି ଆଲୋଚନା ହେଉଛି। ଡିସେମ୍ବର ଶେଷ ସୁଦ୍ଧା ବିଷମକଟକ ବ୍ଲକ ଅଞ୍ଚଳର ସମସ୍ତ ଧାନଚାଷୀ ସେମାନଙ୍କ ଫସଲ ଅମଳ କରିସାରିବେ । ତେଣୁ ଧାନ ସଂରକ୍ଷଣ ନିମନ୍ତେ ଗୋଦାମ ଗୃହର ଅଭାବ ସାଙ୍ଗକୁ ଲଘୁଚାପଜନିତ ବର୍ଷା ଚାଷୀଙ୍କୁ ଅଭାବୀ ବିକ୍ରି କରିବାକୁ ବାଧ୍ୟ କରିବ ବୋଲି ଆଲୋଚନା ହେଉଛି। ଏହାର ସୁଯୋଗ ନେଇ ଧାନ ବେପାରୀ ଏବେ ଗାଁ ମୁହାଁ ହୋଇଛନ୍ତି। ପାଇକଡ଼ାକୁଲୁଗୁଡା, ହାଟ ମୁନିଗୁଡା, ଚାଟରାଗୁଡା, ବିଷମକଟକରେ ଧାନ ଦଲାଲମାନେ ଏବେ ସକ୍ରିୟ ହୋଇଉଠିଛନ୍ତି। ଗୋଟିଏ ପଟେ ମଣ୍ଡି ନ ଖୋଲିବା ଚାଷୀଙ୍କ ଚିନ୍ତା ବଢାଇ ଦେଇଥିବା ବେଳେ ଅନ୍ୟପଟେ ଧାନର ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀଙ୍କ ପାଖରେ ଧାନ ରଖିବା ପାଇଁ ଜାଗା ନ ଥିବାରୁ କୁଇଣ୍ଟାଲ ପିଛା ୨ ହଜାରରେ ଟଙ୍କାରେ ବେପାରୀଙ୍କୁ ବିକ୍ରି କରୁଥିବା ଜଣାପଡିଛି। ଏଥିପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଧାନମଣ୍ଡି ଖୋଲି ଚାଷୀଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଷମକଟକ ବ୍ଲକ୍ ଏମ୍‌ଆଇ ଧାରେନ୍ ସାହୁଙ୍କୁ ପଚାରିବାରୁ ଡିସେମ୍ବର ସୁଦ୍ଧା ଯୋଗାଣ ବିଭାଗ ବକେୟା ଥିବା ସମସ୍ତ ଏଫ୍‌ସିଆଇ ଚାଉଳ ସଂଗ୍ରହ କରିବ। ସେହିପରି ଖୁବଶୀଘ୍ର ଧାନମଣ୍ଡି ଖୋଲାଯିବ ବୋଲି ସେ କହିଛନ୍ତି।

## ଏ ପର୍ଯ୍ୟନ୍ତ ମଣ୍ଡି ଖୋଲି ନ ଥିବାରୁ ଧାନର ଅଭାବୀ ବିକ୍ରି ଆରମ୍ଭ


ମିଲରେ ଗଚ୍ଛିତ ଥିବା ଚାଉଳ।

# ୱାଲ୍‌ଟିୟର ବଦଳରେ ରାୟଗଡ଼ାରୁ ଅପରେଶନ ଦାବି

## ରେଳ ଡିଭିଜନ କାର୍ଯ୍ୟକାରିତାକୁ ନେଇ ଲୋକ ସଭାରେ ଏମ୍‌ପିଙ୍କ ପ୍ରଶ୍ନ


ରାୟଗଡ଼ା ରେଳ ଡିଭିଜନ।

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଡିଭିଜନର କାର୍ଯ୍ୟକାରିତାକୁ ନେଇ ଲୋକ ସଭାରେ ପ୍ରଶ୍ନ ଉଠାଇଲେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା । ଦୀର୍ଘ ୮ବର୍ଷ ତଳେ ରାୟଗଡ଼ା ରେଳ ଡିଭିଜନ ଘୋଷଣା ସରିଥିଲା । ଜାନୁଆରୀ ୬ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭର୍ଚୁଆଲରେ ଡିଆର୍‌ଏମ୍ କାର୍ଯ୍ୟାଳୟର ଶିଳାନ୍ୟାସ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଭଳିକି ପରବର୍ତ୍ତୀ ସମୟରେ ଡିଆର୍‌ଏମ୍ ମଧ୍ୟ ନିଯୁକ୍ତି ଦିଆଯାଇଛି । ହେଲେ ନାଁକୁ ମାତ୍ର ରହିଛି ଏହି ରେଳ ଡିଭିଜନ ଘୋଷଣା । ରାୟଗଡ଼ାଠାରେ ଡିଆର୍‌ଏମ୍ ରହିଥିବା ବେଳେ ଏହାର ସମସ୍ତ ଅପରେଶନ ଏବେ ମଧ୍ୟ ୱାଲଟିୟର ଡିଭିଜନ୍ ଦ୍ୱାରା ହେଉଥିବା ଲୋକ ସଭାରେ ଅଭିଯୋଗ କରିଛନ୍ତି ଏମ୍‌ପି ଉଲାକା । ସେ କହିଛନ୍ତି ଯେ, ରାୟଗଡ଼ା ଡିଭିଜନ ଘୋଷଣା ହେବା ସହିତ ଡିଆର୍‌ଏମ୍ ରହିଥିବା ବେଳେ ଏହାର ସମସ୍ତ ଅପରେଶନ ୱାଲଟିୟରରେ ହେବା ଦ୍ୱାରା ଏଠାରେ ବହୁ ଉନ୍ନତିମୂଳକ କାର୍ଯ୍ୟରେ ବିଳମ୍ବ ଘଟୁଛି । ତେଣୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି ଏମ୍‌ପି ସପ୍ତଗିରି । ସେହିଭଳି ବନ୍ଦେ ଭାରତ ଟ୍ରେନ୍‌କୁ କୋରାପୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ମଧ୍ୟ ଦାବି କରିଛନ୍ତି । ଏହାବ୍ୟତୀତ କୋରାପୁଟଠାରୁ ଭୁବନେଶ୍ୱରୁ ଭାୟା ରାୟଗଡ଼ା ଦିନବେଳେ ଏକ ଟ୍ରେନ୍ ଚଳାଚଳ ପାଇଁ ଦାବି ଏମ୍‌ପି ଉଲାକା କରିଛନ୍ତି ।

# ସୀମାନ୍ତରେ ୩ ପ୍ରେସର କୁକର ଆଇଇଡି ଜବତ

ମାଲକାନଗିରି, ୪।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଡୋଙ୍ଗର ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୩ଟି ପ୍ରେସର କୁକର ଆଇଇଡି ଠାବ କରାଯାଇ ନିଷ୍କ୍ରିୟ କରାଯାଇଛି। ଡୋଙ୍ଗର ଥାନା ଅଞ୍ଚଳ ତୋୟାମେଟା ଓ ପଡବେଦା ଜଙ୍ଗଲରେ ଗୁରୁବାର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ସମୟରେ ପୋଡ଼ାବେଦା ମଦିନ ନଦୀ କୂଳ ରାସ୍ତା ଉପରେ ଆଇଇଡି ବୋମା ଥିବା ଜାଣିବାକୁ ପାଇଥିଲେ । ଉକ୍ତ ଅଞ୍ଚଳରେ ଆଇଟିବିଡି ଡଗ୍ ସ୍କ୍ୱାଡ୍‌କୁ ଡକାଇ ଯାଞ୍ଚ କରିବା ଦ୍ୱାରା ୩ଟି ଆଇଇଡି ବୋମା ଠାବ କରିଥିଲେ । ଏହି ଆଇଇଡି ବୋମାଗୁଡିକ ପ୍ରତ୍ୟେକ ୩ କିଲୋଗ୍ରାମ ଲେଖାଏ ଓଜନର ଥିବା ବେଳେ ଏହାକୁ ସୁରକ୍ଷିତ ଅଞ୍ଚଳକୁ ନେଇ ନିଷ୍କ୍ରିୟ କରିଥିଲେ। ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟକରି ଏହି ଆଇଇଡି ଖଞ୍ଜି ଥିବା ଜଣାପଡ଼ିଛି ।

# ରାୟଗଡ଼ା ସହରର ବିକାଶକୁ ଗୁରୁତ୍ୱ

## ପ୍ରସ୍ତୁତ ହେବ ସହରର ଜିଆଇଏସ୍ ମାଷ୍ଟର ପ୍ଲାନ୍


କର୍ମଶାଳାରେ ଜିଲାପାଳ, ସିଡିଓଙ୍କ ସହ ଅନ୍ୟ ଅଧିକାରୀ ଆଲୋଚନା କରୁଛନ୍ତି।

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅମୃତ ୨.୦ ଯୋଜନାରେ ରାୟଗଡ଼ା ସହରର ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ଭିତ୍ତିକ ମାଷ୍ଟର ପ୍ଲାନ୍ ନିମନ୍ତେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ନଗର ଯୋଜନା ନିର୍ଦ୍ଦେଶାଳୟ ଓ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲୋକାଲ୍ ସେଲ୍ଫ ଗଭର୍ନମେଣ୍ଟର ମିଳିତ ସହଯୋଗରେ ଏହି ବୈଠକରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତା କରିଥିଲେ । ଏଥିରେ ୨୦୫୧ ମସିହା ପର୍ଯ୍ୟନ୍ତ ସହରର ଭବିଷ୍ୟତ ଦୃଷ୍ଟିକୋଣକୁ ନେଇ ପ୍ରସ୍ତୁତ ହେଉଥିବା ମାଷ୍ଟର ପ୍ଲାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମନ୍ୱିତ ଭୂମି ବ୍ୟବହାର ଏବଂ ଭିତ୍ତିଭୂମି ଯୋଜନା ମାଧ୍ୟମରେ ସହରାଞ୍ଚଳ ବିକାଶ କରିବା ଏହି ମାଷ୍ଟର ପ୍ଲାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଛନ୍ତି । ଏହାବ୍ୟତୀତ ଶିଳ୍ପ, ବାଣିଜ୍ୟ ଏବଂ ସେବା କ୍ଷେତ୍ରର ଅଭିବୃଦ୍ଧି ଜରିଆରେ ଅର୍ଥନୈତିକ ସୁଯୋଗ ବୃଦ୍ଧି କରିବା ଏବଂ ସହରବାସୀଙ୍କ ପାଇଁ ମୌଳିକ ସେବା ଓ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କର୍ମଶାଳାରେ ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ ଜେନା, ଡିଏଫ୍‌ଓ ସଚିନ୍ ଆନ୍ନା ସାହେବ ଓହେଲ, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ପୌର ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ ରାୟଗଡ଼ା ସହରର ସମସ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇଥିଲା ।

# ଅଗ୍ନି ବିପନ୍ନଙ୍କୁ ସହାୟତା

ଗୁଣପୁର,୪।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ବେବର୍ତ୍ତା ଢେପସାହିରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୯ ବଖରା ପୋଡି ଯାଇଥିଲା। ଅଗ୍ନିବିପନ୍ନ ୩ ପରିବାରଙ୍କୁ ୧୯୯୫ ମାଟ୍ରିକ ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀଙ୍କ ଦ୍ୱାରା ଗଠିତ ଗୁଣପୁର ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି। ଫାଉଣ୍ଡେସନର ସଦସ୍ୟମାନେ ଘର ପୋଡିଯାଇଥିବା ଲଳିତା ବାଉରୀ, ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କୁ ଭେଟି ୧୦ ହଜାର ଲେଖାଏଁ ଆର୍ଥିକ ସାହାଯ୍ୟ ଦେଇଥିଲେ। ଏହି ସମୟରେ ପୂର୍ବତନ କାଉନସିଲର ମୁନା ପାଣି, ସନ୍ତୋଷ ଗୌଡ଼ଙ୍କ ସମେତ ଫାଉଣ୍ଡେସନର ସିଲୁ ଆଚାର୍ଯ୍ୟ, ଶିବ ପୂଜାରୀ, ରାଜେଶ ଆଜ୍ଞା, ଅନୀଲ ସାହୁକାର, କଲ୍ୟାଣ କୋରା, ରଞ୍ଜିତ ପାଢି, ପ୍ରଭାକର ବାଙ୍ଗାରି, ସନ୍ତୋଷ ସୁବୁଦ୍ଧି, ଅଶୋକ ଶତପଥି, ମଧୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣପୁରର ଶିକ୍ଷୟିତ୍ରୀଙ୍କୁ ଏକାମ୍ର ପ୍ରତିଭା ସମ୍ମାନ



ଅତିଥିଙ୍କଠାରୁ ସୁନୀତା ନିମାଲୁ ଏକାମ୍ର ପ୍ରତିଭା ସମ୍ମାନ ଗ୍ରହଣ କରୁଛନ୍ତି।

ଗୁଣପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସହର ସ୍ଥିତ ଶଶି ଭୂଷଣ ୟୁପି ସ୍କୁଲର ସହକାରୀ ଶିକ୍ଷୟତ୍ରୀ ସୁନୀତା ନିମାଲୁଙ୍କୁ ଏକାମ୍ର ପ୍ରତିଭା ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱର ଗୀତ ଗୋବିନ୍ଦ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁନିତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ସେ ପାଇଥିବାରୁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସୁନିତା ହେଉଛନ୍ତି ଗୁଣପୁର ବରିଷ୍ଠ ସିଭିଲ ଜଜ୍ କୋର୍ଟର ଷ୍ଟେନୋ ଉଦୟ ଉଲାକାଙ୍କ ସ୍ତ୍ରୀ।

# ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ


ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅତିଥି।

ଗୁଣପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ନୋମିନି ଚେୟାରମ୍ୟାନ ତଥା ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ପୌରହିତ୍ୟ କରିଥିଲେ । ସଦସ୍ୟ ବରିଷ୍ଠ ଆଇନଜିବୀ ଉମାଚାରଣ ପଟ୍ଟନାୟକ, ଶିକ୍ଷାବିତ୍ ଅକ୍ଷୟ ଦାଶ ଓ ଲକ୍ଷ୍ମଣ ଶବର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସ୍କୁଲର ଶିକ୍ଷକ ଚନ୍ଦନ ପାଣି ସ୍ୱାଗତ ଭାଷଣ ଦେଇଥିବାଲେ ଅଧ୍ୟକ୍ଷ ସୌରଭ ଜୈନ ବିବରଣୀ ପାଠ କରିଥିଲେ । ସ୍କୁଲରେ ଗୁଣାତ୍ମକ ଶିକ୍ଷାର ବିକାଶ ସହ ହାଇସ୍ପିଡ଼ ଇଣ୍ଟରନେଟ୍ ସେବା, ୩ ଫେଜ୍ ବିଦ୍ୟୁତ ସଂଯୋଗ, ଅତିରିକ୍ତ ପାନୀୟ ଜଳଯୋଗାଣ, ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍କୁଲ ନୂତନ କୋଠା ନିର୍ମାଣ ଏକ ବର୍ଷ ଭିତରେ ସମ୍ପୂର୍ଣ୍ଣ କରି ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଆଲୋଚନା ହୋଇଥିଲା । ଏଥିସହ ସଦସ୍ୟ ଅକ୍ଷୟ ଦାଶ ସ୍କୁଲରେ ଏକାଦଶ ଶ୍ରେଣୀ ଖୋଲିବାକୁ କେ.ଭିକୁ ହାର୍ଡ ଷ୍ଟେଶନ ଘୋଷଣା ପ୍ରକ୍ରିୟା ଆରମ୍ଭ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ସଭାପତି ତଥା ଉପଜିଲାପାଳ ସମସ୍ତ ଶିକ୍ଷକ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟତ୍ରୀ ପ୍ରିୟା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡି ଖୋଲିବା ଦାବି ନେଇ କିଷାନ କଂଗ୍ରେସର ଦାବିପତ୍ର

ମାଲକାନଗିରି,୪।୧୨(ସୁଚିତ୍ରା ଦାସ)

ଶୀଘ୍ର ଧାନମଣ୍ଡି ଆରମ୍ଭ ଓ କଟ୍‌ନି ଛଟ୍‌ନି ଉପରେ ରୋକ ଲଗାଇବା ଦାବିରେ ମାଲକାନଗିରିଜିଲା କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା କିଷାନ କଂଗ୍ରେସ ପକ୍ଷରୁ ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି, ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଖରିଫ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଣ୍ଡି ଖୋଲିବା ସମୟ ମଧ୍ୟ ପାଖେଇଛି। ଚାଷ ଆରମ୍ଭ ବେଳେ ସରକାର ସାର ଯୋଗାଇବାରେ ବିଫଳ ହୋଇଥିଲେ। ଗତ ବର୍ଷ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରିର ବୋନସ ଅର୍ଥ ପାଇନାହାନ୍ତି। ତେଣୁ ବର୍ତ୍ତମାନ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ମଣ୍ଡି ଆରମ୍ଭ କରାଯିବାକୁ ଦାବି କରାଯାଇଛି। ଏହା ସହ କଟ୍‌ନି ଛଟ୍‌ନି ବନ୍ଦ କରିବା ସହ କୃଷକ ଓ ଫସଲ ବୀମା ଲାଗୁ କରିବା, କୃଷକଙ୍କ ପାଇଁ ୧୦ ହଜାର ପ୍ରଦାନ କରାଯାଉ ବୋଲି ମଧ୍ୟ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସର ସଭାପତି ଜି ଶ୍ରୀନିବାସ ରାଓ, କୃଷ୍ଣଚନ୍ଦ୍ର ଅନୁଗ୍ରୁ, ପଦ୍ମ ପାଙ୍ଗୀ, ପ୍ରଭାକର ପାଳ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୯ରେ କଲ୍ୟାଣସିଂହପୁର ବ୍ଲକ୍‌ସ୍ତରୀୟ ଚଇତି



ବୈଠକରେ ବିଡିଓଙ୍କ ସହ ଉପସ୍ଥିତ ଅଧିକାରୀ।

କଲ୍ୟାଣସିଂହପୁର, ୪।୧୨ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ସମିତି କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ 'ଚଇତି' ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ମନୀଷା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା କଳାକାର ସଂଘର ଉପସଭାପତି ସନ୍ତୋଷ କୁମାର ବଛା, ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ବିଏସଏସଓ ବିଶ୍ୱଜିତ ସିଂ ସାମନ୍ତ, ଜିପିଓ ଶତୋମ୍ବର ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଚଳିତ ମାସ ୯ତାରିଖରେ କଲ୍ୟାଣସିଂହପୁରରେ ଚଇତି ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ସକାଳ ୭ଟାରେ ନାଗାବଳି ନଦୀରୁ ଜଳ ସଂଗ୍ରହ କରି ନଗର ପରିକ୍ରମା କରିବା ପରେ ଅସ୍ଥାୟୀ ଚଇତି ପଡିଆରେ ସ୍ଥାପନ କରାଯିବ। ୧୦ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଗାଁ ଗହଳିରେ ଥିବା ଲୁକ୍କାୟିତ ପ୍ରତିଭା ଲୋକ ଲୋଚନ ଆଣିବା ପାଇଁ ଏହା ଏକ ପ୍ରୟାସ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମହୋତ୍ସବରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ସରପଞ୍ଚ ଗୌତମ ବାର୍ଲି, ସମିତି ସଭ୍ୟା, ପାର୍ସାଲି ସ୍ୱତନ୍ତ୍ର ଅଧିକାରୀ ମନୋଜ କୁମାର ସାହୁ, ଅଗ୍ନିଶମ, ମିନି ବ୍ୟାଙ୍କ ଅଧିକାରୀ, ସ୍ୱାସ୍ଥ୍ୟ, ସମାଜସେବୀ, ଡମ୍ବ ସମାଜ ସଭାପତି, ଡ୍ରାଇଭର ସଂଘ, ଥାନା, ବଣିକ ସଂଘ, ତହସିଲ, ଆଦିବାସୀ କନ୍ଧ କୁଳ ସମାଜ ସଭାପତି, ବ୍ରାହ୍ମଣ ସମାଜ ସଭାପତି, ପ୍ରାଣୀ ଚିକିତ୍ସକ, ଆଇସିଡିଏସ,ସମସ୍ତ ସାମ୍ବାଦିକ, ଏମ୍‌ପି ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା, ସି ହେଚ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରୀ ଧନ୍ୟବାଦ ଦେଇଥିଲେ।

# ନିର୍ମାଣ ହେବ ୬ କ୍ରସିଂ ଷ୍ଟେଶନ, ୨ ଲେଖାଏ ପ୍ଲାଟ୍‌ଫର୍ମ, ଓଭରବ୍ରିଜ୍

ଗୁଣପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ)







ଗୁଣପୁର ଥେରୁବାଲିମଧ୍ୟରେ ଜମିଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୌପଡ଼ା ଗୁଣପୁର-ରେଳପଥର ୬ଟି ସ୍ଥାନ ଯଥା ଷ୍ଟେଶନରେ ଟ୍ରେନ କ୍ରସିଂ ବ୍ୟବସ୍ଥା ସହ ୨ଟି ଲେଖାଏ ପ୍ଲାଟ୍‌ଫର୍ମ ଏବଂ ଫୁଟ ଓଭରବ୍ରିଜ୍ ନିର୍ମାଣ ହେବ । ଏନେଇ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଖବର ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ରେଳପଥକୁ କେନ୍ଦ୍ର ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାରୁ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ କାଶୀନଗର ଏବଂ ତେମ୍ଭୁରଠାରେ କ୍ରସିଂ ପାଇଁ ଦାବି ହୋଇ ଆସୁଥିବାବେଳେ ବର୍ତ୍ତମାନ ୬ଟି ଷ୍ଟେଶନରେ କ୍ରସିଂ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଗୁଣପୁର-ପାରଳାଖେମୁଣ୍ଡି ମଧ୍ୟରେ ବଂଶଧାରା ଷ୍ଟେଶନଠାରେ ଟ୍ରେନ କ୍ରସିଂ ବ୍ୟବସ୍ଥା ସହ ୨ଟି ପ୍ଲାଟଫର୍ମ ଏବଂ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବ। କାଶୀନଗରଠାରେ କ୍ରସିଂ ସହ ୨ଟି ପ୍ଲାଟ୍‌ଫର୍ମ ନିର୍ମାଣ କରାଯିବ । ସେହିପରି ସୀତାପୁରଠାରେ ଦୁଇଟି ପ୍ଲାଟ୍‌ଫର୍ମ ସହ ଫୁଟ୍ ଓଭରବ୍ରିଜ୍ ଏବଂ ଟ୍ରେନ କ୍ରସିଂ କାର୍ଯ୍ୟ କରାଯିବ । ସେହିଭଳି ପାରଳାଖେମୁଣ୍ଡି -ନୌପଡ଼ା ମଧ୍ୟରେ ପାତପାଟଣାଠାରେ ନୂତନ କ୍ରସିଂ ସହ ଦୁଇଟି ପ୍ଲାଟ୍‌ଫର୍ମ ନିର୍ମାଣ ହେବ ବୋଲି ସୂଚନା ମିଳିଛି। ତେମ୍ଭୁରଠାରେ ଟ୍ରେନ କ୍ରସିଂ ସହ ଦୁଇଟି ପ୍ଲାଟଫର୍ମ ତିଆରି କରାଯିବ । ସେହିପରି ଟେକିଲିଠାରେ ଦୁଇଟି ପ୍ଲାଟଫର୍ମ, ଟ୍ରେନ କ୍ରସିଂ ସହ ଫୁଟ ଓଭର ବ୍ରିଜ ନିର୍ମାଣ କରାଯିବ ବୋଲି ରେଳ ବିଭାଗ ଗତ ୨୮ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ପ୍ରକାରେ ଜଣାପଡିଛି । ଏଥିସକାଶେ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘର ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡା , ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ସମ୍ପାଦକ ମିଲି ପାଢିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ଦ୍ୱାରା ଷ୍ଟେଶନଗୁଡିକରେ ଦୁଇଟି ଲେଖାଏ ଷ୍ଟେଶନ ମାଷ୍ଟର ସହ ଆନୁସଙ୍ଗିକ ରେଳ କର୍ମଚାରୀ ନିଯୁକ୍ତି ପାଇବେ । ପ୍ରତି ଷ୍ଟେଶନରେ କମ୍ପ୍ୟୁଟରାଇଜଡ ଟିକେଟ ବିକ୍ରି ହେବ । ଏହା ଫଳରେ ଟ୍ରେନଗୁଡିକ ଚଳାଚଳରେ ବିଳମ୍ବ ହେବ ନାହିଁ। ନୂତନ ଟ୍ରେନ ଆସିବାରେ ଏଣିକି ରାସ୍ତା ଫିଟିବ ବୋଲି କୁହାଯାଉଛି।

## ଗୁଣପୁର-ନୌପଡ଼ା ରେଳପଥ ପାଇଁ ଖୁସି ଖବର

ସୂଚନାଯୋଗ୍ୟ, ଗୁଣପୁରଠାରୁ ହାଓଡା ଏବଂ ଗୁଣପୁରଠାରୁ ବିଜୟୱାଡା ଦୁଇଟି ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ରେଳ ବିଭାଗର ବିଚାରାଧୀନ ରହିଛି। ନୂତନ ଏକ୍ସପ୍ରେସ ଟ୍ରେନ ଗୁଣପୁର-ହାଓଡା- ଗୁଣପୁରଠାରୁ ରାତ୍ର ୯.୩୦ ରେ ବାହାରି ଭୁବନେଶ୍ୱରଠାରେ ଭୋର ସାଢେ ୪ ଟାରେ ଏବଂ ହାଓଡାକୁ ପୂର୍ବାହ୍ନ ୧୦ଟାରେ ପହଞ୍ଚିବ । ଫେରନ୍ତା ରାସ୍ତାରେ ହାଓଡାଠାରୁ ସନ୍ଧ୍ୟା ସାଢେ ୫ ଟାରେ ବାହାରି ଗୁଣପୁରରେ ସକାଳ ସାଢେ ୭ଟାରେ ପହଞ୍ଚି ଦିନ ତମାମ ପାରାଳାଖେଣ୍ଡି ଠାରେ ରହଣି କରିବ । ବର୍ତ୍ତମାନ ଗୁଣପୁର ବିଶାଖାପାଟଣା ଟ୍ରେନଟି ବିଜୟୱାଡା ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ବିଶାଖାପାଟଣାଠାରୁ ବିଜୟାୱାଡା ଏକ୍ସପ୍ରେସ ଭାବରେ ଚାଳାଚଳ କରିବ ବୋଲି ଜଣାପଡିଛି । ଏହା ଗୁଣପୁରଠାରୁ ଦିନ୨ ଟା ୩୦ରେ ବାହାରି ବିଶାଖାପଟଣାରେ ରାତ୍ର ୯ଟା ଏବଂ ବିଜୟୱାଡାରେ ଭୋର ୪ ଟା ସମୟରେ ପହଞ୍ଚିବ । ଫେରନ୍ତାରେ ବିଜୟୱାଡାରୁ ରାତ୍ର ୧୦ ଟାରେ ବାହାରି ଗୁଣପୁରଠାରେ ଦିନ ୧୧.୪୫ରେ ଆସିବ ବୋଲି ଜଣାପଡିଛି।

# କୋରୁକୋଣ୍ଡା ବ୍ଲକରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସମ୍ଭାବନା

## ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ଜିଲାପାଳଙ୍କ ମାଛ ପ୍ରକଳ୍ପ ପରିଦର୍ଶନ

କୋରୁକୋଣ୍ଡା,୪।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଓ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିକାଶମୂଖୀ ପ୍ରକଳ୍ପ ଓ ମତ୍ସ୍ୟଚାଷ ଯୋଜନାଗୁଡ଼ିକୁ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲମ ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ସମୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ଚାଷୀଙ୍କ ଆୟବୃଦ୍ଧି, ଜଳାଶୟ ବ୍ୟବହାର, ଆକ୍ୱାକଲ୍ଚର ମଡେଲ ଆଦି ବିଷୟରେ ମୂଲ୍ୟାଙ୍କନକରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଅନେକ ଦିଗରେ ନିର୍ଦ୍ଦେଶ ଜାରି କରିଛନ୍ତି। କୋରୁକୋଣ୍ଡା ବ୍ଲକରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ବହୁତ ସମ୍ଭାବନା ରହିଛି ଓ ଏହାକୁ ଆଧୁନିକ ପ୍ରକଳ୍ପ, ପ୍ରଶିକ୍ଷଣ ଏବଂ ସାହାଯ୍ୟ ଦ୍ୱାରା ଆହୁରି ଅଧିକ ଶକ୍ତିଶାଳୀ କରାଯିବ ବୋଲି ମତ୍ସ୍ୟ ନିର୍ଦ୍ଦେଶକ କହିଛନ୍ତି । ଏହି ପରିଦର୍ଶନରେ ଜିଲାପାଳ ସୋମେସ


ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ ଏସ୍ଏଚଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

କୁମାର ଉପାଧ୍ୟାୟ , ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲା ଅନୁସୂଚିତ ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲା ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ, କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଓ କୋରୁକୋଣ୍ଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଗୁରୁବାର ବିଭିନ୍ନ ମାଛଚାଷ ପୋଖରୀ, ଆକ୍ୱାକଲ୍ଚର ୟୁନିଟ, କୋରୁକୋଣ୍ଡା ଗ୍ରାମର ମା' ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ମତ୍ସ୍ୟ ଉତ୍ପାଦନ ପ୍ରକଳ୍ପ, ମାଛ ପୋଷଣ କେନ୍ଦ୍ର ଓ ଯଶୋଦା ପରିଡ଼ାଙ୍କ ମତ୍ସ୍ୟ ଯାଆଁଳା ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଛନ୍ତି । ଗ୍ରାମାଞ୍ଚଳରେ ମତ୍ସ୍ୟ ଚାଷ ହେଉଥିବା ପୋଖରୀର ପାଣି ଗୁଣବତ୍ତା, ଆହାର ବ୍ୟବସ୍ଥା, ଚାଷୀଙ୍କ ସମସ୍ୟା ଓ ପ୍ରଶିକ୍ଷଣ ଆବଶ୍ୟକତା ହେଉଥିବା ନେଇ ଅଧିକାରୀଙ୍କୁ ସୂଚନା ମଧ୍ୟ ଦେଇଥିଲେ। ମତ୍ସ୍ୟ ଚାଷକୁ ଆଧୁନିକ ମଡେଲରେ ପରିବର୍ତ୍ତନ କରିବା, ଗ୍ରାମ୍ୟ ଯୁବମାନଙ୍କୁ ଆକ୍ୱାକଲ୍ଚର ମାଧ୍ୟମରେ ରୋଜଗାର ସୃଷ୍ଟି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ସେ କହିଥିଲେ ।

# ଆଜିଠାରୁ ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା

ନବରଙ୍ଗପୁର,୪।୧୨(ସଦାଶିବ ପ୍ରହରାଜ)

ଭାରତୀୟ ଲିଡ୍ ବ୍ୟାଙ୍କ ନବରଙ୍ଗପୁର ପକ୍ଷରୁ ଆସନ୍ତା ଡିସେମ୍ବର ୫ ତାରିଖ ଶୁକ୍ରବାର ଅପରାହ୍ନ ୩ଟା୩୦ ମିନଟ ସମୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହେବ। ସେଠାରେ ଆପଣଙ୍କ ପୁଞ୍ଜି,ଆପଣଙ୍କ ଅଧିକାର ଶୀର୍ଷକ ସଚେତନତା ଶିବିର କରାଯିବ। ଶିବିରରେ ଦାବି ହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରାଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ପାଇଁ ନବରଙ୍ଗପୁର ଜିଲାର ସମସ୍ତ ବ୍ୟାଙ୍କ ଜୀବନ ବୀମା ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ ପଦକ୍ଷେପ ନିଆଯାଇଛି ବୋଲି ଅଗ୍ରଣୀ ଜିଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି।

# ମଣ୍ଡେଇ ଉପଲକ୍ଷେ କବିତା ପାଠୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର,୪।୧୨(ସଦାଶିବ ପ୍ରହରାଜ)

ଜିଲା ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ପକ୍ଷରୁ ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଉମରକୋଟ,ଚନ୍ଦାହଣ୍ଡି, ରାଇଘର ଓ ଝରିଗାଁକୁ ନେଇ ବ୍ଲକ୍ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦାସିଆ ସାଂସ୍କୃତିକ ପରିଷଦ ସଭାପତି ଟୁଟୁବାବୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡ଼େମୀ ନବରଙ୍ଗପୁର ଶାଖା ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଜୟଦେବ ପରିଡ଼ା ବିଶିଷ୍ଟ ଅତିଥି, ଡା ସୁରେନ୍ଦ୍ର ନାଥ ଦାଶବରେଣ୍ୟ ଅତିଥି, ସାରସ୍ୱତ ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପକ ଗୋପାଳ ମହାରଣା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବାଗ, ରାଜ୍ୟସ୍ତରରେ ପୁରସ୍କୃତ ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ, କବି ଶାନ୍ତିଲତା ମହାନ୍ତି ଓ ବେହେଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ବିଧାନ ବିଶ୍ୱାସ ଯୋଗ ଦେଇଥିଲେ। କବି ସାଗର ପରିଡ଼ା, କବି ସ୍ୱାଗତିକା ସାହୁ କବିତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ କବି ଯୋଗ ଦେଇଥିଲେ। ସମୀର ପ୍ରଧାନ, କେଦାରେଶ୍ୱର ପଟ୍ଟନାୟକ, ବିବେକାନନ୍ଦ ପଟ୍ଟନାୟକ, ଗଣେଶ ପ୍ରସାଦ ରଣା, ବିଷ୍ଣୁ ପ୍ରସାଦ ସାହୁ, ରାଜେଶ ଜୀ, ନୀଳକଣ୍ଠ ଚମ୍ପତି, ବିମଳ କୁମାର ବାରୋଇ, ଶେଖ ନାସିରୁଦ୍ଦିନ, ସୁରେଶଚନ୍ଦ୍ର ପଣ୍ଡା, ସତ୍ୟେନ୍ଦ୍ର ରାଉତ, ସଞ୍ଜୟ ସାମଲ, ମହାନନ୍ଦ ମହାଲିକ, ନଗେନ୍ଦ୍ର ରାଉତ, ରାଜକିଶୋର ନାୟକ, ଡ ସନ୍ତୋଷ କୁମାର ଖମାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୀମାନ୍ତରେ ୩ ପ୍ରେସର କୁକର ଆଇଇଡି ଜବତ

ମାଲକାନଗିରି, ୪।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଡୋଙ୍ଗର ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୩ଟି ପ୍ରେସର କୁକର ଆଇଇଡି ଠାବ କରାଯାଇ ନିଷ୍କ୍ରିୟ କରାଯାଇଛି। ଡୋଙ୍ଗର ଥାନା ଅଞ୍ଚଳ ତୋୟାମେଟା ଓ ପଡବେଦା ଜଙ୍ଗଲରେ ଗୁରୁବାର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ସମୟରେ ପୋଡ଼ାବେଦା ମଦିନ ନଦୀ କୂଳ ରାସ୍ତା ଉପରେ ଆଇଇଡି ବୋମା ଥିବା ଜାଣିବାକୁ ପାଇଥିଲେ । ଉକ୍ତ ଅଞ୍ଚଳରେ ଆଇଟିବିପି ଡଗ୍ ସ୍କ୍ୱାଡ୍କୁ ଡକାଇ ଯାଞ୍ଚ କରିବା ଦ୍ୱାରା ୩ଟି ଆଇଇଡି ବୋମା ଠାବ କରିଥିଲେ । ଏହି ଆଇଇଡି ବୋମାଗୁଡିକ ପ୍ରତ୍ୟେକ ୩ କିଲୋଗ୍ରାମ ଲେଖାଏ ଓଜନର ଥିବା ବେଳେ ଏହାକୁ ସୁରକ୍ଷିତ ଅଞ୍ଚଳକୁ ନେଇ ନିଷ୍କ୍ରିୟ କରିଥିଲେ। ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟକରି ଏହି ଆଇଇଡି ଖଞ୍ଜି ଥିବା ଜଣାପଡ଼ିଛି ।

# ୧୪୫ ମୃତ କେନ୍ଦୁପତ୍ର ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ମିଳିଲା ସହାୟତା ରାଶି



ଅତିଥିଙ୍କ ସହ ମୃତ ପଞ୍ଜୀକୃତ କେନ୍ଦୁପତ୍ର ତୋଳାଳିଙ୍କ ଉତ୍ତରାଧିକାରୀ।

ମାଲକାନଗିରି,୪।୧୨(ଦୁର୍ଯ୍ୟୋଧନ ପାତ୍ର)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କେନ୍ଦୁପତ୍ର କଲ୍ୟାଣ ଟ୍ରଷ୍ଟ ପାଣ୍ଠି ତରଫରୁ ମୃତ କେନ୍ଦୁପତ୍ର ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ଗୁରୁବାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜୟପୁର କେନ୍ଦୁପତ୍ର ଡିଏଫ୍ଓ ଉମା ମହେଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲା ଭାଜପା ସଭାପତି ଅଶୋକ ପରିଡ଼ା, ମାଲକାନଗିରି ଡିଏଫ୍ଓ ସାଇ କିରଣ ଡିଏନ୍, ଜିଲା କର୍ମନିଯୁକ୍ତି ଅଧିକାରୀ ଗୁପ୍ତ ମାଢ଼ି, ଉପେନ୍ଦ୍ର ଦୀପ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଅଂଶଗ୍ରହଣ କରିଥିଲେ। ମୃତ ପଞ୍ଜୀକୃତ କେନ୍ଦୁପତ୍ର ତୋଳାଳିଙ୍କ ପରିବାର ଲୋକଙ୍କୁ କେନ୍ଦୁପତ୍ର କଲ୍ୟାଣ ଟ୍ରଷ୍ଟ ପାଣ୍ଠି ତରଫରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାର ୧୪୫ଜଣ ମୃତ କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ମୋଟ ୨ କୋଟି ୯୦ ଲକ୍ଷ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଚଳିତ ବର୍ଷ କେନ୍ଦୁପତ୍ର ସଂଗ୍ରହରେ ବେନିୟମ ବେସରକାରୀ ସଂସ୍ଥା ଉପରେ କଡା ନଜର ରଖାଯିବା ସହ କେନ୍ଦୁପତ୍ର ଅଞ୍ଚଳର ଯୁବତୀଯୁବକଙ୍କୁ ବିଭାଗ ତରଫରୁ ଦକ୍ଷତା ବିକାଶ ତାଲିମ ଦିଆଯିବ ବିଭାଗ ପକ୍ଷରୁ କୁହାଯାଇଛି।

# ପୁଣି ମାଥିଲି ଲ୍ୟାମ୍ପସ ବିରୋଧରେ ଦୁର୍ନୀତି ଅଭିଯୋଗ

ମାଥିଲି, ୪।୧୨ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ରେ ଥିବା ଲ୍ୟାମ୍ପସ ନାଁରେ ପୁଣି ଦୁର୍ନୀତି ଅଭିଯୋଗ ଆସିଛି। ଜମି ମାଲିକଙ୍କ ଅଜାଣତରେ ଲ୍ୟାମ୍ପସ କର୍ମଚାରୀମାନେ ନିଜ ନାମରେ ଓ ପରିବାର ଲୋକଙ୍କ ନାମରେ ମଣ୍ଡି ଭାଗଚାଷ କାର୍ଡ କରି ରଖିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଭଗବାନ କୋପେ ନାମକ ଜମି ମାଲିକ ମାଥିଲି ତହସିଲ କାର୍ଯ୍ୟାଳୟରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ତାଙ୍କ ଅନୁମତି ବିନା ଲ୍ୟାମ୍ପସରେ କର୍ମଚାରୀମାନେ ଭାଗଚାଷ ଦେଖାଇ ନିଜ ନାମରେ ମଣ୍ଡି କାର୍ଡ କରି ରଖିଛନ୍ତି। ଅଭିଯୋଗ ଅନୁସାରେ ନିରୀହ ଆଦିବାସୀଙ୍କ ଜମି ପଟ୍ଟା ଉପରେ ଲ୍ୟାମ୍ପସ କର୍ମଚାରୀ ଓ ଏମ୍ଡି ସନ୍ତୋଷିନୀ ପରିଡା ମିଶି ଭୁଲ ସୂଚନା ଦେଖାଇ ନିଜମାନଙ୍କ ନାମରେ ମଣ୍ଡିଭାଗ କାର୍ଡ କରିନେଉଥିବା ଅଭିଯୋଗ ଲଗାଯାଇଛି। ଏ ସମ୍ପର୍କରେ ଏମ୍ଡି ସନ୍ତୋଷିନୀ ପରିଡାଙ୍କୁ ପଚାରିବାରୁ ଅଜାଣତାରେ ହୋଇଛି। ମୁଁ ମାଲକାନଗିରି ଯାଇ ସବୁ ଡିଲିଟ କରିଦେବି ବୋଲି କହିଛନ୍ତି। ଏ ନେଇ ସିପିଆ ନେତା ହଳଧର ପୂଜାରୀ କହିଛନ୍ତି ଚାଷୀମାନେ ଧରିପାରିଲେ ବୋଲି ଡିଲିଟ କରୁଛନ୍ତି। ନ ଜାଣିଥିଲେ ଲ୍ୟାମ୍ପସ କର୍ମଚାରୀ ଓ ଏମଡି ମିଶି ଧାନ ବିକ୍ରି କରି ଆତ୍ମସାତ କରିଥାନ୍ତେ । ଅଭିଯୋଗ ପରେ ତହସିଲ ଅଫିସ ତଦନ୍ତ ଆରମ୍ଭ କରିଛି।

# ମଣ୍ଡି ଖୋଲିବା ଦାବି ନେଇ କିଷାନ କଂଗ୍ରେସର ଦାବିପତ୍ର

ମାଲକାନଗିରି,୪।୧୨(ସୁଚିତ୍ରା ଦାସ)

ଶୀଘ୍ର ଧାନମଣ୍ଡି ଆରମ୍ଭ ଓ କଟ୍ନି ଛଟ୍ନି ଉପରେ ରୋକ ଲଗାଇବା ଦାବିରେ ମାଲକାନଗିରିଜିଲା କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା କିଷାନ କଂଗ୍ରେସ ପକ୍ଷରୁ ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି, ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଖରିଫ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଣ୍ଡି ଖୋଲିବା ସମୟ ମଧ୍ୟ ପାଖେଇଛି। ଚାଷ ଆରମ୍ଭ ବେଳେ ସରକାର ସାର ଯୋଗାଇବାରେ ବିଫଳ ହୋଇଥିଲେ। ଗତ ବର୍ଷ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରିର ବୋନସ ଅର୍ଥ ପାଇନାହାନ୍ତି। ତେଣୁ



ବର୍ତ୍ତମାନ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ମଣ୍ଡି ଆରମ୍ଭ କରାଯିବାକୁ ଦାବି କରାଯାଇଛି। ଏହା ସହ କଟ୍ନି ଛଟ୍ନି ବନ୍ଦ କରିବା ସହ କୃଷକ ଓ ଫସଲ ବୀମା ଲାଗୁ କରିବା, କୃଷକଙ୍କ ପାଇଁ ୧୦ ହଜାର ପ୍ରଦାନ କରାଯାଉ ବୋଲି ମଧ୍ୟ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସର ସଭାପତି ଜି ଶ୍ରୀନିବାସ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ପଦ୍ମ ପାଙ୍ଗୀ, ପ୍ରଭାକର ପାଳ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ନାକଚଣା ବିହନ ବଣ୍ଟନ

ଡାବୁଗାଁ, ୪।୧୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ଅଧୀନ ମୋତିଗାଁ ଗ୍ରାମରେ ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ବୁଧବାର ମାଗଣାରେ ନାକଚଣା ବିହନ ବଣ୍ଟନ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାଷୀମାନଙ୍କୁ ବିହନ ବଣ୍ଟନ କରିଥିଲେ। ଚଳିତ ବର୍ଷ ରବି ଋତୁରେ ଧାନ ପରବର୍ତ୍ତୀ ଫସଲ ନିମନ୍ତେ ଏହି ବିହନ ଚାଷୀ ବଣ୍ଟନ କରାଯାଇଛି। ଡାବୁଗାଁ ବ୍ଲକରେ ଚଳିତ ରବି ଋତୁରେ ୧୫୦୦ ହେକ୍ଟର ନାକଚଣା ଚାଷ କରାଯିବା ଲକ୍ଷ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଭାଜପାର ନରେଶ ସିଂ, ନରୁ ସିଂ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ କୃଷି ଅଧିକାରୀ ଜ୍ୟୋତିର୍ମୟୀ ତାଡ଼ିଙ୍ଗୀ, କୃଷି ଅଧିଦର୍ଶକ ମମତା ସାହୁ, ଦୀପାଳି ସମାଦାର, ଝରଣା ବାଲା ଓ ଏଟିଏମ୍ କେ. ଉଦୟା କୁମାରୀ ଏବଂ ଚାଷୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ସୁଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ ।

# ଗୋବିନ୍ଦ ଶ୍ରୀକ୍ଷେତ୍ରରେ ଗୀତା ଜୟନ୍ତୀ

ଗୋବିନ୍ଦପାଲି,୪।୧୨(କାର୍ତ୍ତିକ ରଥ)

ମାଲକାନଗିରି ଜିଲାର ଗୋବିନ୍ଦପାଲିସ୍ଥିତ ଗୋବିନ୍ଦ ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ବୁଧବାର ଗୀତା ଜୟନ୍ତୀ ପାଳନ କରାଯାଇଛି। ହୋମ, ମନ୍ତ୍ରପାଠ, ପୂଜାର୍ଚ୍ଚନା ପୂର୍ବକ ସନାତନ ଧର୍ମର ମୁଖ୍ୟ ଗ୍ରନ୍ଥ ଗୀତା ପୂଜା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୀତାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଏହା ମଣିଷର ଜୀବନଶୈଳୀ କିପରି ହେବା ଉଚିତ, ମଣିଷ କ'ଣ କରିବା ଉଚିତ ଓ କ'ଣ କରିବାରୁ ନିଜକୁ ନିବୃତ୍ତ ରଖିବା ଉଚିତ ସବୁ କିଛି ଏହି ଗୀତାରେ ଶ୍ଳୋକ ଆକାରରେ ଉଲ୍ଲେଖ ଅଛି ବୋଲି କହିଥିଲେ। ଗୋବିନ୍ଦପାଲି, ମାଥିଲି, ଖଇରପୁଟ, ଅଞ୍ଚଳର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରସାଦ ସେବନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଗୀତା କିପରି ବିଭିନ୍ନ ସମୟରେ ମଣିଷ ଜୀବନକୁ ପ୍ରଭାବିତ କରିଆସୁଅଛି ତାହାର ଉଦାହରଣ ଦିଆଯାଇଥିଲା।

# ମାଲ୍ୟବନ୍ତ ମହୋତ୍ସବ ନେଇ ଖାଦ୍ୟ ଯୋଗାଣ କମିଟି ବୈଠକ

ମାଲକାନଗିରି, ୪।୧୨(ସୁଚିତ୍ରା ଦାସ)

ମାଲ୍ୟବନ୍ତ ମହୋତ୍ସବ ନେଇ ଜିଲାପାଳଙ୍କ ଏଫ୍ଏଲ୍ସି ହଲ୍ଠାରେ ଖାଦ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ଯୋଗାଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହୋତ୍ସବରେ କିଭଳି ସୁରୁଖୁରୁରେ ଖାଦ୍ୟ ଯୋଗାଇ ଦିଆଯିବ ସେଥିନିମନ୍ତେ ବୈଠକରେ ମିଲରମାନଙ୍କ ସହ ଆଲୋଚନା କରାଯାଇଛି। ପ୍ରତ୍ୟେକ ଦିନ ଖାଇବା ସ୍ଥାନରେ ସଫେଇ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସକାଳ, ମଧ୍ୟାହ୍ନ ଓ ରାତ୍ରିରେ କ'ଣ ଖାଦ୍ୟ ପରସା ଯିବ ତାହା ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲା ପ୍ରଶାସନକୁ ମିଲର୍ସ ସଂଘ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଦେବ ପ୍ରସାଦ ଦାସ, ଶିବପ୍ରସାଦ କୀର୍ତ୍ତନିଆ ଓ ଖାଦ୍ୟ ଯୋଗାଣ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଆଦିବାସୀ କଳା ସଂସ୍କୃତି ଲୋକଲୋଚନକୁ ଆଣିବା 'ମାଲ୍ୟବନ୍ତ'ର ଲକ୍ଷ୍ୟ



ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ଅତିଥି ଜଣେ ବ୍ୟକ୍ତିଙ୍କୁ ପୁରସ୍କୃତ କରୁଛନ୍ତି।

## ମାଥିଲି ବ୍ଲକସ୍ତରୀୟ ମାଲ୍ୟବନ୍ତ ଉଦ୍ଯାପିତ

ମାଥିଲି, ୪।୧୨ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ମିନି ଷ୍ଟାଡିୟମଠାରେ ବୁଧବାର ସନ୍ଧ୍ୟାରେ ବ୍ଲକ୍ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ବିଡିଓ ଏମ୍. ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ଏବଂ ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲା ପରିଷଦ ଜୋନ୍-୧ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜୋନ୍-୨ର ସଭ୍ୟ ହୀରଣ୍ୟ ମୁଦୁଲି ଓ ଜୋନ୍-୩ର ସଭ୍ୟା ସସ୍ମିତା ମାଝୀ, ଅତିରିକ୍ତ ଜିଲାପାଳ ଅଜୟ କୁମାର ମଣ୍ଡାଙ୍ଗି, ତହସିଲଦାର ମାନସୀ ଭୋଇ ଓ ମାଥିଲି ଥାନା ଅଧିକାରୀଣୀ ଦୀପାଞ୍ଜଳି ପ୍ରଧାନ, ଆଦିବାସୀ ମହାସଂଘ ଜିଲା ସଭାପତି ବନ୍ଧୁ ମୁଦୁଲି, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସ୍ମୃତିରଞ୍ଜନ ପାଢ଼ୀ ମଞ୍ଚାସୀନ ଥିଲେ। ଲୁକ୍କାୟିତ ଆଦିବାସୀ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା ସହିତ ଦେଶ ବିଦେଶରେ କିପରି ଏହାର ପ୍ରଚାରପ୍ରସାର କରାଯାଇପାରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାଥିଲି ବ୍ଲକ ସମସ୍ତ ୨୦ ପଞ୍ଚାୟତର ଜନପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଆଦିବାସୀ କଳା ସଂସ୍କୃତି ଉପରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବିଳମ୍ବରେ ପହଞ୍ଚି ଉପସ୍ଥିତ ଦର୍ଶକ ଓ ଆୟୋଜକ ବ୍ଲକ ପ୍ରଶାସନକୁ ଉତ୍ସାହିତ କରିଥିଲେ। ସେହିପରି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ସାମ୍ବାଦିକ ମାଥିଲି ବ୍ଲକ ପାଙ୍ଗାମ ପଞ୍ଚାୟତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ରାଏଙ୍କୁ ମଞ୍ଚରେ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଆଦିବାସୀ ପାରମ୍ପରିକ ନାଚ ଗୀତ ଓ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଆଧୁନିକ ଗୀତ ନାଚ, କମେଡି କିଙ୍ଗ ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡି କମେଡିରେ ମଞ୍ଚ ଦୁଲୁକିଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମାଥିଲି ବିଡିଓ ବେହେରା ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ଓ ଏପିଓ ଲିଙ୍ଗରାଜ କରକରିଆଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ଜନପ୍ରତିନିଧି ସହଯୋଗ କରିଥିଲେ।

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

## ମାଲ୍ୟବନ୍ତର ଦ୍ୱିତୀୟ ସନ୍ଧ୍ୟା

ଚିତ୍ରକୋଣ୍ଡା,୪।୧୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)


ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ଅତିଥିଙ୍କ ସହ କଳାକାର।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜ ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ପରିଷଦ ଜୋନ୍ ୧ ସଦସ୍ୟା ବିନତି ଖିଲ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ତରଫରୁ ଅତିଥିଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ସ୍ୱାଭିମାନ ଅଞ୍ଚଳର ଜଣେ ଆଦିବାସୀ କବି ଭଗବାନ ହନ୍ତାଳଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରେ କେତେକ ବିଦ୍ୟାଳୟରୁ ମନୋନୀତ ହୋଇ ଆସିଥିବା ନୃତ୍ୟ ଗ୍ରୁପ୍ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିଥିଲେ । ପରେ ଗୁଲୁ ଭାଇ କମେଡି ଓ ରୁକୋସନାଙ୍କ ମେଲୋଡି ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶେଷରେ ବିଡିଓ ପ୍ରୀତା କୁମାର ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ ।

# ସରିଲା ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ

ପଡିଆ, ୪।୧୨(ଭାସ୍କର ରାଓ)

ପଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୨ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି । ପଡିଆ ବ୍ଲକ୍ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ଏମ୍ପି ପ୍ରତିନିଧି ପି. ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି ମନ ଦୀପନ ରାୟ, ଭାଜପା ବ୍ଲକ ସଭାପତି କୋଟାମ ବାଲାୟା ପ୍ରମୁଖ ସ୍ଥାନୀୟ କମାରଗୁଡା ଗ୍ରାମ ନିକଟବର୍ତ୍ତୀ ଶାବରୀ ନଦୀ ନିକଟ ଦୁର୍ଗାମନ୍ଦିରରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରାରେ



ଖେଳ ପଡିଆ ମଞ୍ଚକୁ ଆସିଥିଲେ। ଖେଳ ପଡିଆରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଅଞ୍ଚଳର ଆଦିବାସୀ ନୃତ୍ୟ ଗୀତ ଉଜ୍ଜୀବିତ ରଖିବା ପାଇଁ କୋୟା ବେଶ ଭୁଷାରେ ସୁସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ। ପାରମ୍ପରିକ ନାଚ ଗୀତରେ ଦୁଲୁକି ଉଠିଥିଲା ମଞ୍ଚ । ଏହାକୁ ଆହୁରି ରୋମାଞ୍ଚ କରିବାକୁ ରାୟଗଡ଼ା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ଡ୍ୟାନ୍ସ ସାଙ୍ଗକୁ କମେଡି କରି ଅଞ୍ଚଳବାସୀଙ୍କ ମନ ମୋହିଥିଲେ। ଏଥିସହ ଆଙ୍କରିଂ ପାଇଁ ଆସିଥିବା ନବରଙ୍ଗପୁରର ସୁନନ୍ଦିନୀ ତ୍ରିପାଠୀ ଖୁବ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ।

# ଅସ୍ୱାସ୍ଥ୍ୟକର ହଷ୍ଟେଲ ପରିବେଶ ଯୋଗୁ ନିଲମ୍ବିତ ହେଲେ ଶିକ୍ଷକ

ନନ୍ଦାହାଣ୍ଡି/ନବରଙ୍ଗପୁର,୪।୧୨ (ପ୍ରତିପ କୁମାର ଦାଶ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମଥୁରା ହରିଜନଙ୍କୁ ଚିଠି ସଂଖ୍ୟା ୨୫୦୨/୨୫ ଅନୁଯାୟୀ ଗୁରୁବାର ନିଲମ୍ବିତ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶ, ହଷ୍ଟେଲରେ ଭଙ୍ଗା କବାଟ, ଡ୍ରେନେଜ୍ ବ୍ୟବସ୍ଥା ସଠିକ୍ ନଥିବା ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ନିଲମ୍ବିତ କରାଯାଇ ଡଙ୍ଗରଭେଜା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟିତ କରାଯାଇଛି। ବିନା ବିଇଓଙ୍କ ନିର୍ଦ୍ଦେଶରେ ହେଡ୍‌କ୍ୱାଟର ଛାଡ଼ି ଯାଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋକଡିସେମଳା ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତରାଙ୍କ ହଷ୍ଟେଲ ରୋଷେଇ ଘରେ ପ୍ରେସରକୁକର ଫାଟି ମୁହଁ ପୋଡ଼ିଯିବା ଘଟଣା ପରେ ହଷ୍ଟେଲଗୁଡ଼ିକର ଯାଞ୍ଚ ପାଇଁ ପ୍ରଶାସନ ତତ୍ପର ହୋଇଛି। ଏକ କମିଟି ଗଠନ କରି ବିଭିନ୍ନ ହଷ୍ଟେଲ ସ୍କୁଲର ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ପାଠପଢ଼ା, ପାରିପାର୍ଶ୍ୱିକ ପରିଛନ୍ନତା ନିରୀକ୍ଷଣ କରାଯାଉଛି। ଏହିକ୍ରମରେ ୧ ତାରିଖ ମଙ୍ଗଳବାର ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ସହ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନନ୍ଦାହାଣ୍ଡି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଦର୍ଶ ମଲ୍ଲିକ ଜଗନ୍ନାଥପୁର ଆଶ୍ରମ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ।

ସେଠାରେ ହଷ୍ଟେଲ ଗୃହ, ମଧ୍ୟାହ୍ନ ଭୋଜନ, ଛାତ୍ରଙ୍କ ଉପସ୍ଥାନ, ପାରିପାର୍ଶ୍ୱିକ ପରିଚ୍ଛନ୍ନତା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ହଷ୍ଟେଲ ପାଇଖାନା ଅପରିଷ୍କାର ଥିବା ସହ ହଷ୍ଟେଲ ର ପାରିପାର୍ଶ୍ୱିକସ୍ଥିତି ଠିକ୍ ନଥିବା ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ନନ୍ଦାହାଣ୍ଡି ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ହରିଜନଙ୍କୁ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଗୁରୁବାର ନିଲମ୍ବିତ କରିଛନ୍ତି।

# ସ୍କୁଲ, ହଷ୍ଟେଲରେ ଶିଶୁ ଅଧିକାର ସୁରକ୍ଷା ଅଧ୍ୟକ୍ଷାଙ୍କ ଯାଞ୍ଚ


ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ବବିତା ପାତ୍ରଙ୍କ ସହ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର, ୪।୧୨(ସଦାଶିବ ପ୍ରହରାଜ)

## ପ୍ରେସରକୁକର ଫାଟି ଛାତ୍ର ଗୁରୁତର ଘଟଣା

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା କେ. ସେମଳା ଗାଁସ୍ଥିତ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ପ୍ରେସରକୁକର ଫାଟି ଛାତ୍ର ଗୁରୁତର ଘଟଣାକୁ ନେଇ ଗୁରୁବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ବବିତା ପାତ୍ର ସେଠାରେ ପହଞ୍ଚି ଯାଞ୍ଚ କରିଛନ୍ତି। କହିଷ୍ଠ ରୋଷେୟା ଓ ଶିକ୍ଷକଙ୍କୁ ପୁରା ଘଟଣାକୁ ନେଇ ପଚରାଉଚରା କରିଥିଲେ। ନିଆଁ ପୋଢିଁବା ଲାଗି ଚୁଲି ନିକଟରେ ପିଲାମାନେ ଜମା ହୋଇଥିବା ବେଳେ ପ୍ରେସର କୁକ୍କର ଗ୍ୟାସକାଟ ବାହାରି ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତରାଙ୍କ ମୁହଁରେ ଆଘାତ ହୋଇଥିଲା। ତାଙ୍କୁ କୋଟପାଡ଼ର ଏକ ଔଷଧ ଦୋକାନୀଙ୍କୁ ଦେଖାଇ ମଲମ ଅଣାଯାଇଥିଲା ବୋଲି ସେମାନେ କହିଥିଲେ। ଆହତ ଛାତ୍ରଙ୍କୁ ଡାକ୍ତରଖାନା କାହିଁକି ନିଆଗଲା ନାହିଁ ବୋଲି ପ୍ରଶ୍ନ କରି ଅଧକ୍ଷା ଶିକ୍ଷକ ଓ ରୋଷେୟାଙ୍କ ଉପରେ ବିରକ୍ତିହୋଇଥିଲେ। ସେହିଭଳି ଘଟଣା ସମ୍ପର୍କରେ କାହିଁକି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦିଆଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ଏଭଳି ଅଘଟଣ ଘଟିନଥାନ୍ତା ବୋଲି ତାଗିଦ୍ କରିଥିଲେ। ୧୯ଟିନ ପରେ ରାତି ସମୟରେ ହଷ୍ଟେଲ ଭିତରକୁ ଜଣେ ପଶି ଛାତ୍ରଙ୍କୁ ଉଠାଇନେବା ବେଳେ ଶିକ୍ଷକ ଓ ରୋଷେୟା କେଉଁଠି ଥିଲେ ବୋଲି ଅଧକ୍ଷା ପ୍ରଶ୍ନ କରିଥିଲେ। ଶିକ୍ଷକ ହଷ୍ଟେଲରେ ନଥିବା ବେଳେ ଜଣେ ରୋଷେୟା ଥିଲେ। ଏଭଳି କୌଣସି ବ୍ୟକ୍ତି କିମ୍ବା ଯେକୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହଷ୍ଟେଲରୁ କୌଣସି ଛାତ୍ରଙ୍କୁ ଉଠାଇ ନେବାର ଅଧିକାର ନାହିଁ। ଜଣେ ଶୋଇଥିବା ଛାତ୍ରଙ୍କୁ ଉଠାଇଆଣିବା ଠିକ୍ ନଥିଲା ବୋଲି କହିଛନ୍ତି। ସେହିଭଳି ସେ ଅନ୍ତେବାସୀଙ୍କୁ ଭେଟି ହଷ୍ଟେଲରେ ଯେକୌଣସି ଅସୁବିଧା ହେଲେ ମୁହଁ ଖୋଲି କହିବାକୁ ଅଧକ୍ଷା ପରାମର୍ଶ ଦେଇଥିଲେ। ଅଧକ୍ଷା ବବିତା ହଷ୍ଟେଲ ରୁମ୍ ଓ ରୋଷେଇଘର ପରିଦର୍ଶନ କରିଥିଲେ। ହଷ୍ଟେଲରେ ଥିବା ଆନୁଷଙ୍ଗିକ ଅଭାବଗୁଡ଼ିକୁ ପୂରଣ କରିବାକୁ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଶିକ୍ଷକମାନଙ୍କୁ ଅନ୍ତେବାସୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇ ସ୍କୁଲରୁ ଫେରିଥିଲେ। ତାଙ୍କ ସହିତ ଆୟୋଗର ସଦସ୍ୟ ସୁଜାତା ନାୟକ, ଡିଇଓ ଛତ୍ରପତି ସାହୁ, ଜିଲାମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ଛାତ୍ରଙ୍କୁ ହଷ୍ଟେଲରୁ ଉଠାଇଆଣିବା ଏକ ଅପରାଧ'

ନବରଙ୍ଗପୁର, ୪।୧୨(ସଦାଶିବ ପ୍ରହରାଜ): କୌଣସି ଛାତ୍ରଙ୍କୁ ହଷ୍ଟେଲ ପରିସରରୁ ଉଠାଇଆଣିବା କୌଣସି ନାଗରିକଙ୍କର ଅଧିକାର ନାହିଁ। ଏଭଳିକିନା ଅନୁମିତରେ ଆଣିବାକୁ ଅପହରଣ କୁହାଯିବ ବୋଲି ସ୍ଥାନୀୟ ସର୍କିଟ ହାଉସରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ଯେଉଁ ବ୍ୟକ୍ତିବିଶେଷ ପୁଅଟା ମାଁ କାହିଁକି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। କେବଳ ସରକାରୀ ବିଭାଗ ପକ୍ଷରୁ ଛାତ୍ରଙ୍କୁ ଉଦ୍ଧାର କରିବାର ଅଧିକାର ରହିଛି। ଏଭଳି ଘଟଣା ଘଟିଲେ ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। ଏହା ଦୁର୍ଭାଗ୍ୟଜନକ ଘଟଣା। ଅବହେଳା କରିଥିବା ୨ ଶିକ୍ଷକଙ୍କୁ ନିଲମ୍ବିତ ଓ ରୋଷେୟାଙ୍କୁ ବହିଷ୍କୃତ କରାଯାଇଛି। ତଦନ୍ତ ଜାରି ରହିଛି। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷା ପାତ୍ର କହିଛନ୍ତି। ହଷ୍ଟେଲଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଆୟୋଗ ପକ୍ଷରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ୨ ଦିନ ପରେ ହଷ୍ଟେଲରେ ପିଲାଙ୍କ ଖଟ ପାଇଁ ରାତାରାତି ନୂଆଦରି ଓ ବେଡସିଟ୍ ଦିଆଯାଇ ଥିଲା। ହଷ୍ଟେଲ ପରିଦର୍ଶନ ପରେ ଜିଲାପାଳ ଓ ଏସ୍‌ପିଙ୍କ ସହିତ ସମୀକ୍ଷା କରିଛନ୍ତି। ହଷ୍ଟେଲରେ ମାନବସମ୍ବଳର ଅଭାବ ରହିଛି। ସେଭଳି ହଷ୍ଟେଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ହଷ୍ଟେଲରେ ସିସି କ୍ୟାମେରା ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ରାଜ୍ୟସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି। ସେଭଳି କୌଣସି ପୀଡ଼ିତ ଛାତ୍ରୀଛାତ୍ରଙ୍କ ଫୋଟ ଉତ୍ତୋଳନ କରି ଟିଆରପି ଦୌଡ଼ରେ ତାହାକୁ ବ୍ୟବହାର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ତେଣୁ ନିୟୁଜ କରିବା ସମୟରେ ଏଭଳି ପ୍ରସଙ୍ଗରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯତ୍ନଶୀଳ ହେବାକୁ ଅଧକ୍ଷା ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲାପାଳ ଡ.ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଆୟୋଗ ସଦସ୍ୟା ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହମୁକ୍ତ ଜିଲା ଗଠନରେ ସମସ୍ତଙ୍କ ଉଦ୍ୟମ ଜରୁରୀ

ନବରଙ୍ଗପୁର,୪।୧୨(ସଦାଶିବ ପ୍ରହରାଜ)



ଅତିଥିମାନେ ବାଲ୍ୟବିବାହ ନିରୋଧୀ ପୋଷ୍ଟର ଦେଖାଉଛନ୍ତି।

## ନବରଙ୍ଗପୁରରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

ନବରଙ୍ଗପୁର ସରୋଜିନୀ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ଓ ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନ ସଂସ୍ଥା ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ଗୁରୁବାର କରାଯାଇଛି। ବାଲ୍ୟ ବିବାହ ବିରୋଧରେ ଏହି ଜାତୀୟ ଅଭିଯାନ ଗତ ୨୭ ନଭେମ୍ବରରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ୧୦୦ ଦିନ ବ୍ୟାପୀ ଚାଲିବ। ନବରଙ୍ଗପୁରରେ ବାଲ୍ୟ ବିବାହ ହାର ଅଧିକ ଥିବାରୁ ଏହା ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅଧିକ ଗୁରୁତ୍ୱ ବହନ କରୁଛି। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷ ବବିତା ପାତ୍ର ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥିଭାବେ ଆୟୋଗ ସଭ୍ୟା ସୁଜାତା ନାୟକ, ସିଡିଓ ବିରଞ୍ଚି ନାରାୟଣ ଦରୱାନ, ପୌରାଧକ୍ଷ କୁନୁ ନାୟକ, ପ୍ରକଳ୍ପ ପ୍ରଶାସକ ଜନଜାତି ଉନ୍ନୟନ ସଂସ୍ଥା ରାଜୀବ ସାହୁ, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ବିଶେଷ ସଚେତନତା କାର୍ଯ୍ୟକ୍ରମ ଏବଂ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ଜରୁରୀ ବୋଲି ମୁଖ୍ୟ ଅତିଥି କହିଥିଲେ। ଅଙ୍ଗନୱାଡି କର୍ମୀ, ଶିଶୁ ସୁରକ୍ଷା କର୍ମଚାରୀଙ୍କ ବାଲ୍ୟ ବିବାହ ରୋକିବାରେ ଅବିରତ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହି ୧୦୦ ଦିନିଆ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉଦ୍ୟମ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। କୌଣସି ଝିଅ ଯଦି କ୍ରମାଗତ ଭାବେ ସପ୍ତାହରୁ ଅଧିକ ଦିନ ସ୍କୁଲରେ ଅନୁପସ୍ଥିତ ରହେ ତେବେ ସଙ୍ଗେ ସଙ୍ଗେ ଅଙ୍ଗନୱାଡି କର୍ମୀ, ସ୍କୁଲ କର୍ତ୍ତୃପକ୍ଷ ନିଶ୍ଚୟ ଭାବେ ଯାଞ୍ଚ କରିବେ। ଏହା କୌଣସି ଡ୍ରପ୍‌ଆଉଟ୍ କେସ କିମ୍ବା ବାଲ୍ୟ ବିବାହର ସଙ୍କେତ ହୋଇପାରେ ବୋଲି ଆଲୋଚନା କରାଯାଇଛି। ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଏବଂ ଆଇନଗତ ଅପରାଧ। କେବଳ ସରକାରୀ କର୍ମଚାରୀ ନୁହଁ ସମସ୍ତେ ନିଜସ୍ତରରେ ଏହାର ମୂଳୋତ୍ପାଟନ ନିମନ୍ତେ ଚେଷ୍ଟା କରିବା, ଝିଅମାନଙ୍କ ମୌଳିକ ଅଧିକାର ପାଇବାରେ ସହାୟକ ହେବା ବୋଲି ଜିଲାପାଳ କହିଥିଲେ। ବିଶେଷ ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର, ପ୍ରବନ୍ଧ, ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗିତା,ମନ୍ଦିର,ମସଜିଦ,ଗୁରୁଦ୍ୱାରା ଉପାସନା ପୀଠର ପୁରୋହିତଙ୍କୁ ସଚେତନକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ଲିଫ୍‌ଲେଟ ବଣ୍ଟନ, ବାଲ୍ୟ ବିବାହ ବିରୋଧରେ କାନ୍ଥରେ ପେଣ୍ଟିଂ,ପୋଷ୍ଟର ଲଗାଇବା, କଲ୍ୟାଣମଣ୍ଡପ, ବ୍ୟାଣ୍ଡପାର୍ଟି, ଫୋଟୋଗ୍ରାଫର, ଟେଣ୍ଟ ମାନଙ୍କରେ ସତର୍କତା ସହ ଲିଖିତ ଅଙ୍ଗୀକାର ପତ୍ର ଭଳି କାର୍ଯ୍ୟକ୍ରମ କରାଯାଉଥିବା ଆଲୋଚନା ହୋଇଛି। ବାଲ୍ୟ ବିବାହ ବିରୋଧରେ ମୁଖ୍ୟ ଅତିଥି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ସଭାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକାଙ୍କ ସମେତ ସଖି ୱାନ ଷ୍ଟପ ସେଣ୍ଟର କିଶୋରୀ ପଟ୍ଟନାୟକ, ସରିତା ପାଣି ଓ ସଦସ୍ୟ, ଆଙ୍ଗନ ଟ୍ରଷ୍ଟରୁ ପ୍ରଭାସିନୀ ପଟ୍ଟନାୟକ, ପିରାମଲ ଫାଉଣ୍ଡେସନ ପକ୍ଷରୁ ବିକ୍ରମ ରାଣା, ଶିଶୁ ଅଧିକାର ସହଯୋଗି ସୌରଭ ଉପାଧ୍ୟାୟ, ପୌରପାଳିକା ସଭ୍ୟା, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍‌ଘୋଷିକା ଚନ୍ଦନା ମଲ୍ଲିକ ସଭା ସଞ୍ଚାଳନ କରିଥିଲେ। ରମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଉମରକୋଟରୁ ଯୁବକଙ୍କୁ ଉଠାଇନେଲା ହରିୟାଣା ପୋଲିସ

## ୧୭ଲକ୍ଷ ଅନ୍‌ଲାଇନ ଠକେଇ ଅଭିଯୋଗ


ହରିୟାଣା ପୋଲିସ ସହ ଗିରଫ ରାକେଶ ମହାପାତ୍ର। (ବାମରୁ ଦ୍ୱିତୀୟ)

ଉମରକୋଟ, ୪।୧୨(ସନ୍ତୋଷ ଶତପଥୀ): ନବରଙ୍ଗପୁର ଜିଲା ଉମରକୋଟ୍‌ର ଜଣେ ଯୁବକଙ୍କୁ ଆର୍ଥିକ ଠକେଇ ମାମଲାରେ ହରିୟାଣାର ଫରିଦାବାଦ ଜିଲା ବଲ୍ଲଭଗଡ଼ ସାଇବର ଥାନା ପୋଲିସ ଉମରକୋଟରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉମରକୋଟ ଡିଏନ୍‌କେ ଅଞ୍ଚଳର ରାକେଶ ମହାପାତ୍ର।

ଲ୍ଲଭଗଡ଼ ସାଇବର ଥାନାରେ ୨୬ ସେପ୍ଟେମ୍ବର ୨୦୨୪ରେ ରୁଜୁ ହେଇଥିବା ମାମଲା ଅନୁଯାୟୀ ରାକେଶ ମହାପାତ୍ର ସେଠାକାର ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୧୭ ଲକ୍ଷ ଟଙ୍କା ଅନ୍‌ଲାଇନ ଠକେଇ କରିଥିଲେ। ଉକ୍ତ ଟଙ୍କାକୁ ରାକେଶ ପ୍ରଥମେ ତାଙ୍କ ମହିଳା ବାନ୍ଧବୀଙ୍କ ଆକାଉଣ୍ଟରେ ଡିପୋଜିଟ୍‌କରି ପରବର୍ତ୍ତୀ ସମୟରେ ନିଜ ଆକାଉଣ୍ଟକୁ ନେଇଯାଇଥିଲେ। ଏହି ଘଟଣାରେ ବଲ୍ଲଭଗଡ଼ ସାଇବର ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮(୪), ୬୧ (୨)ରେ ମାମଲା ରୁଜୁ ହୋଇଥିଲା। ପୋଲିସ ପ୍ରଥମେ ରାକେଶଙ୍କ ମହିଳା ବାନ୍ଧବୀଙ୍କୁ ଗିରଫ କରିଥିଲା ଏବଂ ପରେ ବାନ୍ଧବୀଙ୍କ ବୟାନ ଆଧାରରେ ରାକେଶଙ୍କୁ ଗିରଫ କରାଯାଇଛି। ବଲ୍ଲଭଗଡ଼ ସାଇବର ଥାନାରୁ ଭୂପିନ୍ଦର ସିଂ, ସାଗର ଓ ଅନୁ ଉମରକୋଟ ଥାନାକୁ ଆସି ଲିଖିତ ଭାବେ ସୂଚନା ଦେବା ସହ ପୋଲିସ ସୁରକ୍ଷା ମାଗିଥିଲେ। ଉମରକୋଟ ପୋଲିସ ସୁରକ୍ଷା ଦେବା ପରେ ହରିୟାଣା ପୋଲିସ ରାକେଶଙ୍କୁ ଗିରଫକରି ବଲ୍ଲଭଗଡ଼କୁ ନେଇ ଥିବା ଜଣାପଡ଼ିଛି।

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୨୦, ତାରିଖ: ୦୩।୧୨।୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆର୍‌ଏନ୍ (ଭାରିଆଣ୍ଟ) ୱାଗନ୍‌ଗୁଡ଼ିକୁ ସ୍ପେଶାଲ ଟିଆର୍‌ଟି ୱାଗନରେ ରୂପାନ୍ତରିତ କରିବା । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୩,୯୨୪.୧୧ । **ବିଡ୍ ଅମାନତ:** ₹୨,୪୨,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । (PR-917)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BAM-520, ତା.27.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ(Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 64,56,109.20, EMD (₹): 1,29,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-866/Q/25-26

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 202 / 2025**

**Punjab National Bank** ....Applicant
**Versus**
**M/s. Baba Filling Station** ...Defendant(s)

**To,**
**M/s. Baba Filling Station,** At: Gopalmal, Po.: Kahtkhatia, PS.: Manamunda, Dist.: Boudh-D-1.
**Sujit Khatua,** aged about: 50 years, S/o: Chitrasen Khatua, At: Gopalmal, PO.: Khatkhatia, Dist.: Boudh, PIN-762016 D-2.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 202/2025** in the court of the Debts of Recovery Tribunal, Cuttack for recovery of **Rs.66,12,516/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.02.2026 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th** day of **November, 2025.**

**Sd/- Nikhila Ranjan Pati**
**REGISTRAR**

ଫର୍ମ ନଂ. ୧୩
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୩୫୬**

**କାନାରା ବ୍ୟାଙ୍କ, ଏସ୍‌ଏମ୍‌ଇ ରାଉରକେଲା, ସୁନ୍ଦରଗଡ** .....ଆବେଦନକାରୀ
ବନାମ
**ଶ୍ରୀ ଲଳିତ ନାରାୟଣ ପ୍ରସାଦ** ......ପ୍ରତିବାଦୀ(ମାନେ)

**ପ୍ରାପ୍ତେଷୁ,**
**ଶ୍ରୀ ଲଳିତ ନାରାୟଣ ପ୍ରସାଦ,** ବୟସ ୪୦ ବର୍ଷ, ପିତା: ଶ୍ରୀ ଉମେଶ ପ୍ରସାଦ, ସା: କ୍ୱାଟର ନଂ.: ୨ଆର୍‌ଏ, ୧୧୪ ଓଏସ୍‌ଏପି ୪ର୍ଥ ବାଟାଲିୟନ, ସେକ୍ଟର-୨୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୧୦

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୩୫୬/୨୦୨୫** ଦ୍ୱାରା **ଟ.୨୯,୫୨,୫୦୨.୨୬** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୧.୦୨.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୨୭ ନଭେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ଋଣ ଅସୁଲି ପ୍ରାଧିକରଣ, କଟକ

**DISTRICT PROJECT OFFICE**
**SAMAGRA SHIKSHA, NUAPADA-766105**

**No.3472/_/2025** **Dated.03.12.2025**
**I-12/25-I.E**

**Notice Inviting Tender**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance along with Udyam registration of firm etc. for supply of equipment for Saksham Resource Centre for PMSHRI Schools of Nuapada district. The detailed bid documents can be downloaded from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/ manufacturer may download bid document from the above website and apply accordingly on or before dt. 22/12/2025 by 5:00 P.M. through regd/speed post only. The tender will be opened on the next day dt. 23/12/2025 at 11.00 A.M. at O/o the District Project Coordinator, Samagra Shiksha, Nuapada. Corrigendum/addendum, if any, will be uploaded in the above website. Hence, the potential bidders are requested go through the above websites for any updates. The authority reserves all rights to reject/modify or cancel part or whole tender without assigning any reason thereof.

**Sd./- DEO-cum-DPC**
Samagra Shiksha, Nuapada

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବାଲେଶ୍ୱର

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା **୧୩୨ କେ.ଭି. ଲାଇନ୍, ୧୩୨/୩୩ କେ.ଭି.** ଗ୍ରୀଡ୍ ସବଷ୍ଟେସନ ଆନନ୍ଦପୁର ଠାରୁ **୨୨୦/୧୩୨/୩୩ କେ.ଭି.** ଗ୍ରୀଡ୍ ସବଷ୍ଟେସନ, ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି । ଏହି ଲାଇନ୍‌ଟି ସୁଦସୁଦିଆ, ଟୁକୁନା ଶାସନ, ବଣିକା, ହାତୀବନ୍ଧ, ଗୁହାଳିଆ, ପଞ୍ଚୁପଲ୍ଲୀ, ଫକୀରପୁର, ସଙ୍ଖିଦୋଭା, ବଂଛୋ, ଶିବନାରାୟଣପୁର, ଶାସଙ୍ଗ, ଅଦାଘୁରିଆ, ଶିଳଣା, ଡାଙ୍କୁରୀ, ବଡରମ୍ପାସ, ନନ୍ଦୀପଦା, ଖେତୁଆଳି, ଓରାଳି, ଅଁର, କୁମ୍ଭକରାଳ, ଖଜୁରୀଗଡିଆ, ପଧାନପଡା, ଘରପଡା, ଟିଲୋ, ପରିଆବଡା, ତୀରକଣା, ଗୋହୀରାପଦି, ପଳସା, ଆଲମଙ୍ଗା, କଣ୍ଡିଆ, ହାସିନପୁର, ରାମକୃଷ୍ଣପୁର, ବାଲୋ, କୁଣ୍ଡଳା, ବରପଦା, ଅମରଗଡିଆ, ବିରିପଡା, ଗେଲପୁର, ବରଡାଡିହି, ସାମରାଇପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା **ତା. ୦୫.୧୨.୨୦୨୫** ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ **୧୯୫୬** ଅର୍ନ୍ତଗତ ଧାରା **୭୯,୮୦ ଓ ୮୨(କ)** ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବାଲେଶ୍ୱର
FIPR-65/2025-26
/optcl.odisha /optcl_odisha

# कार्यालय अधीक्षण अभियंता
# लोक निर्माण विभाग, बिलासपुर मंडल, बिलासपुर
## ई-प्रोक्यारमेंट निविदा सूचना
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 22.12.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 431 | पेण्ड्रीडीह से नेहरू चोक मार्ग के कि.मी. 5/6 R/S में D 1.0M × 1.0M नाली निर्माण कार्य की विशेष मरामत। **प्रथम आमंक्षण। संभाग क्र. 1, बिलासपुर। मद संख्या - 24-5054-4090** | 19.44 |
| 2 | 432 | भठली से सेमरसल मार्ग लंबाई 4.50 कि.मी. (वास्तविक लंबाई 1.30 कि.मी.) का निर्माण कार्य। **प्रथम आमंत्रण। संभाग मुंगेली। मद संख्या - 24-5054-1222** | 145.91 |
| 3 | 433 | जिला जांजगीर चांपा के झिलमिल से नहर पार होते हुए भैंसो तक मार्ग लं. 0.70 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 88.39 |
| 4 | 434 | जिला जेल जांजगीर के प्रशासनिक भवन का मरम्मत कार्य। **प्रथम आमंत्रण। संभाग चांपा। मद संख्या - 67-4059-8040** | 12.97 |
| 5 | 435 | जिला जांजगीर चापा के पचेडा से कनई सडक निर्माण लं. 1.225 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 107.44 |
| 6 | 436 | आकस्मिक निधि अंतर्गत कार्यालय अनुविभागीय अधिकारी लोक निर्माण विभाग सारंगढ उपसंभाग कैम्पस में स्टोर रूम निर्माण कार्य। **प्रथम आमंत्रण। संभाग, सारंगढ। मद संख्या - 64-5054-4557,42-5054-4557** | 22.76 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

**स्वा./- अधीक्षण अभियंता**
**लो.नि.वि. बिलासपुर मण्डल, बिलासपुर**
G-252605189/3

# ରୋଜ୍ ଭ୍ୟାଲି ଆସେଟ୍ସ ଡିସ୍‌ପୋଜାଲ୍ କମିଟି
**(ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ))**
**ପ୍ରକୋଷ୍ଠ ନଂ. ୪୦୧ ଓ ୪୦୨, ୪ର୍ଥ ମହଲା, ୫, ମାଙ୍ଗୋ ଲେନ୍, କୋଲକାତା - ୭୦୦୦୦୧**

## ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜମାକାରୀଙ୍କ ପାଇଁ ନୋଟିସ

**ଡବ୍ଲ୍ୟୁପି ନଂ. ୨୦୧୭ର ୨୭୦୦୫ କାଳୀପଦ ପାଲ ଓ ଅନ୍ୟମାନେ**
**-ବନାମ-**
**ଭାରତ ସଂଘ ଓ ଅନ୍ୟମାନେ**
**ଏବଂ**
**ଡବ୍ଲ୍ୟୁପି ନଂ. ୨୦୧୫ର ୨୭୫**
**ରୋଜ୍ ଭ୍ୟାଲି ରିୟଲ୍ ଇଷ୍ଟେଟ୍ସ ଆଣ୍ଡ କନଷ୍ଟ୍ରକ୍ସନ୍ ଲିଃ ଓ ଅନ୍ୟମାନେ**
**-ବନାମ-**
**ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ**

ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତାଙ୍କ ଦ୍ୱାରା ଗୃହୀତ ୧୧ ମେ, ୨୦୧୫ର ଆଦେଶକ୍ରମେ ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ)ଙ୍କ ନେତୃତ୍ୱାଧୀନ ବିଜ୍ଞ ଆସେଟ୍ ଡିସ୍‌ପୋଜାଲ କମିଟି (ଏଡିସି) ଗଠିତ ହୋଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତା ତାଙ୍କର ସେପ୍ଟେମ୍ବର ୨୧, ୨୦୨୩ର ଆଦେଶ ମାଧ୍ୟମରେ ରୋଜ୍ ଭ୍ୟାଲିର ଜମାକାରୀଙ୍କଠାରୁ ଦାବି ଆହ୍ୱାନ କରିବା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନାକୁ ୱେବ୍‌ସାଇଟରେ ପ୍ରଦର୍ଶିତ କରିବା ଲାଗି ଏକ ୱେବ୍‌ସାଇଟ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

୧୮ ମାର୍ଚ୍ଚ, ୨୦୨୪ରେ ବିଜ୍ଞ ଏଡିସିଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି:

ଏଡିସିର ୱେବସାଇଟ୍ **www.rosevalleyadc.com**ର ଶୁଭାରମ୍ଭ କରାଯାଇଛି । ଉକ୍ତ ଏଡିସି ୱେବ୍‌ସାଇଟ୍‌ରେ ନିଜ ନିଜର ଦାବିକୁ ଅପଲୋଡ୍ କରିବା ଲାଗି ଜମାକାରୀମାନଙ୍କୁ ଅନୁରୋଧ କରାଯାଉଛି । ଦାବି ଦାଏର କରିବାର ପଦ୍ଧତି ଉକ୍ତ ୱେବ୍‌ସାଇଟ୍‌ରେ ବର୍ଣ୍ଣିତ ହୋଇଛି । ତାହାକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ । ଦାବି ବାବଦୀୟ ଦେୟ ପରିଶୋଧ ସତ୍ୟାପନ ଓ ଯାଞ୍ଚ ଉପରେ ନିର୍ଭର କରିବ ।

**ସ୍ଥାନ: କୋଲକାତା**
**ତାରିଖ: ନଭେମ୍ବର ୦୩, ୨୦୨୫**
**ଆଦେଶକ୍ରମେ**
CBC 15204/11/0191/2526

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ୨ କୋର୍ଟ ଚାଲାଣ

ସୁନାବେଡ଼ା/ସେମିଳିଗୁଡ଼ା,୪।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଅବକାରୀ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତ ହେଲେ ସେମିଳିଗୁଡ଼ା ଥାନା ଅଧୀନ ଦୁଧାରୀ ଗ୍ରାମର ରବୀନ୍ଦ୍ର ବିଶୋଇ ଓ ଶୁଣ୍ଡିପୁଟର କୃଷ୍ଣ ଲାଗୁଡ଼ିଆ। ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଓଆଇସି ଜଗବନ୍ଧୁ ଜାନୀ ଓ ସହକର୍ମୀ ମିଳିତ ଭାବେ ଚଢ଼ାଉକରି ରବୀନ୍ଦ୍ରଠାରୁ ୬୦ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି। ତାଙ୍କଠାରୁ ଏକ ବାଇକ୍ (ଓଡ଼ି୧୦ ଏସ୍ ୮୯୪୯)କୁ ଜବତ କରାଯାଇଛି। ଅବକାରୀ ବିଭାଗରେ ୨୪୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି କୃଷ୍ଣଙ୍କଠାରୁ ୮ଲିଟର ଭାଟିମଦ ଜବତ ହୋଇଛି। ନଂ.୨୪୧/୨୫ରେ ମାମଲା ରୁଜୁ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର ସାହୁ ସୂଚନା ଦେଇଛନ୍ତି।

### କୁହୁଡ଼ି ଯୋଗୁ କାର୍ ଦୁର୍ଘଟଣାଗ୍ରସ୍ତ, ୪ ଆହତ

କୋରାପୁଟ,୪।୧୨ (ଅମିତାଭ ବେହେରା)

କୋରାପୁଟରେ କୁହୁଡି ଯୋଗୁ ରାୟଗଡାରୁ କୋରାପୁଟ ଆସୁଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ୪ ଜଣ ଗୁରୁବାର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। କୋରାପୁଟ ସହ ଆଖପାଖ ଅଞ୍ଚଳରେ ପ୍ରବଳ କୁହୁଡି ଥିବାରୁ ରାୟଗଡାରୁ କୋରାପୁଟ ଅଭିମୁଖେ ଆସୁଥିବା କାର ୩୨୬ ନମ୍ବର ଜାତୀୟ ରାଜପଥ ବଙ୍ଗଲାଗୁଡାରେ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଗ୍ରାମବାସୀ କାରରେ ଥିବା ୪ଜଣଙ୍କୁ ଉଦ୍ଧାର କରିଥିଲେ।

### ବୃଦ୍ଧାଙ୍କଠାରୁ ସୁନା କାନଫୁଲ ଚୋରି: ୨ କୋର୍ଟ ଚାଲାଣ

ପଟ୍ଟାଙ୍ଗି,୪।୧୨ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ବାରାବନ୍ଧ ଗ୍ରାମ ଛକରେ ଏକ ବୃଦ୍ଧାଙ୍କଠାରୁ ସୁନା କାନଫୁଲ ଚୋରି କରି ଯାଉଥିବା ବେଳେ ୨ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ରର ପାସପେଣ୍ଡା ଅଞ୍ଚଳର ଜି.ଜୟନ୍ତ କୁମାର ଓ ବି. ବିନାୟବ। ସୂଚନାନୁଯାୟୀ, ଉକ୍ତ ପଞ୍ଚାୟତର ବାରାବନ୍ଧ ଗ୍ରାମ ଛକ ନିକଟରେ ଜଣେ ବୃଦ୍ଧା ଗ୍ରାମକୁ ଫେରୁଥିବା ବେଳେ ୨ ଦୁର୍ବୃତ୍ତ ତାଙ୍କଠାରୁ ସୁନାକାନ ଫୁଲ ନେଇ ଫେରାର ହେଉଥିବା ବେଳେ କେତେ ଜଣ ଯୁବକ କୁହୁଲି ହାଟପଦାରେ କାବୁ କରିଥିଲେ। ଖବର ପାଇ ପଟ୍ଟାଙ୍ଗି ପୋଲିସ ପହଞ୍ଚି ସୋମନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏ ନେଇ ନଂ. ୧୫୯/୨୫ରେ ମାମଲା ରୁଜୁ ହୋଇଛି।

# କମୁଛି ଆଦିମ ବାଦ୍ୟଯନ୍ତ୍ରର ଚାହିଦା, ସ୍ଥାନ ନେଉଛି ଡିଜେ

ନନ୍ଦପୁର,୪।୧୨ (ତୁଷାର କାନ୍ତ ମହାନ୍ତି)

## ରୋଜଗାରର ସାଧନ ହରାଉଛନ୍ତି ବୃତ୍ତିଧାରୀ



କୋରାପୁଟ ଜିଲାର ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ନିଆରା ହୋଇଥିବା ବେଳେ ଏହା ଧୀରେ ଧୀରେ ଲୋପ ପାଉଥିବା ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସଂସ୍କୃତି ବିଭାଗର ସହାୟତାରେ ଜିଲାର ବୁଦ୍ଧିଜୀବୀ,କଳାପ୍ରେମୀ ଓ ଗବେଷକ ମିଳିତ ଭାବେ ପରବ ମହୋତ୍ସବ ଆରମ୍ଭ କରିଥିଲେ। ପ୍ରତି ଅଞ୍ଚଳରୁ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଓ ହଜିଯାଉଥିବା କଳା ସଂସ୍କୃତିକୁ ସୁରକ୍ଷିତ ଓ ଉଜ୍ଜିବୀତ କରି ରଖିବା ମୂଳ ଉଦ୍ଦେଶ୍ୟ ଥିଲା। କିନ୍ତୁ ୨୯ ବର୍ଷ ହେବ ପରବ ପାଳନ ହେଉଥିବା ଲକ୍ଷ୍ୟ ପୂରଣ ହେଉ ନ ଥିବା ଗବେଷକ ଅଭିଯୋଗ କରିଛନ୍ତି।

କୋରାପୁଟ ମୂଳ ଅଧିବାସୀଙ୍କ ସଂସ୍କୃତି, କଳା, ପରମ୍ପରା, ଆମୋଦ ପ୍ରମୋଦ ଓ ରୋଜଗାରର ସାଧନ ଥିବା ବାଦ୍ୟଯନ୍ତ୍ର ଓ ନୃତ୍ୟ ସଙ୍ଗୀତ ହଜିବାକୁ ବସିଛି। ବୃତ୍ତିଧାରୀ ବୃତ୍ତି ଛାଡ଼ି ଅନ୍ୟ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଆଦିବାସୀ ପର୍ବ ପାଳନର ନୀତିକାନ୍ତି ହେଉ ବା ପର୍ବର ମଜା ନେବା,ମାଙ୍ଗଳିକ କାର୍ଯ୍ୟ ଭଳି ଅନ୍ୟ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ରର ବ୍ୟବହାର କରନ୍ତି। ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଲୋକ ମହୋତ୍ସବ ମାଧ୍ୟମରେ ପାରମ୍ପରିକ ବାଦ୍ୟ, ନୃତ୍ୟ, ଗୀତ ସଂଗୀତ ଓ ସଂସ୍କୃତିର ରକ୍ଷା କରିବାକୁ ପରବ ପାଳୁଛନ୍ତି। ଏହା ସତ୍ତ୍ୱେ ଆଦିମ ବାଦ୍ୟ ଯନ୍ତ୍ର ଓ ବୃତ୍ତି ଲୋପ ପାଉଥିବା ଦେଖିବାକୁ ମିଳୁଛି।

ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସଭାପତି ତଥା କୋରାପୁଟ କୋଟସ୍‌ର ପ୍ରଫେସର ଆଦିବାସୀ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢୀଙ୍କ ସୂଚନା ମୁତାବକ କୋରାପୁଟ ଅଞ୍ଚଳର ମୂଳ ଅଧିବାସୀଙ୍କ ବାଦ୍ୟଯନ୍ତ୍ରର ଗଠନ, ଆକୃତି ଓ ବ୍ୟବହାରକୁ ୫ ଶ୍ରେଣୀରେ ବିଭକ୍ତ କରିଛନ୍ତି। ତନ୍ତୁଯୁକ୍ତ ତତବାଦ୍ୟ, ସୁଷିର ବା ଛିଦ୍ର ଯୁକ୍ତ 'ସୁଷୀର ବାଦ୍ୟ', ଆବଦ୍ଧ ବା ଚର୍ମ ଛାଉଣୀ ଯୁକ୍ତ 'ଆନଧବାଦ୍ୟ', ଘନ ବା ଧାତୁ ନିର୍ମିତ 'ଘନବାଦ୍ୟ'ଓ 'ଦେଶୀୟବାଦ୍ୟ'। ତତବାଦ୍ୟରେ ଡୁଙ୍ଗୁଣୀ, ରାମଗୁନି, ବେଏଲା, ସାରଙ୍ଗି, ଧୁଡୁକି, ଟଙ୍ଗଲା, ମୁଝୁରା ଓ ଗୁନୁକୁ ଆଦି ବାଦ୍ୟଯନ୍ତ୍ର ରହିଛି। ସୁଷୀର ବାଦ୍ୟରେ ବଂଶୀ, ଟୋଲି, ସିଙ୍ଗା, ଶଙ୍ଖ, ସୁରାଲକା ଓ ମହୁରୀ ସ୍ଥାନିତ। ଆନଧ ବାଦ୍ୟରେ ମର୍ଦ୍ଦଳ, ମୃଦଙ୍ଗ, ଖଞ୍ଜଣି, ଟାମକ, ଟିଡିବିଡି, ଡାପୁ, ଘୁମୁରା, ବାଲି ଘୁମୁରା, ଡାଲି ଟମକ, ମାଦଳ, ଡାଦୁର, ଢୋଲ, ବଡ ନାଗରା, ଶୀଘ୍ରବାଦ୍ୟ ଅନ୍ୟତମ। ଘନବାଦ୍ୟ ତାଲିକାରେ ନେନେଁ, ଗିନି, ଝାଞ୍ଜ, କିରକସ ଓ ଭେକା ଥିବା ବେଳେ ଦେଶୀୟ ବାଦ୍ୟ ତାଲିକାରେ ଦଣ୍ଡାଦୁଲିଆ ବାଡି, ଭାସମାଟା, କେରକେରା, ଦୁଡୁଳା, ଧଡଧଡ଼ି, ଗଅଣ, ରାମକାଠି, ଝାଡୁ, ବାସନ କୁସନ, ଡୁଡୁଙ୍ଗା, ଟେଙ୍ଗ ଟେଙ୍ଗେଡା, ଗଜୁରା ବାଡି, ପେଁକାଳୀ ଆଦି ବାଦ୍ୟଯନ୍ତ୍ର ରହିଛି। କିନ୍ତୁ କାରିଗରୀ ଓ ନିର୍ମାଣ ସାମଗ୍ରୀ ଅଭାବ ଯୋଗୁ ବାଦ୍ୟ ଯନ୍ତ୍ର ଲୋପ ପାଉଛି। ଡିଜେ ବାଜା, ବ୍ୟାଣ୍ଡ ବାଜା, ପ୍ଲାଷ୍ଟିକ ତିଆରି ବାଜାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ମହୁରିଆ ନ ଥିବାରୁ ବାଇଦକାରିଆ ଗୋଷ୍ଠୀ ଅନ୍ୟ ଗ୍ରାମରୁ ମହୁରିଆ ଆଣି କାମ ଚଳାଉଛନ୍ତି। ଏହାର ସୁରକ୍ଷା ପାଇଁ ସଂସ୍କୃତି ବିଭାଗ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ବାଇଦକାରିଆ ବାଦ୍ୟଯନ୍ତ୍ର ତିଆରି କରୁଥିବା କାରିଗରମାନଙ୍କୁ ଚିହ୍ନଟ କରି ଉଚିତ୍ ପ୍ରୋତ୍ସାହନ ଦେବାକୁ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟଙ୍କୁ ପ୍ରୋତ୍ସାହନ ମିଳିବ। ପରବ ପାଳନର ଉଦ୍ଦେଶ୍ୟ ସାଧିତ ହୋଇପାରିବ।

# ଶୀତ ପାଇଁ ସକାଳୁଆ ସ୍କୁଲ ବନ୍ଦ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ

କୋରାପୁଟ,୪।୧୨ (ଅମିତାଭ ବେହେରା)

କୋରାପୁଟ ଜିଲାରେ ଅସହ୍ୟ ଶୀତ ହେଉଥିବାରୁ ଫେବୃଆରୀ ଯାଏ ସକାଳୁଆ କ୍ଲାସ ବନ୍ଦ ରଖିବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଗୁରୁବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାରେ ତାପମାତ୍ରା ଦିନକୁ ଦିନ ହ୍ରାସ ପାଉଥିବା ବେଳେ ବର୍ତ୍ତମାନ ତାପମାତ୍ରା ୮ ଡିଗ୍ରୀକୁ ଖସିଯାଇଛି। ଆଗାମୀ ଦିନରେ ଏହା ପୁଣି ହ୍ରାସ ପାଇବା ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଶନିବାର ସକାଳୁ ପିଲାମାନେ ବିଦ୍ୟାଳୟ ଯିବାରେ କଷ୍ଟକର ହେଉଥିବାରୁ ଏହାକୁ ବନ୍ଦ କରାଯାଇଛି। ଶନିବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ଯାଏ ସ୍କୁଲ ଚାଲୁ


DISTRICT EDUCATION OFFICE, KORAPUT
Paraja Street, KoraputE-mail: deofschoolskpt@gmail.com
OFFICE ORDER
Koraput Dated The 04December, 2025
No. ..../2025 -Keeping in view the ongoing winter season and prevailing cold wave condition in different parts of Koraput district, the District Administration has decided to hold classes of all categories of schools in day shift i.e. from 10 A.M. to 4 P.M. instead of Morning shift on all working Saturdays with immediate effect. This arrangement shall remain in force till February, 2026.
Collector, Koraput.

ଜିଲାପାଳଙ୍କ ନିର୍ଦ୍ଦେଶନାମା।

କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ପତ୍ର ସଂଖ୍ୟା ୯୯୭୩/ ତା. ୪।୧୨।୨୦୨୫ରେ ପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯାଇଛି। ଏହା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ପାଇଁ କାର୍ଯ୍ୟକାରୀ ହେବ। ଏହାକୁ କୌଣସି ବିଦ୍ୟାଳୟ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇଛନ୍ତି।

# ଜିଲାସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଯାପିତ

କୋରାପୁଟ,୪।୧୨ (ଅମିତାଭ ବେହେରା)

ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ପୌରପାଳିକା ଜିମ୍‌ଠାରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମୁଦାୟ ୩୦ଜଣ ମହିଳା ଏବଂ ୮୦ଜଣ ପୁରୁଷ ଭାଗ ନେଇଥିବା ବେଳେ ସ୍କ୍ୱାଡ଼, ବେଞ୍ଚ ପ୍ରେସ୍, ଡେଡ୍ ଲିଫ୍ଟ ଆୟୋଜନ ହୋଇଥିବା ଜିଲା କ୍ରୀଡ଼ାଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

# କୋରାପୁଟ କାର୍ନିଭାଲକୁ ବନ୍ଦକଲା ଜିଲା ପ୍ରଶାସନ

କୋରାପୁଟ/ସୁନାବେଡ଼ା, ୪।୧୨ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)


ପ୍ରଶାସନ ପକ୍ଷରୁ କାର୍ନିଭାଲ ସ୍ଥଳକୁ ହଟାଯାଉଛି।

କୋରାପୁଟ ଜିଲା ଅଧୀନ ସେମିଳିଗୁଡା ଓ ନାରାୟଣପାଟଣା ବ୍ଲକ୍ ଅଧୀନ ତଳମାଳି ହିଲ୍ ଟପ୍‌ରେ ଅକ୍ଟୋବର ମାସରୁ ଚାଲିଥିବା କୋରାପୁଟ କାର୍ନିଭାଲକୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ତହସିଲଦାର ସାହିଦ୍ ସବୀର ଶାହା, ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ନାରାୟଣପାଟଣା ତହସିଲଦାର ପ୍ରଭାତୀ ଝଡିଆ, ସେମିଳିଗୁଡା ବିଡିଓ ଯସ୍ମୀନ କୁମାର ପ୍ରଧାନ, ଜିଲା ପର୍ଯ୍ୟଟନ ଅଧିକାରୀ ଟଲିନା ପ୍ରଧାନୀ, ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା, କୋରାପୁଟ ଅତିରିକ୍ତ ତହସିଲଦାର ଭଗବାନ ନାୟକ, ସେମିଳିଗୁଡା ଥାନାଧିକାରୀ ଅନିତା କୁଜୁରୁ, ସେମିଳିଗୁଡା ସହାୟକ ଯନ୍ତ୍ରୀ ତପନ କୁମାର ନାୟକ,ତହସିଲ ସୁପରଭାଇଜର ପି.ଗୌରୀଶଙ୍କର ରାଓ, ରାଜସ୍ୱ ନୀରିକ୍ଷକ ନକ୍ଷତ୍ର ମାଳୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଫୋର୍ସ ସହାୟତାରେ କାର୍ନିଭାଲ ସ୍ଥଳକୁ ବେଆଇନ ଦର୍ଶାଇ ହଟାଯାଇଥିବା ଜଣାପଡ଼ିଛି। ବେଆଇନ କାର୍ନିଭାଲ ସମ୍ପର୍କରେ ଖବର ପାଇ ଜିଲା ପ୍ରଶାସନ ଏହାର ତଦନ୍ତ ଆରମ୍ଭ କରିଥିଲା। ପ୍ରକାଶ ଯେ, ତଳମାଳି ପାହାଡ଼ ଟାପୁରେ ବିନା ସରକାରୀ ଅନୁମତିରେ ୨ଟି କ୍ୟାମ୍ପ ଚାଲୁଥିଲା। ପର୍ଯ୍ୟଟକଙ୍କ ପାଇଁ ତମ୍ବୁ ପକାଇ, ଖାଦ୍ୟପେୟ,କ୍ୟାମ୍ପ ଫାୟାର, ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରି ପର୍ଯ୍ୟଟକଙ୍କଠାରୁ ଅର୍ଥ ଆଦାୟ କରାଯାଉଥିଲା। ଦୈନିକ ଆସୁଥିବା ପର୍ଯ୍ୟଟକ ଓ ସେମାନେ ବ୍ୟବହାର କରୁଥିବା ବର୍ଜ୍ୟବସ୍ତୁ ଏଣେତେଣେ ଗଦା କରି ପରିବେଶ ନଷ୍ଟ କରୁଥିଲେ। ରାତି ଅଧରେ ପର୍ଯ୍ୟଟକଙ୍କ ଭିଡ଼ ଆଇନ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା କେତେକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ତହସିଲଦାର ତଦନ୍ତ କରି ଉକ୍ତ ୨ ସଂସ୍ଥାକୁ କୈଫିୟତ ତଲବ କରିଥିଲେ। ବିନା ଅନୁମତିରେ ସଂସ୍ଥା ସବୁ କିଛି ଆୟୋଜନ କରି ଅର୍ଥ ଆଦାୟ କରୁଥିବା ରିପୋର୍ଟ ଦେଇଥିଲେ। ରିପୋର୍ଟ ଆଧାରରେ ଏହି କାର୍ନିଭାଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିଲା।

### ୧୫ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ନଷ୍ଟ

ବୈପାରୀଗୁଡା,୪।୧୨ (କଳ୍ପତରୁ ମହାନ୍ତି)

ବୈପାରୀଗୁଡା ପୋଲିସ ପକ୍ଷରୁ ଥାନା ଅଧିକାରୀ ଡମ୍ବରୁ ଧରବାତ୍ରିଆଙ୍କ ନେତୃତ୍ୱରେ ଏହା ଥାନା ଅଧୀନ ଚିପାକୁର ପଞ୍ଚାୟତ ଶିରାଘାଟ ନିକଟ ପ୍ରାୟ ୧୫ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଫସଲକୁ ନଷ୍ଟ କରାଯାଇଛି। ଏହି ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସ୍ଥାନୀୟ ଅତିରିକ୍ତ ତହସିଲଦାର ଝାଡେଶ୍ୱର ଶୌରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାହାର ରାଜ୍ୟର ଗଞ୍ଜେଇ ମାଫିଆମାନେ ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କୁ ପ୍ରଲୋଭିତ କରି ଗଞ୍ଜେଇ ଚାଷ କରିବାକୁ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି।

### ବ୍ୟବସାୟୀଙ୍କୁ ଅପହରଣ ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

ଜୟପୁର,୪।୧୨ (ପବନ ପାଣିଗ୍ରାହୀ)

ଜୟପୁର ସହରର ବ୍ୟବସାୟୀଙ୍କୁ ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ସ୍ଥାନୀୟ ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟନଗର ପାଇକ ସାହି ୪ର୍ଥ ଗଳିର ପ୍ରଶାନ୍ତ ବେହେରା(୨୯)। ମାର୍ଚ୍ଚ ୨୧ରେ ଜୟପୁର ସହରର ବ୍ୟବସାୟୀ ଡି.ସି ରାଜୁ ଟଙ୍କା ଧରି ଘରକୁ ଫେରୁଥିବା ବେଳେ ବାରିଣିପୁଟ ନିକଟରେ ଦୁର୍ବୃତ୍ତମାନେ ଏକ କାରରେ ଆସି ଅପହରଣ କରି ନେଇଥିଲେ। ଅପହରଣର ୨ଦିନ ମଧ୍ୟରେ ତାଙ୍କୁ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ଜଡ଼ିତ ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ରାୟଗଡା ଜିଲା ଗୁଣୁପୁର ଅଞ୍ଚଳର ସିଙ୍ଗୁବାଇ ଅଞ୍ଚଳରୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଭୂସମ୍ପଦ ତଥ୍ୟାବଳୀ ରଥ ଶୁଭାରମ୍ଭ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

ବୈପାରୀଗୁଡା,୪।୧୨ (କଳ୍ପତରୁ ମହାନ୍ତି)

ବୈପାରୀଗୁଡା ବ୍ଲକ୍ ପଡେଇଗୁଡା ଜଳ ବିଭାଜିକା ଅଧୀନ ପାଲ୍ଲିଗୁଡାରେ ଭୂସମ୍ପଦ ତଥ୍ୟାବଳୀ ରଥ ବା ଲ୍ୟାଣ୍ଡ ରିସୋର୍ସ ଇନଭେଣ୍ଟରିରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଜଳ ବିଭାଜିକା ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ନରସିଂହ ନାୟକଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା,ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଶିବ ଚରଣ ଜେଠି,ବୈଜ୍ଞାନିକ ବିବେକ ହନ୍ତାଳ ଓ ସୁଧାଂଶୁ ଶେଖର ପାତ୍ର,ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ବଳଙ୍ଗ,ଏଡିପିସି ସୁମନ ରାଉତ,ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣିମା ବାଗିଚି,ସରପଞ୍ଚ ସୂର୍ଯ୍ୟମଣି ନାୟକ ଓ ସମିତିସଭ୍ୟା ମଞ୍ଜୁବଳଙ୍ଗ ଓ ଲତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ଜେଠି ଏଲ୍‌ଆର୍‌ଆଇ ତଥା ବିଜ୍ଞାନଭିତ୍ତିକ ଜଳ ବିଭାଜିକା ପରିଚାଳନା ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରିଥିଲେ। ଯାତ୍ରା ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟ ଦ୍ୱାରା ଆବଣ୍ଟିତ ଏଲଆରଆଇ କାର୍ଡର ଉପାଦେୟତା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଳ ବିଭାଜିକର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଧାନସଭାରେ ସେମିଳିଗୁଡ଼ା ରାସ୍ତା ପ୍ରଶସ୍ତୀକରଣ ପ୍ରସଙ୍ଗ ରଖିଲେ ବିଧାୟକ

ସୁନାବେଡ଼ା/ସେମିଳିଗୁଡ଼ା ୪।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



୨୬ ନମ୍ବର ଜାତୀୟ ରାଜପଥ ସେମିଳିଗୁଡ଼ା ନାଲକୋ ଛକଠାରୁ ଭେଣ୍ଡିଂ ଜୋନ ରାସ୍ତାର ପ୍ରଶସ୍ତିକରଣ ପାଇଁ ଦୀର୍ଘ ଦିନ ତଳେ ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପଡାଲ ଶୁଭ ଦେଇଥିଲେ। କିନ୍ତୁ ୩ ବର୍ଷ ବିତିଥିଲେ ସୁଦ୍ଧା କାମ ଆରମ୍ଭ ହୋଇ ନ ଥିବାରୁ ଏହାକୁ ନେଇ ବର୍ତ୍ତମାନର କୋରାପୁଟ ବିଧାୟକ ରଘୁରାମ ମାଛ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ପ୍ରକାଶ ଯେ, ଜିଲା ଖଣିଜ ପାଣ୍ଠିରୁ ଦୀର୍ଘ ବର୍ଷ ହେବ ରାସ୍ତାର ପ୍ରଶସ୍ତିକରଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ବ୍ୟତୀତ ଜୁନ ମାସ ୧୨ରେ ବିଧାୟକ ଜିଲା ଓ ପୌର ପ୍ରଶାସନର ଅଧିକାରୀଙ୍କ ସହ ରାଜସ୍ୱ, ଜଳ, ବିଦ୍ୟୁତ ଓ ଏନ୍‌ଏଚ୍ ଅଧିକାରୀ ସେମିଳିଗୁଡ଼ା ନାଲକୋ ଛକଠାରୁ ଭେଣ୍ଡିଂ ଜୋନ୍ ଯାଏ ରାସ୍ତାର ପ୍ରଶସ୍ତିକରଣ ଓ ଡିଭାଇଡର ନିର୍ମାଣ ପାଇଁ ଅନୁଧ୍ୟାନ କରି ଫେରିଥିଲେ। ସେହି ସମୟରେ ବିଧାୟକ ଚଳିତ ଦଶହରାରେ ଅଞ୍ଚଳବାସୀଙ୍କୁ ଏହା ଭେଟି ଦିଆଯିବ ବୋଲି କହିଥିଲେ। କାମ ଆରମ୍ଭ ହୋଇ ନ ଥିବା ବେଳେ ଏଥିପାଇଁ ଆପ୍ରୁଭାଲ ମଧ୍ୟ ହୋଇପାରି ନାହିଁ।

### ବ୍ଲକ୍‌ସ୍ତରୀୟ ଶକ୍ତିମେଳା

କୋଟପାଡ଼,୪।୧୨ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶକ୍ତି କ୍ଲବ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ସ୍ୱପ୍ନଜିତ ନାୟକ, ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର ଦାସ, ବିନାୟକ ଆଚାର୍ଯ୍ୟ, ପ୍ରଧାନଶିକ୍ଷୟିତ୍ରୀ ସବିତା ରାଣୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୨୦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ନିଷ୍କ୍ରିୟ, ଜୈବିକ କୃଷି, ସୋଲାର ସିଷ୍ଟମ, ସୁକ୍ଷ୍ମ ଖାଦ୍ୟ ଆଦି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ କମଳା ପୂଜାରୀ, ଏନ୍‌ଏସି ଅଧ୍ୟକ୍ଷ ଏମ୍.ଶଙ୍କର ରାଓ ଏବଂ କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଦେଖିଥିଲେ। କୋଟପାଡ଼ ବାଳକ ବିଦ୍ୟାଳୟର ସଞ୍ଜୟ ରାଜ ମହାପାତ୍ର ପ୍ରଥମ, ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ଗୁପ୍ତ ହରିଜନ ଦ୍ୱିତୀୟ, ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବବି ପୂଜାରୀ ତୃତୀୟରେ ରହି ଜିଲାସ୍ତରୀୟ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବେ।

# ସଂସ୍କାର ସଂସ୍କୃତି ବିନା ଜାତି, ସଙ୍ଗଠନ ଆଗକୁ ବଢ଼ିପାରିବ ନାହିଁ

ସୁନାବେଡ଼ା/ସେମିଳିଗୁଡ଼ା,୪।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ମିଗ୍ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସପ୍ତମ ସାଧାରଣ ଅଧିବେଶନ ସହ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସେମିଳିଗୁଡ଼ାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଚିନମ ରବୀନ୍ଦ୍ରନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାସଂଘ ସଭାପତି କେ. ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କାର ଓ ସଂସ୍କୃତି ବିନା ଜାତି ତଥା ସଙ୍ଗଠନ ଆଗକୁ ବଢ଼ିପାରିବ ନାହିଁ ବୋଲି କହିଥିଲେ। ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭବିଷ୍ୟତ ପିଢ଼ିକୁ ସଚେତନ କରିବା ସହ ସମସ୍ତେ ଏକ ହୋଇ କାର୍ଯ୍ୟକଲେ ବିକାଶ ହୋଇପାରିବ ବୋଲି ମତ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ସୁନାବେଡ଼ା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ମହାସଂଘ ଉପସଭାପତି ଏ. ତଳସୁ ରାଜୁ, ସମ୍ପାଦକ ପି. ନାରାୟଣ ସୁବୁଦ୍ଧି, କୋଷାଧ୍ୟକ୍ଷ ବୈଶ ରାଜୁ ଭେଙ୍କଟଙ୍କ ସହ ମିଗ୍ ଅଞ୍ଚଳର ଅନ୍ୟ କର୍ମକର୍ତ୍ତା, ମହିଳା ମହାସଂଘ ସଭାପତି, ଯୁବକ ମହାସଂଘ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି। ଦାମନଯୋଡ଼ି ବୈଶ୍ୟ ସମାଜର ମହିଳାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଘ ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମିଗ୍ ଅଞ୍ଚଳ ଅଧୀନରେ ଥିବା ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି, ବାଲିମେଳା,କାଲିମେଳା,ବୈପାରିଗୁଡ଼ା, ଲମତାପୁଟ ଓ ଜୟପୁର ପେଣ୍ଠର ଶତାଧିକ କର୍ମକର୍ତ୍ତାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଗ୍ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘ ସମ୍ପାଦକ ଟୁନା ପାତ୍ର ପରିଚାଳନା କରିଥିଲେ। ତ୍ରିନାଥ ପାତ୍ର ଓ ରୋଜାଲିନ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ରକ୍ତଦାନ ଶିବିରକୁ ଡିବିଡିଏମ୍‌ଏଫ୍ ସାଧରଣ ସମ୍ପାଦକ ଶେଖ ଇବ୍ରାହିମ, ସହେଦା ପରବିନ, ଦୁର୍ଗାପ୍ରସାଦ ପାତ୍ର, ସତ୍ୟ ବିଲସେନ ଓ ସ୍ୱରାଜ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ରାଗିଂଠାରୁ ଦୂରେଇ ରହିବାକୁ ପରାମର୍ଶ

## ଆଣ୍ଟି ରାଗିଂ କମିଟି ବୈଠକ

କୋରାପୁଟ,୪।୧୨ (ଅମିତାଭ ବେହେରା)


ବୈଠକରେ ଉପସ୍ଥିତ କଲେଜ ଡିନ୍‌ଙ୍କ ସହ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ ପକ୍ଷରୁ ଡିନ୍‌ଙ୍କ ସମ୍ମିଳନୀ କକ୍ଷରେ ଆଣ୍ଟି ରାଗିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିନ ଡ଼ା. ହରେକୃଷ୍ଣ ଦଳାଇଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ସହ ଅଧ୍ୟୟନ କରିବା ଓ କୋରାପୁଟ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ନେଇ ଆଲୋଚନା ହୋଇଥିଲା। ରାଗିଂଠାରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ଯଦି କିଏ ରାଗିଂ କରୁଥିବା ବେଳେ ଧରାପଡ଼ିବେ ତାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଟିରେ ନିଷ୍ପତି ହୋଇଛି। ବରିଷ୍ଠ ଛାତ୍ରୀଛାତ୍ର ରାଗିଂ କଲେ ତୁରନ୍ତ କମିଟି, ଡିନ ଓ ଅନ୍ୟ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଉଛି। ଏହାକୁ ଉଲ୍ଲଂଘନ କରିବା ଛାତ୍ରୀଛାତ୍ର ଜଣାପଡିବା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆବଶ୍ୟକ ପଡ଼ିଲେ ମହାବିଦ୍ୟାଳୟରୁ ବହିଷ୍କାର କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଥିବା କୁହାଯାଇଛି। ବୈଠକରେ କୋ ଅଧ୍ୟକ୍ଷ ଡା. ସୁଶାନ୍ତ କୁମାର ସାହୁ, କମିଟି ସଭ୍ୟ ପ୍ରଶାସିକା ରଞ୍ଜିତା ମଲିକ, ଡା. ପ୍ରଶାନ୍ତ କୁମାର ଦାସ, ଡା. ମନୋଜ କୁମାର ଜେନା,ଡା.ଅନୁଭା ମିଶ୍ର, ଡ଼ା. ସୁବ୍ରତ ଦାସ, ଡା.ସଞ୍ଜୀବ ସତପଥୀ,ଖବରଦାତା ଘନଶ୍ୟାମ ରଥ, ଆଇନଜୀବୀ ଅଶୋକ କୁମାର ଷଡଙ୍ଗୀ, ସିଡିଆରଟି ନିର୍ଦ୍ଦେଶକ ସୁରେନ୍ଦ୍ର କରଣଙ୍କ ସହ ସମସ୍ତ ଛାତ୍ର ନେତା ଉପସ୍ଥିତ ଥିଲେ।

# ବଜାରରେ ନକଲି ତରଳ ଓଆର୍‌ଏସ୍

## ୭.୯୨ଲକ୍ଷ ପ୍ୟାକେଟ୍ ଜବତ କରି ଫେରାଇଲା ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୪।୧୨(ବନ୍ଦନା ସେଠୀ)

ନକଲି ଔଷଧ ପରେ ଏବେ ବଜାରରେ ମିଳୁଥିବା ନକଲି ତରଳ ଓଆର୍‌ଏସ୍/ ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବିନ୍ଧାର କାରଣ ପାଲଟିଛି। ସାଧାରଣତଃ ଡିହାଇଡ୍ରେସନ୍ ସମୟରେ ଶରୀରକୁ ଶକ୍ତି ଯୋଗାଇବା ପାଇଁ ଲୋକମାନେ ଓଆର୍‌ଏସ୍‌କୁ ପିଇଥାନ୍ତି। ମାତ୍ର କିଛି ଅସାଧୁ ବ୍ୟବସାୟୀ ନକଲି ତରଳ ଓଆର୍‌ଏସ୍ ପ୍ରସ୍ତୁତ ଓ ବିକ୍ରି କରି ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଔଷଧ ଦୋକାନରୁ ଭୁଲ ଓ ଭ୍ରାନ୍ତିକର ଛାପା ଥିବା ତରଳ ଓଆର୍‌ଏସ୍ ପ୍ୟାକେଟ୍ ଜବତ ଅଭିଯାନ ଆରମ୍ଭ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟର ଅଧିକାରୀମାନେ ଗତ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟର ବିଭିନ୍ନ ଔଷଧ ଦୋକାନରେ ଚଢାଉ କରି ବିଭିନ୍ନ କମ୍ପାନୀର ୭.୯୨ ଲକ୍ଷ ପ୍ୟାକେଟ୍ ନକଲି ଓଆର୍‌ଏସ୍ ଚିହ୍ନଟ କରିବା ପରେ ସେଗୁଡିକୁ ଫେରସ୍ତ କରିଛନ୍ତି। ଏହି ପ୍ୟାକେଟଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୪କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଫେରସ୍ତ କରାଯାଉଥିବାରୁ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ଡ୍ରଗ୍ କଣ୍ଟ୍ରୋଲର ମାମିନା ପଟ୍ଟନାୟକ କହିଛନ୍ତି, ଓରାଲ୍ ରିହାଇଡ୍ରେସନ୍ ସଲ୍ଟ ତରଳ ପାନୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସୁପାରିଶ ଫର୍ମୁଲା ଅନୁସାରେ ପ୍ରସ୍ତୁତ ହେବା ଆବଶ୍ୟକ। ଏଗୁଡିକ ଲାଇସେନ୍ସପ୍ରାପ୍ତ ଉତ୍ପାଦକଙ୍କ ଦ୍ୱାରା ତିଆରି ହୁଏ ଓ ସାଧାରଣତଃ ଔଷଧ ଦୋକାନରେ ବିକ୍ରୟ ହୁଏ। ମାତ୍ର ବର୍ତ୍ତମାନ ବଜାରରେ ମିଳୁଥିବା ତରଳ ପାନୀୟ ପ୍ୟାକେଟ ଓଆର୍‌ଏସ୍/ଇଲେକ୍ଟ୍ରୋଲାଇଟ୍ ବୋଲି ଭ୍ରମ ସୃଷ୍ଟିକାରୀ ଛାପା ଓ ପ୍ୟାକେଟ ବିକ୍ରୟ ହେଉଥିବା ଦେଖାଯାଉଛି, ଯାହା ରିହାଇଡ୍ରେସନ ପରିଚାଳନା ପାଇଁ ଉପଯୁକ୍ତ ନୁହେଁ। ଏଗୁଡିକ ସାଧାରଣତଃ ଏଫ୍ଏସ୍ଏସ୍ଏଆଇ ପ୍ରମାଣପତ୍ରରେ ବିକ୍ରୟ ହୁଏ, ଯାହା ଡାକ୍ତରୀ ଚିକିତ୍ସାତ୍ମକ ରିହାଇଡ୍ରେସନ ପାଇଁ ଉପଯୋଗୀ ନୁହେଁ। ଏହା ଏକ ଫୁଡ୍ ଆଇଟମ୍। ତେଣୁ ଏଭଳି ଭ୍ରମାତ୍ମକ ଓଆର୍‌ଏସ୍‌ଗୁଡିକୁ ଜବତ କରାଯାଇ ସମ୍ପୃକ୍ତ କମ୍ପାନୀକୁ ଫେରସ୍ତ କରାଯାଉଛି ବୋଲି ଡ୍ରଗ୍ କଣ୍ଟ୍ରୋଲର କହିଛନ୍ତି।

# ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ

ବରଗଡ଼,୪।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲ୍ଲା ବିଜେପୁର ନିକଟ ବଲାଣ୍ଡାରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି)ର ଏକ ଶୀତତାପ ନିୟନ୍ତ୍ରିତ (ଏସି) ଯାତ୍ରୀବାହୀ ଏସି ବସ୍‌ରେ ଆକସ୍ମିକ ନିଆଁ ଲାଗିଥିଲା। ମାତ୍ର ବସ୍ ଡ୍ରାଇଭରଙ୍କ ତତ୍ପରତା ଯୋଗୁ ଯାତ୍ରୀମାନେ ସୁରକ୍ଷିତ ଭାବେ ଓହ୍ଲାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ସବୁଦିନ ଭଳି ଗୁରୁବାର ଉକ୍ତ ଯାତ୍ରୀବାହୀ ବସ୍ ନୂଆପଡ଼ା ଖରିଆରରୁ ବିଜେପୁର ହେଇ ସମ୍ବଲପୁର ଫେରୁଥିଲା। ତେବେ ବିଜେପୁର ନିକଟ ବଲାଣ୍ଡାକୁ ବସଟି ପହଞ୍ଚିବା ପରେ ବସ୍‌ରୁ ଧୂଆଁ ବାହାରୁଥିବା ବସ୍ ଡ୍ରାଇଭର ଜାଣିବାକୁ ପାଇଥିଲେ। ବସ୍ ଅଟକାଇ ଡ୍ରାଇଭର ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇବାକୁ କହିଥିଲେ। ଯାତ୍ରୀମାନେ ସୁରକ୍ଷିତଭାବେ ବସ୍‌ରୁ ଓହ୍ଲାଇଥିଲେ। ତେବେ କେଉଁ କାରଣରୁ ବସ୍‌ରେ ଏଭଳି ସ୍ଥିତି ଉପୁଜିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।



ନିଆଁ ଲାଗି ଜଳୁଥିବା ଯାତ୍ରୀବାହୀ ବସ୍।

---

idco | ODISHA NEW OPPORTUNITIES — No.CAD-2556

**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**

Tender Call Notice No- IDCO/CTC/CIV/E:2382, Dated 26.11.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Selection of an Agency for Setting up and Operation of a Canteen at Jagatpur Industrial Estate.
1. Estimated Cost: Rs.12/- per sq.ft. excluding GST
2. Period of operation of Restaurant : 5 years
3. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender Reference No.CTC/CIV/EST/ E- 04/2025-26 | 05.12.2025 at 17.00 Hrs. | 15.12.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in.** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in and www.idco.in**

Sd./-Divisional Head, IDCO, Cuttack Division

OIPR-14003/11/0255/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-1627

**No. Tender Online - RWCCESNG - 24 of 2025-26, Letter No. 3754 / Dtd. 28.11.2025**

**e-Procurement NOTICE**

1. Type of the Work : Road (MMSY TRIP), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 05.12.2025 11:00 A.M. | 20.12.2025 5:00 P.M. | 19.12.2025 5:00 P.M. | 22.12.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer, Rural Works Circle, Sundargarh

OIPR-25133/11/0084/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOLANGIR**
E-mail ID: eerw_blgr@yahoo.co.in

No.O-1622:

**e-Procurement Notice**
**IFB IDENTIFICATION NO. EEBLGR-Online-20/2025-26**

| | | |
|---|---|---|
| 1. | Name of Work | Building Work |
| 2. | Total No. of Works | 1 (One) No. |
| 3. | Approximate Estimated Cost | Rs.83.21 Lakh |
| 4. | Time for Completion | 6 (Six) Calendar Months |
| 5. | Mode of Submission of tender | Tender should be submitted online in www.tendersodisha.gov.in. |
| 6. | Other details are as follows | As per TCN No. **EEBLGR-Online-20/2025-26** |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Division., Bolangir | EEBLGR-Online-20/2025-26 | 04.12.2025 at 11.00 A.M. | 11.12.2025 upto 5.00 PM | 10.12.2025 upto 1.00 P.M. | 12.12.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/ Addendum will be displayed in the above e tender website only.

OIPR-25068/11/0053/2526 — Sd./- Executive Engineer, R.W.Division, Bolangir

---

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**
E-mail:eemisundargarh@yahoo.co.in
'e' Procurement Notice
**Bid Reference No. SE MID SNG 16/2025-26**

No.A-1053: Bid documents consisting names of work, Estimated Cost, Cost of tender paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the Works:- | Civil Construction Work |
| 2 | No. of Works:- | 08 (Eight) Nos. |
| 3. | Estimated Cost:- | Varies from Rs.53.43 lakh to Rs.89.61 lakh (Approximately) |
| 4. | Period of Completion:- | 04 (Four) Calendar Months |
| 5. | Date and Time of availability of bid documents in the Portal:- | From dt.05.12.2025 at 10.00 A.M. to dt.19.12.2025 upto 5.30 PM |
| 6. | Last date/time of receipt of bids in the Portal:- | Dt.19.12.2025 upto 5.30 P.M. |
| 7. | Date of Opening of Technical Bid (Cover-I):- | Dt.20.12.2025 at 11.00 AM onwards |
| 8. | Name and address of the OIT:- | Superintending Engineer, Minor Irrigaton Division, Sundargarh. |

** Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer, M.I. Division, Sundargarh

OIPR-32124/11/0043/2526

---

**OFFICE OF THE PANCHAYAT SAMITI, JASHIPUR, MAYURBHANJ**
AT/PO/PS-Jashipur, District-Mayurbhanj, Odisha-757091
Tel/Fax-06797-232435, E-mail: ori-jashipur@nic.in

No.i-403: **DTCN No.03, Dated 02.12.2025**

1. The Block Development Officer, Jashipur invites Sealed tender in offline/ online mode on percentage rate basis for 01 (One) No. of Construction work as mentioned in the DTCN from eligible Civil Contractors of the State PWD (R&B)/ Water Resource/ Rural Works/ M.I./ C.P.W.D.
2. No. of Work: 01 (One) No.
   **Name of the Work:** Providing infrastructure Facilities at Mini Stadium Located in Mahardapalsa, Jashipur Block, Mayurbhanj — **Value of Work:** Rs.28,39,560.00
3. Cost of Tender Paper : **Rs.6,000/- (Rupees Six Thousand) per unit for each work respectively.**
4. Class of Contractors : **"B" & "C" Contractors**
5. Date & Time of available the Tender document (DTCN & BOQ) : In District NIC website (www.mayurbhanj.odisha.gov.in) from **Dt.03.12.2025 to Dt.10.12.2025 till 05.30 P.M.** (On working days only).
6. Last date of Receipt of Bids: **Dt.10.12.2025 till 05.30 P.M.**
7. Mode of Receipt : **Through Speed Post/ Regd. Post only.**
8. Date of Tender Opening: **Dt.11.12.2025 at 11.00 AM**

\# For more details, visit our District Administration website: www.mayurbhanj.odisha.gov.in. # All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

Sd./- Block Development Officer, Jashipur

OIPR-19279/11/0005/2526

---

**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି**

No.H-43: ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ ସେପ୍ଟେମ୍ବର ମାସଠାରୁ ଚଳିତ ବର୍ଷର କପା ବିକ୍ରୟ ପାଇଁ ''କପାସ୍ କିଶାନ ଆପ୍'' ଦ୍ୱାରା ନିଜେ ନିଜର ପଞ୍ଜୀକରଣ କରିପାରିବେ ଓ ସେଥିପାଇଁ ନିଜର ପଟ୍ଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ୍ (କୃଷି ଅଧିକାରୀଙ୍କଠାରୁ ଆଣିବେ) ଓ ତାହାକୁ ନିଜେ ନିଜର ମୋବାଇଲ ଫୋନ୍‌ରେ ପଞ୍ଜୀକରଣ କରିପାରିବେ । ଯଦି ଭାଗଚାଷୀ ହୋଇଥିବେ ତେବେ ନିଜର ପୋଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ (କୃଷି ଅଧିକାରୀଙ୍କଠାରୁ ଆଣିବେ), ସମ୍ମତି ପତ୍ର (ରାଜସ୍ୱ ନିରୀକ୍ଷକଙ୍କଠାରୁ ଆଣିବେ) ଓ ଲିଜ ଏଗ୍ରିମେଣ୍ଟ ସହ ନିଜର ମୋବାଇଲ ଫୋନରେ ପଞ୍ଜୀକରଣ କରିପାରିବେ ।

ପଞ୍ଜୀକରଣର ଅନ୍ତିମ ତାରିଖ ହେଲା ୩୧.୧୨.୨୦୨୫ । ସବିଶେଷ ବିବରଣୀ ନିମନ୍ତେ ଚାଷୀମାନେ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରନ୍ତୁ ।

ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

OIPR-07070/11/0001/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id - eerw_deogarh@yahoo.co.in

No. O-1650

**E-Procurement Notice**
**BID IDENTIFICATION No. EERWDGH-Online-09/2025-26**

1. No. of Building Works : (01 No.)
2. Estimated Cost : Approx. Rs.82.80 Lakhs
3. Mode of submission of tender : Tender shall be submitted online in **www.tendersodisha.gov.in.**
4. Availability of tender for online bidding : 05.12.2025, 10.00 A.M. to 15.12.2025 upto 5.00 P.M.
5. Date and time of opening of tender : 16.12.2025, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.

Sd./- Superintending Engineer, R.W. Division, Deogarh

OIPR-25087/11/0027/2526

---

**OFFICE OF THE CHIEF EXECUTIVE, RPRC, BHUBANESWAR**
(e-mail Id : rprcbbsr@gmail.com)
Tel : (0674)-2557925

No.-1955/RPRC — Date : 02.12.2025

**REQUEST FOR PROPOSAL**
**Bid Identification No. RPRC/ 41 / 2025-26**

**No.MM-333** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites Request for Proposal for "Selection of an Agency to Manage media, communications, infocomm, techcomm and multimedia during Annual Flower Show: 2026 in RPRC, Bhubaneswar" from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) | Event duration |
|---|---|---|---|---|---|
| | | From | To | | |
| 35,000/- (online) | 6,000.00 (Online) | 03.12.2025 / 10.00 A.M. | 17.12.2025 / 11.00 A.M. | 17.12.2025 / 11.30 A.M. | 03 days (during January-2026) |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile- **9355030613**, e-mail: eprochelpdesk.101@gmail.com

Sd./- Chief Executive, RPRC, Bhubaneswar

OIPR-08004/11/0046/2526

---

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK
No. 8387/PSC, Dt. 03.12.2025
1M-16-2024-25 (Store)

**Quotation Call Notice**

**No.-D-270** : Sealed Quotations for following items are invited from the intending Authorized Agencies/Dealers having valid GST registration. They should submit their applications along with copies of GST Registration Certificate, valid OEM Authorization Certificate for the quoted product & PAN Card. The detailed specifications of those items are enclosed at Annexure-A along with this Quotation Call Notice.

| | | | |
|---|---|---|---|
| 1. | Monitor | - | 1 No. |
| 2. | Multifunction Printer (A4) | - | 4 Nos. |
| 3. | Multifunction Printer (A3) | - | 1 No. |

The Sealed Quotation should reach the undersigned at 11 A.M. on or before 08.12.2025 and shall be opened on the same day at 3:30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.

OIPR-12002/11/0335/2526 — Sd./- Secretary

---

**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

Advt.No.5552/NHM/2025-26 — Dt.02.12.2025

**TENDER CALL NOTICE**

**No.E-563:** Sealed short tenders are invited from the interested eligible bidders for **"Request For Proposal For Accommodation Facility For Trainees Under Various Training in Baripada Municipality Area Under ZSS, Mayurbhanj."** The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposal(s) with EMD, Tender Paper Cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before 04.00 PM of dt.26.12.2025 through Regd/Speed Post/ Courier and the same will be opened on 29.12.2025 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0050/2526

---

OFFICE OF THE PRINCIPAL
**K.K.S. WOMEN'S COLLEGE, BALASORE**
NAAC ACCREDITED B++
At: Manikhamb, P.O.: Motiganj, Dist.: Balasore - 756003
Ph. No.: 06782-295558, e mail id: kks_wc@yahoo.co.in
Website: www.kksgovwc.org

No. 3997 — Date: 29.11.25

**NOTICE**

**WALK-IN-INTERVIEW FOR TEACHING POSTS (GUEST FACULTIES) FOR INTEGRATED TEACHER EDUCATION PROGRAMME (ITEP), K.K.S. WOMEN'S COLLEGE, BALASORE**

No. N-218: Eligible candidates may attend the Walk-in-Interview for engagement of 22 (Twenty Two) Nos. of Guest Faculties for Integrated Teacher Education Programme (ITEP), K.K.S. Women's College, Balasore for the Academic Session 2026-27.

The interview is scheduled to be held from 10.12.2025 to 11.12.2025 at 10 A.M. at K.K.S. Women's College, Balasore.

For details about vacancies, eligibility criteria and date of interview etc. please refer to the College website **www.kksgovwc.org**.

**N.B.:** Candidates without testimonials will not be entertained.

Sd./- Principal, K.K.S. Women's College, Balasore

OIPR-11120/11/0022/2526

---

**OFFICE OF THE DIVISIONAL FOREST OFFICER, BHAWANIPATNA (KL) DIVISION**
No. MM-339 **BHAWANIPATNA, KALAHANDI, ODISHA - 766001**
Phone/Fax No. 06670-295273 e-mail: dfokl.bhpatna@gmail.com
Bid Identification No. BC-DFO-KL-BPT-01/2025-26
BC-DFO-KL-BPT 02/2025-26 & BC-DFO-KL-BPT-03/2025-26

**SHORT NOTICE INVITING TENDER**

Office Order No. 197 — Dt.03.12.2025

| Sl. No. | Name of the Work | Building Works as per DTCN available in the website **www.tenderodisha.gov.in** |
|---|---|---|
| 1 | Name of the Works | Construction of Building |
| 2 | Estimated Cost | • 1 No. of Forest Guard Quarter = Rs.14,85,980/- • 1 No. Forester Quarter = Rs.18,61,605/- • 1 No. Range Office-cum-Residence = Rs.59,21,558/- |
| 3 | Class of Contractor | D, C & B Class as per annexure |
| 4 | No. of Works | (03 Nos.) |
| 5 | Period & Time of Completion | 3 Calendar Months |
| 6 | Date & time of availability of the bid document in the portal | 04.12.2025 at 12.00 P.M. to 18.12.2025 (Upto 05.00 P.M.) online bidding |
| 7 | Last date/time for receipt of bids in the portal | Upto 05.00 P.M. of 18.12.2025 |
| 8 | Date & time of bid opening | 04.00 P.M. on 19.12.2025 |
| 9 | Name & address of the Officer Inviting Bid | Divisional Forest Officer, Bhawanipatna (KL) Division, At/P.O.: Parmanandpur, Kesinga Road, Bhawanipatna, Dist. - Kalahandi, PIN - 766002 |

The bidders have to participate in ONLINE Bidding only.
All other details can be seen from the e-procurement portal: **www.tenderodisha.gov.in**.

Sd./- Divisional Forest Officer, Bhawanipatna (KL) Division

OIPR-08076/11/0002/2526

---

**OFFICE OF THE CSO-CUM-DISTRICT MANAGER, OSCSC LTD., BALASORE**

**TENDER CALL NOTICE**

No. CAD-2578: The District Office of O.S.C.S.C. Ltd., Balasore issued a Tender Call Notice vide Letter No. 2757 Dt.01.12.2025 inviting a sealed tenders from Travel Agencies/Individuals/Tour Operators for hiring 01 (One) No. of vehicle in the model "Celerio/Swift Dzire" for official use in the O/o. Chief CSO-cum-District Manager, Balasore.

The detailed notice inviting sealed tender is avilable in the website of Balasore District i.e. **www.balasore.odisha.gov.in**. The intending Travel Agency/Individuals/ Tour Operators are requested to download the detailed notice from above website.

**Last date of receiving of application through Regd./ Speed Post/Courier 15.12.2025 by 5.30 P.M.**

Sd./- Chief CSO-cum-District Manager, O.S.C.S.C. Ltd., Balasore

OIPR-07018/11/0008/2526

---

**ORMAS NAYAGARH** ORMAS
**CORRIGENDUM NOTICE**

**Advertisement No. 314** — **Dated: 02.12.2025**

No. CAD-2581: With reference to the Advertisement No. 296 Dt.28.11.2025 of ORMAS, Nayagarh the following corrections/ modifications is hereby as below.

(A)In the tender paper document for Tent and Allied work at the point "Documents to be submitted along with TECHNICAL BID" (Bullet Point) at the sentence No. 11: average annual Turnover of Rs.3.00 Crores has erroneously mentioned instead of Rs.2.00 Crores. Tender Paper cost for the above work is Rs.6000 + 18% GST = Rs.7080.00 and EMD is Rs.1,50,000.00 as mentioned in the tender document.

(B)In the tender paper for Security Services at point "While submitting the tender the tenderers should submit the following (Bullet Point) the sentence No. 7: EMD of Rs.5,000 mentioned in the document instead of Rs.10,000/-. Tender paper cost for the above work is Rs.600 + 18% GST = 708.00 and Earnest Money Deposit (EMD) = 10,000.00 as mentioned in the tender document.

Sd./- CDO-cum-EO, ZP, Nayagarh

OIPR-19262/11/0005/2526

---

GOVERNMENT OF ODISHA — No.C-1654
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. ACEPHD-BHPT-62 of 2025-26/Dt.02.12.2025**

**e-Procurement Notice**

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.48.82 Lakh
04. Period of Completion : 04 (Four) Calendar Months
05. Date & Time of availability of bid document in the portal : From 11.00 AM of dt. 06.12.2025 to 5.00 PM of 15.12.2025
06. Last date / time of receipt of bids in the portal : 5.00 PM of 15.12.2025
07. Date & Time of opening of technical bids : At 11.30 AM of 16.12.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Additional Chief Engineer, P.H. Division, Bhawanipatna

OIPR-13059/11/0064/2526

---

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
At/Po-Khariar, Dist-Nuapada, Odisha-766107,
E-mail ID-dfo.khariar@odisha.gov.in, Phone No.-06671-224237
**Office Order No.454/1F-Acct/Date.02.12.2025**

**RESULT FOR PROCUREMENT OF MULTISPECTRAL DRONE FOR KHARIAR FOREST DIVISION PUBLISHED VIDE BID IDENTIFICATION NO.06/2025-26, DT.17.11.2025 OF THE DIVISIONAL FOREST OFFICER, KHARIAR FOREST DIVISION**

**No.MM-336** : Consequent upon finalization of Tender on 29.11.2025 and as per the recommendation of the Divisional Tender Committee of Khariar Forest Division, duly approved by the Divisional Forest Officer, Khariar Forest Division, the following tender is selected for procurement of MAVIC 3 Multispectral Drone for use in Khariar Forest Division.

| Sl. No. | Name and address of the sucessful Bidder | Brand/Model/ Specification | Rate of the product (in Rs.) |
|---|---|---|---|
| 1 | 2 | 3 | 4 |
| 1 | M/S Nex-Zen Institute of Hardware Technology, Ambapali Chowk, Bargarh, Po/Dist-Bargarh (Odisha) | MAVIC 3 Multispectral Drone | 5,07,000/- |

Sd./- (Md. F.Azeez Khan, IFS), Divisional Forest Officer, Khariar Division

OIPR-08153/11/0016/2526

---

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**

No.B-793 **Short Auction sale Notice No. 38 of 2025-26**

Ltr. No. 13795/ — Dated : 01.12.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price/Upset Price : i) Rs. 9,36,921/- ii) Rs. 80,830/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 20,500/-
4. Period of Completion : 1 (One) Calendar Month
5. Receipt of Quotation : From 05.12.2025 to 11.12.2025 up to 04.00 P.M.
6. Date & Time of Opening of Quotation : 04:30 P.M. of 11.12.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

Sd./- Superintending Engineer, Ganjam (R&B) Division No.I

OIPR-34109/11/0062/2526

---

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ହିନ୍ଦୋଳ**
**OFFICE OF THE NOTIFIED AREA COUNCIL, HINDOL**
Pin-759022, Dist-Dhenkanal
Phone No.06732-291002, Email Id:eohindolnac13@gmail.com

**INVITATION FOR BIDS**

No.C-1648 **E-Procurement Notice-04/2025-26**
**Tender Call Notice No-2007/HDL NAC Dt.01.12.2025**

1. Name of the Work : Installation of 11 KV line & 63 KVA transformer with necessary fittings for newly created MCC and MRF at Kandarasuni, Ward No.12, Hindol NAC
2. Estimated Cost : Rs.10.64 Lakhs
3. Period of Completion : Three Months
4. Date and time of availability of bid document in the portal : From 11.00 AM of Dt.03.12.2025 to 5.00 PM of Dt.14.12.2025
5. Last date/time for receipt of bid in the portal : 5.00 PM of Dt.14.12.2025
6. Date and time of opening of Bid : 11.00 AM hours of Dt.15.12.2025
7. Name and address of the Officer Inviting Bid : Executive Officer, Hindol NAC

Further details can be seen from the e-Procurement portal http://tenderorissa.gov.in

Sd./- Executive Officer, Hindol N.A.C.

OIPR-13160/11/0010/2526

---

**ODISHA STATE CIVIL SUPPLIES CORPORATION LTD.**
Gajapati, Paralakhemundi
e-Mail - cso.gajapati@gmail.com, Fax: 06815-222153

**TENDER CALL NOTICE**

No. CAD-2576: The District Office of OSCSC Ltd., Gajapati issued a **Tender Call Notice vide Letter No. 3581 Dtd.02.12.2025** inviting sealed tenders from Travel Agency/Individual for hiring 01 (One) No. of vehicle for Office use as per Finance Department Office Memorandum No. 15836/F Dt.27.05.2025 for the official use at the Office of District Manager, OSCSC Limited, Gajapati. The interest bidders will submit their tenders in a sealed envelope duly super-scribing on the top of envelope i.e. **'Tender for Hiring of Vehicles for Official Use' along with Tender No. and date.** The detailed Notice/Annexures inviting sealed tender will be available in District Office as well as District website **https://gajapati.odisha.gov.in**.

The intending Travel Agency/Individual is requested to download the detailed notice from the above website.

**Last date of receiving of Application/Bid only through Regd. Post/ Speed Post/Courier service is by 15.12.2025 (upto 5.30 P.M.)**

Sd./- District Manager, OSCSC Ltd., Gajapati

OIPR-07087/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଲ୍ଆଇସିର ୨ ପ୍ଲାନ୍ ଉନ୍ମୋଚିତ

ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ଦୋରାଇସ୍ୱାମୀ ଦୁଇଟି ନୂଆ ପ୍ଲାନ୍‌ର ଉନ୍ମୋଚନ କରିଛନ୍ତି। ଏହି ଯୋଜନା ଦୁଇଟି ହେଉଛି ଏଲ୍ଆଇସିର ପ୍ରୋଟେକ୍ସନ ପ୍ଲସ୍ ଓ ଏଲ୍ଆଇସିର ବୀମା କବଚ। ଏଲ୍ଆଇସିର ପ୍ରୋଟେକ୍ସନ ପ୍ଲସ୍ ଏକ ନନ୍-ପାର୍ଟିସିପେଟିଂ, ୟୁନିଟ୍-ଲିଙ୍କଡ୍, ବ୍ୟକ୍ତିଗତ ସଞ୍ଚୟ ସହ ଜୀବନ ବୀମା ଯୋଜନା ଯାହା ପଲିସି ଅବଧି ଭିତରେ ଉଚ୍ଚ ଜୀବନ କଭର ସହିତ ସଞ୍ଚୟର ସୁବିଧା ଦେଇଥାଏ। ଏଥିରେ ଗ୍ରାହକମାନେ ନିଜ ଇଚ୍ଛାନୁସାରେ ବିନିଯୋଗ ପାଣ୍ଠି ଚୟନ କରିପାରିବେ, ସମ୍ ଆସ୍ୟୋର୍ଡ କମ୍ ବା ବେଶି କରିପାରିବେ ଏବଂ ଟପ୍-ଅପ୍ ପ୍ରିମିୟମ ମଧ୍ୟ ଦେଇପାରିବେ। ପଲିସି ଆରମ୍ଭରୁ ୫ ବର୍ଷ ପରେ ଆଂଶିକ ଉଠାଣର ସୁବିଧା ମିଳିଥାଏ। ପ୍ରବେଶ ବୟସ ୧୮ରୁ ୬୫ ବର୍ଷ, ପଲିସି ଟର୍ମ ୧୦, ୧୫, ୨୦ ଓ ୨୫ ବର୍ଷ ଏବଂ ପ୍ରିମିୟମ ପେଇଂ ଟର୍ମ ୫, ୭, ୧୦ ଓ ୧୫ ବର୍ଷର ବିକଳ୍ପ ରହିଛି। ଏଲ୍ଆଇସିର ବୀମା କବଚ ଏକ ନନ୍-ପାର୍ଟିସିପେଟିଂ, ନନ୍-ଲିଙ୍କଡ୍, ବ୍ୟକ୍ତିଗତ ପିଓର ରିସ୍କ (କେବଳ ସୁରକ୍ଷା) ଯୋଜନା ଯାହା ବୀମାଧରୀଙ୍କ ଅକସ୍ମାତ ମୃତ୍ୟୁ ହେଲେ ପରିବାରକୁ ନିର୍ଦ୍ଧାରିତ ଓ ଗ୍ୟାରେଣ୍ଟିଡ୍ ଆର୍ଥିକ ସୁରକ୍ଷା ଦେଇଥାଏ। ଏଥିରେ ଲେଭେଲ ସମ୍ ଆସ୍ୟୋର୍ଡ ଓ ଇନ୍‌କ୍ରିଜିଂ ସମ୍ ଆସ୍ୟୋର୍ଡ ଏହି ଦୁଇ ପ୍ରକାର ମୃତ୍ୟୁ ବେନିଫିଟ୍ ବିକଳ୍ପ ରହିଛି। ଅଧିକ ବିବରଣୀ ପାଇଁ ଏଲ୍ଆଇସି ଶାଖା ବା ଅଫିସିଆଲ ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ସବୁ କ୍ଷେତ୍ରରେ ଟେଲିକମ୍ ସେବା ଅପରିହାର୍ଯ୍ୟ




ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)

ବାତ୍ୟା ଓ ସୁନାମି ସତର୍କତାରୁ ଆରମ୍ଭକରି ଗ୍ରାମ ପଞ୍ଚାୟତ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଟେଲିକମ୍ ସେବା ଅପରିହାର୍ଯ୍ୟ ହୋଇପଡ଼ିଛି। ଟେଲିକମ୍ ନିୟାମକ ସଂସ୍ଥା (ଟ୍ରାଇ) ଓ ଆନ୍ତର୍ଜାତିକ ଟେଲି ଯୋଗାଯୋଗ ସଂଘ (ଆଇଟିୟୁ) ପକ୍ଷରୁ ମିଳିତ ଭାବେ ଗୁରୁବାର ଭୁବନେଶ୍ୱରର ଏକ ହୋଟେଲରେ ପର୍ଫରମାନ୍ସ, କ୍ୱାଲିଟି ଅଫ୍ ସର୍ଭିସ୍ ଏବଂ କ୍ୱାଲିଟି ଅଫ୍ ଏକ୍ସପିରିଏନ୍ସ ଶୀର୍ଷକ ୨ଦିନିଆ ଆନ୍ତର୍ଜାତିକ କର୍ମଶାଳାରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ପ୍ରତ୍ୟେକ କଲ୍ୟାଣ ଯୋଜନା କନେକ୍ଟିଭିଟି ଉପରେ ନିର୍ଭରଶୀଳ। ଦୃଢ଼ ଉତ୍ତମ ଗୁଣବତ୍ତା ଓ ସେବା ବିନା ସମୟୋଚିତ ସତର୍କତା ଓ ଜରୁରିକାଳୀନ ସେବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ପ୍ରଥମ ଦିନର ୪ଟି ବୈଷୟିକ ଅଧିବେଶନରେ କନେକ୍ଟିଭିଟି ମ୍ୟାପିଙ୍ଗ୍, ସାଟେଲାଇଟ-ଆଧାରିତ ମାପ, ମାପନ ପଦ୍ଧତି ଓ ଏସିଆର ବିଭିନ୍ନ ଦେଶର ନିୟାମକ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଏସିଆ, ଆଫ୍ରିକା ଓ ୟୁରୋପର ୩୯ଟି ଦେଶର ନିୟାମକ ସଂସ୍ଥା, ଟେଲିକମ୍ କମ୍ପାନୀ ଓ ଟେକ୍ନିକାଲ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ପ୍ରାୟ ୧୫୦ ଜଣ ପ୍ରତିନିଧି ସାମିଲ ହୋଇଛନ୍ତି। କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ପରେ ଟ୍ରାଇ ସଚିବ ଅତୁଲ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇ ଉପଭୋକ୍ତାକେନ୍ଦ୍ରିକ ନିୟମାବଳୀ ଓ ବିଶ୍ୱସ୍ତରୀୟ ସହଯୋଗିତା ଉପରେ ଗୁରୁତ୍ୱ ଦେଇଥିଲେ। ଟ୍ରାଇ ଅଧ୍ୟକ୍ଷ ଅନିଲ କୁମାର ଲାହୋଟି ଉଦ୍‌ଘାଟନୀ ଭାଷଣରେ ଭାରତର ଡିଜିଟାଲ ଅନ୍ତର୍ଭୁକ୍ତିର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ବିଶ୍ୱରେ ସବୁଠାରୁ ଦ୍ରୁତ ୫ଜି ରୋଲ୍‌ଆଉଟ୍, ୧୨୩ କୋଟିରୁ ଅଧିକ ଗ୍ରାହକ ଓ ୯୯% ୪ଜି କଭରେଜ୍ ସହ ଭାରତ ସୁଲଭ ଦରରେ ଉଚ୍ଚ ଡାଟା ବ୍ୟବହାରର ରେକର୍ଡକୁ ନିଜର କରିଛି। ଘର ଭିତରେ ହେଉଥିବା ଡାଟା ବ୍ୟବହାରକୁ ଦୃଷ୍ଟିରେ ରଖି ଇନ୍‌ଡୋର କନେକ୍ଟିଭିଟି ଓ ବିଲ୍ଡିଂଭିତ୍ତିକ କ୍ୟୁଏସ୍ ରେଟିଂ ଫ୍ରେମ୍‌ୱର୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡା. ପେମ୍ମାସାନି ଚନ୍ଦ୍ରଶେଖରଙ୍କ ଭିଡିଓ ବାର୍ତ୍ତାରେ ଟେଲିକମ୍ ଆଇନ ୨୦୨୩ ଅଧୀନରେ ସେବା ଗୁଣବତ୍ତା ମଜଭୁତ କରିବା ଉପରେ ସୂଚନା ଦେଇଥିଲେ। ଆଇଟିୟୁର ଟେଲିକମ୍ ଷ୍ଟାଣ୍ଡାର୍ଡାଇଜେଶନ ବ୍ୟୁରୋ ନିର୍ଦ୍ଦେଶକ ସେଇଜୋ ଓନୋଏ ମଧ୍ୟ ଭିଡିଓ ବାର୍ତ୍ତା ଦେଇ ସମଗ୍ର ବିଶ୍ୱରେ ଏକାଧିକ ମାନକ କ୍ୟୁ ଅଫ୍ ଏସ୍-କ୍ୟୁ ଅଫ୍ ଇ ଫ୍ରେମ୍‌ୱାର୍କର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

# ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟ କରିବ ମାରୁତି ସୁଜୁକି



ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ୧୩ଟି ଚାର୍ଜ ପଏଣ୍ଟ ଅପରେଟର୍ସ (ସିପିଓ) ଏବଂ ଏଗ୍ରିଗେଟରମାନଙ୍କ ସହିତ ସହଯୋଗର ଚୁକ୍ତିନାମା ସ୍ୱାକ୍ଷର ଘୋଷଣା କରିଛି। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ହିସାଶି ଟାକେଉଚି କହିଛନ୍ତି, ସୁଜୁକିର ବିଶ୍ୱ ଦୃଷ୍ଟିକୋଣ ସହ ସମନ୍ୱିତ ହୋଇ, ଆମେ ଏକାଧିକ ଇଭି ପ୍ରଚଳନ କରିବାକୁ ଯୋଜନା କରୁଛୁ ଏବଂ ଏହାକୁ ସମର୍ଥନ କରିବା ପାଇଁ, ଆମର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସାରା ଭାରତରେ ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟର ଏକ ନେଟ୍‌ୱର୍କ ସକ୍ରିୟ କରିବା। ସେ କହିଛନ୍ତି, ଆମେ ଆମର ବିକ୍ରୟ ଏବଂ ସେବା ନେଟ୍‌ୱର୍କରେ ୨୦୦୦ରୁ ଅଧିକ ମାରୁତି ସୁଜୁକି ସ୍ୱତନ୍ତ୍ର ଚାର୍ଜିଂ ପଏଣ୍ଟର ଏକ ଦୃଢ଼ ନେଟ୍‌ୱର୍କ ସ୍ଥାପନ କରିଛୁ, ଯାହା ୧୧୦୦ ରୁ ଅଧିକ ସହରରେ ବିସ୍ତାରିତ। ଏହା ବ୍ୟତୀତ ଆମେ ସାରା ଦେଶରେ ଏକ ବିଶାଳ ଚାର୍ଜିଂ ଭିତ୍ତିଭୂମିର ପ୍ରବେଶ ପ୍ରଦାନ କରିବା ପାଇଁ ୧୩ଟି ଚାର୍ଜ ପଏଣ୍ଟ ଅପରେଟରଙ୍କ ସହିତ ସହଯୋଗ କରିଛୁ। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ହିସାଶି ଟାକେଉଚି, ମାର୍କେଟିଂ ଏବଂ ସେଲ୍ସର ସିନିୟର ଏକ୍‌ଜିକ୍ୟୁଟିଭ ଅଫିସର ପାର୍ଥୋ ବାନାର୍ଜୀ ଓ ସିପିଓର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଏନ୍ଆର୍ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)




ଓଡ଼ିଶାର ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ସେବା କ୍ଷେତ୍ର ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ୧୩.୦୯% ଅବଦାନ ରଖେ, ଯାହା ୨୦୨୩-୨୪ ପାଇଁ ୧୦.୫୭% ହାରରେ ଅଭିବୃଦ୍ଧି ପାଇବାକୁ ଆକଳନ କରାଯାଇଥିବା ଦ୍ରୁତ ବିସ୍ତାରିତ ସେବା ଅର୍ଥନୀତିକୁ ସମର୍ଥନ କରୁଛି। ୨୦୨୫ରେ ଓଡ଼ିଶାର ଜିଏସ୍‌ଡିପି ୧୨୫.୩ ବିଲିୟନ ଡଲାର ଏବଂ ୪୮.୯ ନିୟୁତରୁ ଅଧିକ ଜନସଂଖ୍ୟା ସହ ରାଜ୍ୟରେ ବିଶେଷକରି ଭୁବନେଶ୍ୱର, କଟକ, ପୁରୀ ଏବଂ ରାଉରକେଲାରେ ନୂତନ ଯୁଗର ରେଷ୍ଟୁରାଣ୍ଟ, କ୍ଲାଉଡ୍ କିଚେନ୍, କାଫେ ଏବଂ ପର୍ଯ୍ୟଟନ-ସଂଯୁକ୍ତ ପ୍ରତିଷ୍ଠାନ ବୃଦ୍ଧି ପାଇଛି। ଭାରତୀୟ ରେଷ୍ଟୁରାଣ୍ଟ ଶିଳ୍ପର ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ନ୍ୟାଶନାଲ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ ଇଣ୍ଡିଆ (ଏନ୍ଆର୍ଏଆଇ) ପକ୍ଷରୁ ଭୁବନେଶ୍ୱରରେ ଏନ୍ଆର୍ଏଆଇ ଓଡ଼ିଶା ଚାପ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ ଅବସରରେ ଏପରି ମତ ପ୍ରକାଶ ପାଇଛି। ଏହି ଅବସରରେ ଏନ୍ଆର୍ଏଆଇ ଓଡ଼ିଶା, ଚାପ୍ଟର ହେଡ୍ ତଥା ବୋକା କାଫେ ସହ-ପ୍ରତିଷ୍ଠାତା ସମୀର ହଂସ କହିଛନ୍ତି, ଆଜି ଓଡ଼ିଶାରେ ପ୍ରାୟ ୮,୦୦୦ ପଞ୍ଜୀକୃତ ଏବଂ ଅଣ-ପଞ୍ଜୀକୃତ ରେଷ୍ଟୁରାଣ୍ଟ, କାଫେ, କ୍ଲାଉଡ୍ କିଚେନ୍ ଏବଂ ଏଫ୍ଆଣ୍ଡବି ପ୍ରତିଷ୍ଠାନ ରହିଛନ୍ତି। ଏହି ଚାପ୍ଟର ଆରମ୍ଭ ସହିତ, ଆମେ ଆଗାମୀ ୨ ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୧,୫୦୦କୁ ଏନ୍ଆର୍ଏଆଇ ଛତା ତଳକୁ ଆଣିବାକୁ ଲକ୍ଷ୍ୟ ରଖିଛୁ। ଏହା କେବଳ ଏକ ଚାପ୍ଟର ଆରମ୍ଭ ନୁହେଁ - ଏହା ଓଡ଼ିଶାର କର୍ଲିନାରି ସମ୍ପ୍ରଦାୟକୁ ଏକତ୍ର କରିବ। ଏନ୍ଆର୍ଏଆଇର ସଭାପତି ସାଗର ଜେ ଦରିଆନି କହିଛନ୍ତି, ମନ୍ଦିର ପ୍ରସାଦଠାରୁ ଆରମ୍ଭ କରି ଆଦିବାସୀ ସ୍ୱାଦ ଏବଂ ଅନନ୍ୟ ସାମୁଦ୍ରିକ ଖାଦ୍ୟ ପରମ୍ପରା ପର୍ଯ୍ୟନ୍ତ, ଓଡ଼ିଶାର ରାନ୍ଧଣା ସଂସ୍କୃତି ଭାରତର ସବୁଠାରୁ ସମୃଦ୍ଧ ରାନ୍ଧଣା ମଧ୍ୟରୁ ଗୋଟିଏ। ଏହି ଅବସରରେ ଏମ୍ପାସି କ୍ଲବ ଏବଂ ଅପ୍‌କମିଂ ରେଡିସନ ହୋଟେଲର ପ୍ରମୋଟର ପୁଣ୍ୟ ପ୍ରକାଶ ପରିଡ଼ା କହିଛନ୍ତି, ଆଗାମୀ ହୋଟେଲ ଏବଂ ଲିଜର ପ୍ରକଳ୍ପରେ ଆମର ଟ.୧,୦୦୦ କୋଟିରୁ ଅଧିକ ନିବେଶ ପ୍ରତିବଦ୍ଧତା ଓଡ଼ିଶାର ଅପାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଏ ବ୍ରେକ୍‌ର ସହପ୍ରତିଷ୍ଠାତା ଆଦିତ୍ୟ ଲାଡସରିଆ, ଡାଲମା ପ୍ରତିଷ୍ଠାତା ପୁଣ୍ୟ ପ୍ରକାଶ ପରିଡା ଏବଂ ଦେବୁ ପଟ୍ଟନାୟକ, ସତ୍ୟବ୍ରତ ସାନୁ ରାଠୋ ପ୍ରମୁଖ ଉପସ୍ଥିତ ଥିଲେ।

## ଫୋନ୍‌ପେ'ର ଇଣ୍ଡସ୍ ଆପ୍‌ଷ୍ଟୋର ସହ ସହଭାଗିତା

ଭୁବନେଶ୍ୱର,୪।୧୨

ଭାରତର ସ୍ୱଦେଶୀ ଆଣ୍ଡ୍ରଏଡ୍ ଆପ୍ ମାର୍କେଟପ୍ଲେସ୍, ଇଣ୍ଡସ୍ ଆପ୍‌ଷ୍ଟୋର ମୋଟୋରୋଲା ସହ ତା'ର ସହଭାଗିତା ବିଷୟରେ ଘୋଷଣା କରିଛି। ଏହି ସହଭାଗିତା ଫଳରେ ଭାରତରେ ମୋଟୋରୋଲା ଡିଭାଇସ୍‌ଗୁଡ଼ିକରେ ଇଣ୍ଡସ୍ ଆପଷ୍ଟୋର ଉପଲବ୍ଧ ହେବ। ଏହାଦ୍ୱାରା ଇଣ୍ଡସ୍ ଆପ୍‌ଷ୍ଟୋରର ୟୁଜରମାନଙ୍କ ସଂଖ୍ୟା ଆହୁରି ବଢ଼ିବ। ଏହି ପ୍ଲାଟ୍‌ଫର୍ମଟି ୧୨ଟି ଭାରତୀୟ ଭାଷା ଏବଂ ଇଂରାଜୀରେ ଅନୁଭୂତି ପ୍ରଦାନ କରିବ। ଭିଡିଓ ପ୍ରିଭ୍ୟୁଫିଚର ସହିତ ୟୁଜରମାନେ କୌଣସି ଆପ୍ ଡାଉନ୍‌ଲୋଡ୍ କରିବା ଆଗରୁ ତା'ର କାର୍ଯ୍ୟକାରିତାକୁ ଦେଖି ବୁଝିପାରିବେ। ଇଣ୍ଡସ୍ ଆପ୍‌ଷ୍ଟୋର ତା'ର ନିରପେକ୍ଷ ଆପ୍‌ଷ୍ଟୋର ନୀତି ମାଧ୍ୟମରେ ଭାରତରେ ଡେଭଲପର ତଥା ଆପ୍‌ଗୁଡ଼ିକ ପାଇଁ ଏକ ଅନୁକୂଳ ପରିବେଶ ତିଆରି କରିଛି। ଏହା ଆହୁରି ଅଧିକ ସଂଖ୍ୟକ ସ୍ଥାନୀୟ ଡେଭଲପରଙ୍କୁ ସଶକ୍ତ ତଥା ସକ୍ଷମ କରିବ ଏବଂ ଭାରତୀୟ ଡେଭଲପର ଇକୋସିଷ୍ଟମକୁ ସାରା ବିଶ୍ୱରେ ସଫଳ ହେବାରେ ସାହାଯ୍ୟ କରିବ।

# ବରପାଲି ରେଳ ଷ୍ଟେଶନର ନବୀକରଣ

## ଅମୃତ ଭାରତ ଷ୍ଟେଶନ ଯୋଜନା

ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)




ଅମୃତ ଭାରତ ଷ୍ଟେଶନ ଯୋଜନାରେ ବରଗଡ଼ ବରପାଲି ରେଳ ଷ୍ଟେଶନର ନବୀକରଣ କରାଯାଇଛି। ୨୨.୨୮ କୋଟି ଟଙ୍କା ବ୍ୟୟରେ ବରପାଲି ଷ୍ଟେଶନ ଏବେ ଆଧୁନିକ ରେଳ ସ୍ଥାପତ୍ୟର ଏକ ମଡେଲ ଭାବରେ ଠିଆ ହୋଇଛି ଯାହା ଉନ୍ନତ ସୁଗମତା, ବର୍ଦ୍ଧିତ ସୁରକ୍ଷା, ସମୃଦ୍ଧ ସାଂସ୍କୃତିକ ସୌନ୍ଦର୍ଯ୍ୟ ଏବଂ ଉନ୍ନତ ଯାତ୍ରୀ ସୁବିଧା ଉପଲବ୍ଧ ହେଉଛି। ଉନ୍ନତ ସଂଯୋଗୀକରଣ ଦ୍ୱାରା ବରଗଡ ଜିଲା ଏବଂ ଆଖପାଖ ସହରଗୁଡ଼ିକର ଦୈନିକ ଯାତ୍ରୀ, ଛାତ୍ରୀଛାତ୍ର, ବ୍ୟବସାୟୀ ଏବଂ କୃଷକମାନଙ୍କୁ ସହାୟତା ମିଳିବ। ଉନ୍ନତ ଷ୍ଟେଶନ ଭିତ୍ତିଭୂମି ସ୍ଥାନୀୟ ବ୍ୟବସାୟ, ଓଏସ୍‌ଓପି (ୱାନ ଷ୍ଟେଶନ ୱାନ ପ୍ରଡକ୍ଟ) ବିକ୍ରେତା ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ। ଉନ୍ନତ ସୁବିଧାଗୁଡ଼ିକ ଜିଲାର ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବ, ବସ୍ତ୍ରର ଦ୍ରୁତ ପରିବହନ ସୁନିଶ୍ଚିତ କରିବ ଏବଂ ବୁଣାକାରମାନଙ୍କ ପାଇଁ ବଜାର ପ୍ରବେଶ ବିସ୍ତାର କରିବ। ଉନ୍ନତ ସୁବିଧା ଏବଂ ସୁରକ୍ଷା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ଏହି ଅଞ୍ଚଳର ଗ୍ରାମୀଣ ସମ୍ପ୍ରଦାୟକୁ ଲାଭାନ୍ୱିତ କରିବ। ନୂଆରୂପ ନେଇଥିବା ଏହି ଷ୍ଟେଶନରେ ପରିଚାଳନା କ୍ଷେତ୍ର, ଜଳପାନ କକ୍ଷ, ଆଧୁନିକ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପ୍ରତୀକ୍ଷାଳୟ, ପାର୍ସଲ ରୁମ, ପାର୍କିଂ କ୍ଷେତ୍ର, ଦିବ୍ୟାଙ୍ଗଜନ ଅନୁକୂଳ ଶୌଚାଳୟ, ୬୦୩ ବର୍ଗମିଟର ଷ୍ଟେଶନ ଭବନର ସମ୍ପ୍ରସାରଣ ଏବଂ ୨୪୩ ବର୍ଗମିଟରର ଉନ୍ନତୀକରଣ, ଉନ୍ନତ ସାଇନେଜ୍ ଏବଂ ପଥ ଅନୁସନ୍ଧାନ ପ୍ରଣାଳୀ, ସମ୍ପୂର୍ଣ୍ଣ ଭାବେ ଉନ୍ନତିକୃତ ଷ୍ଟେଶନ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ନିରାପଦ ଏବଂ ପ୍ରତିବନ୍ଧକ ମୁକ୍ତ ଗତିବିଧି ସୁନିଶ୍ଚିତ କରିବା ପାଇଁ ୧୨ ମିଟର ପ୍ରସ୍ଥ ଫୁଟ ଓଭର ବ୍ରିଜ୍ ନିର୍ମାଣ କରାଯାଇଛି। ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟତା କରିବା ପାଇଁ ଡବଲ ହ୍ୟାଣ୍ଡରେଲ ସହିତ ନୂତନ ଭାବରେ ଡିଜାଇନ କରାଯାଇଥିବା ରାମ୍ପ ସୁରକ୍ଷିତ ଗତିବିଧି ପାଇଁ ଉନ୍ନତ ଆଲୋକ ଏବଂ ପରିଷ୍କାର ଫୁଟ୍‌ପାଥ୍ ରହିଛି। ଏହା ସହ ୨୫ଟି ପ୍ଲାଟଫର୍ମ ସେଲଟର ବେ, ଭୂଦୃଶ୍ୟ ବୈଶିଷ୍ଟ୍ୟ ସହିତ ଏକ ୧୨୦୦ ବର୍ଗମିଟର ପରିବ୍ୟାପ୍ତ ପ୍ଲାଟ୍‌ଫର୍ମ ପୃଷ୍ଠ, କୋଚ ଇଣ୍ଡିକେଶନ ବୋର୍ଡ ଏବଂ ଟ୍ରେନ ଇଣ୍ଡିକେଶନ ବୋର୍ଡ ସ୍ଥାପନ, ବର୍ଦ୍ଧିତ ସୁରକ୍ଷା ପାଇଁ ଆଧୁନିକ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ନୂତନ ଆସବାବପତ୍ର ଏବଂ ଉନ୍ନତ ସାର୍ବଜନୀନ ଉପଯୋଗୀ ସ୍ଥାନ। ସ୍ଥାନୀୟ ହସ୍ତଶିଳ୍ପ ଏବଂ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରୁଥିବା ଉତ୍ସର୍ଗୀକୃତ ୱାନ ଷ୍ଟେଶନ ୱାନ୍ ପ୍ରଡକ୍ଟ ଷ୍ଟଲ ରହିଛି।


# Classified Everyday

**0674-2580101, 9692975378**




REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. ଧ-୧୪

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735




The massage felt totally professional! & comfortable at all times-7978109255. D-221



BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact-9776635982. D-2711

AFFIDAVIT

By virtue of an affidavit sworn before the Executive Magistrate, Subdega, No.- 2517, Dtd.- 25.11.2025, I, KANTA BECK, W/o.- SAROJ BECK, R/o. AT/P.O.- Simdega, P.S.- Talsara, Dist.- Sundargarh, Odisha declare that BENEDIKTA BECK and KANTA BECK is one and same person, who is myself. And DARSANA BECK and ANUSHKA BECK is one and same person, who is my daughter. D-2762

By virtue of an affidavit sworn before the Executive Magistrate, Boudh, No.1595, date 25.11.25, I, Jhumi Bagha, W/o. Manmath Bagha, R/o. Village/P.O.- Bandhapathar, P.S./ Dist.- Boudh, Odisha, PIN- 762026, declare that I have changed the name of my daughter from JYOTSHNARANI BAGHA to JYOTSNA RANI BAGHA. Henceforth, she shall be known as JYOTSNA RANI BAGHA for all purposes.
Jhumi Bagha
D-2763

By an affidavit sworn before Executive Magistrate, Bhubaneswar, on Dtd. 05.07.2025, I, Shefali Das, W/o.- Dhiren Shankar Das, At- Batagram, P.O.- Batagramghat, P.S.- Bhograi, Dist.- Baleswar, 756036, declare that I have changed my name from Sefali Das to Shefali Das. Henceforth, I shall be known as Shefali Das for all purposes. D-2759

By an affidavit sworn before Executive Magistrate, Bhubaneswar, on Dtd. 05.07.2025, I, Prachurya Das, D/o.- Dhiren Shankar Das, At- Batagram, P.O.- Batagramghat, P.S.- Bhograi, Dist.- Baleswar, 756036, declare that I have changed my mother's name from Sefali Das to Shefali Das. Henceforth, she will be known as Shefali Das for all purposes. D-2760

I, KABITA RANI DEY, D/o. Bhajahari Pal, W/o. Anil Kumar Dey resident of At/P.O.- Ambliatha, P.S.- Jaleswar, Dist.- Balasore solemnly affirm that I have changed my name from Kabita Dey to Kabita Rani Dey. That Kabita Dey and Kabita Rani Dey is one and same person, who is myself. Henceforth, I shall be known as Kabita Rani Dey for all purpose.
D-2761

By virtue of an affidavit sworn before the Executive Magistrate, Bargaon, No.- 1088, Dtd.- 27.11.25, I, DINABANDHU TOPNO, S/o.- Ramesh Topno, R/o. Village- Jamarla, P.S.- Bargaon, Dist.- Sundargarh, (Odisha), PIN- 770016 declare that, I have changed my name from DINESH TOPNO to DINABANDHU TOPNO. Henceforth, I shall be known as DINABANDHU TOPNO for all purposes.
DINABANDHU TOPNO
D-2766

HAPPY BIRTHDAY





## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.- ୨, ଡା. ଆଶୁତୋଷ କୁମାର ସାମଲ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍ ମୋକଦ୍ଦମା ନଂ.- ୨୪୩/୨୦୨୩

ନୋଟିସ

(ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ- ୫, ନିୟମ ନଂ- ୨୦ ମୁତାବକ)

ଶ୍ରୀ କେଦାରନାଥ ସାହୁ ........ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଏବଂ ଓଗେର .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ- ୧୨(ଗ) (iv): ଜ୍ୟୋସ୍ନାମୟୀ ଜେନା, ପିତା-୰ ମାନ ଦଳେଇ, ସ୍ୱାମୀ- ଗୋବିନ୍ଦ ଜେନା, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫। ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ଉକ୍ତ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୦୫.୧୨.୨୦୨୫ରିଖ, ଦିବା ୧୧.୩୦ ଘଟିକା ସମୟରେ କରାଯିବ।

**ଜମିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା (ନଂ- ୪୪), ମୌଜା- ଅନ୍ଧାରୁଆ, ସାବକ ଖାତା ନଂ- ୬୨୧/୫୧୭ (ସ୍ଥିତିବାନ), ପ୍ଲଟ୍ ନଂ.- ୨୦୫୯, ଏହାର ସବ୍ ପ୍ଲଟ୍ ନଂ.- ୬୦, ବିକ୍ରୟ ଦଲିଲ୍‌ର ସଂଯୁକ୍ତ ନକ୍ସା ମୁତାବକ ରକବା- ଏ୨.୩୬୫ ଡି ମଧ୍ୟରୁ ଏ୦.୬୦୦ ଡି ସ୍ଥ ଏ୦.୦୬୦ଡି। ଏହାର ଦାଖଲ କେ- ଫର୍ମ ହୋଲଣ୍ଡି ଖାତା ନଂ.- ୬୨୧/୧୦୬୨, ପ୍ଲଟ୍ ନଂ- ୨୦୫୯/୫୨୨୦, ରକବା ଏ୦.୦୬୦ଡି। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ.- ୩୩୩(ସ୍ଥିତିବାନ), ପ୍ଲଟ୍ ନଂ.- ୪୯୨୯ (ପୁରା), ରକବା- ଏ୦.୦୬୦ଡି।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୧୯.୧୧.୨୦୨୫ — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା/- କୋର୍ଟ ଅଫିସର
D-2764


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଶୀ ବନ୍ଧୁକ କାରଖାନା ଠାବ, ଜଣେ ଗିରଫ

ଫୁଲବାଣୀ,୪।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତର ପାଙ୍ଗାପାଲୁ ଗ୍ରାମରେ ପୋଲିସ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। ସେଠାରୁ ୩ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ ସହିତ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଏହି ଘଟଣାରେ କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଲୁ ଗ୍ରାମର ବାଞ୍ଛାନିଧି ବିଶ୍ୱାଳଙ୍କୁ ଗିରଫ କରାଯାଇଥିବା ଗୁରୁବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିସି ପ୍ରକାଶ କରିଛନ୍ତି। ବୁଧବାର ସକାଳେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କଟ୍ରିଙ୍ଗିଆ ପଞ୍ଚାୟତ ଅଞ୍ଚଳରେ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲିଥିବା ନେଇ ଖବର ମିଳିଥିଲା। ସୂଚନା ଆଧାରରେ ଏସ୍‌ଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବାଞ୍ଛାନିଧିଙ୍କ ଘରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହ ବାଞ୍ଛାନିଧିଙ୍କୁ ଗିରଫ କରାଯାଇଥିଲା। ବାଞ୍ଛାନିଧି ଅନେକ ଦିନ ଧରି ଏଭଳି ବନ୍ଧୁକ ତିଆରି କରି ନିକଟସ୍ଥ ଅଞ୍ଚଳରେ ବିକ୍ରି କରୁଥିଲେ। ଏହି ବନ୍ଧୁକ ସାଧାରଣତଃ ଶିକାର ପାଇଁ ବ୍ୟବହାର କରା ଯାଉଥିଲା। ବାଞ୍ଛାନିଧିଙ୍କ ନାମରେ ପୂର୍ବରୁ ମଧ୍ୟ ଗୋଚ୍ଛାପଡ଼ା ଥାନାରେ ଏଭଳି ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏ ନେଇ ନଂ. ୨୫୧/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି।


ଜବତ ବନ୍ଧୁକ ସହ ତିଆରି ପାଇଁ ବିଭିନ୍ନ ସାମଗ୍ରୀ।

# ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ

ମାଲକାନଗିରି, ୪।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଜବତ କରିଛି। ମୃତା ହେଲେ ରାଖେଲଗୁଡା ଗ୍ରାମର ସ୍ୱର୍ଗତ ମୁକା ପଡ଼ିଆମୀଙ୍କ ସ୍ତ୍ରୀ ଲାକେ ପଡ଼ିଆମୀ (୫୦)। ମହିଳାଙ୍କ ମୁଣ୍ଡ କାଟି ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମଧ୍ୟ ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ହୋଇଥାଇପାରେ ବୋଲି କହିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରାଖେଲଗୁଡା ଗ୍ରାମର ଲାକେ ଗତ ୨ ଦିନ ହେଲା ନିଖୋଜ ଥିଲେ। ଏ ନେଇ ତାଙ୍କ ପୁଅ ରବି ପଡ଼ିଆମୀ ସଦର କୋରୁକୋଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ପରିବାରବର୍ଗ ବହୁସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ପୋଟେରୁ ନଦୀରେ ଏକ ମୁଣ୍ଡବିହୀନ ମହିଳାଙ୍କର ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଖବରପାଇ ମୃତ ମହିଳାଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କୋରୁକୋଣ୍ଡା ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କଣ୍ଟାବାଞ୍ଜି ବିଧାୟକଙ୍କୁ ହତ୍ୟା ଧମକ

କଣ୍ଟାବାଞ୍ଜି/ଟିଟିଲାଗଡ଼/ବଲାଙ୍ଗୀର, ୪।୧୨ (ଗୁରୁପ୍ରସାଦ ହଂସ/ଶରତ ମିଶ୍ର/ବୀରେନ୍ଦ୍ର କୁମାର ଖାଙ୍କର)


ଜିଆର୍‌ପି ଥାନା ପରିସରରେ ବିଧାୟକଙ୍କ ସହ ଯୁକ୍ତି କରୁଛନ୍ତି କାଉନ୍‌ସିଲର।

■ ଦାଦନ ଶ୍ରମିକ ଚାଲାଣ ହେଉଥିବା ନେଇ ହସ୍ତକ୍ଷେପ ପରେ ମୁହାଁମୁହିଁ
■ କାଉନ୍‌ସିଲର ଇମ୍ରାନ୍‌ଙ୍କ ବିରୋଧରେ ଏଫଆଇଆର ଦେଲେ ବିଧାୟକ
■ ବିଧାୟକଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଲେ ଇମ୍ରାନ୍

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳଷ୍ଟେଶନରେ ବୁଧବାର ରାତିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ଟିଟିଲାଗଡ଼ ଏନ୍‌ଏସି ୱାର୍ଡ ନମ୍ବର ୧୧ର ବିଜେଡି କାଉନ୍‌ସିଲର ମହମ୍ମଦ ଇମ୍ରାନ ଖାନ ଓରଫ ବଣ୍ଟି ମୁହାଁମୁହିଁ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦାଦନ ଯାଉଥିବା ମହିଳାପୁରୁଷଙ୍କୁ ରେଳ ଷ୍ଟେଶନ ପ୍ଲାଟଫର୍ମରେ ଦେଖି ପଚରାଉଚରା କରୁଥିବାବେଳେ କାଉନ୍‌ସିଲର ଏବଂ ତାଙ୍କ ସହଯୋଗୀ ବିଧାୟକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବିଧାୟକ ବାଗ୍ ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି କାଉନ୍‌ସିଲର ଇମ୍ରାନ୍ ମଧ୍ୟ ବିଧାୟକଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିବା ଜଣାପଡ଼ିଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରୁଛି। ବିଧାୟକ ବାଗ ଅଭିଯୋଗ କରିଛନ୍ତି, ବୁଧବାର ରାତିରେ ସେ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ଜଣେ ବନ୍ଧୁଙ୍କୁ ଭେଟିବା ସହ ଗାଡ଼ିକୁ ଦେବା ପାଇଁ ଆସିଥିଲେ। ଏହି ସମୟରେ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୨ରେ ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଏବଂ ଶିଶୁ ଥିଲେ। ସେମାନଙ୍କୁ ବିଧାୟକ ବାଗ କୁଆଡ଼େ ଯାଉଛନ୍ତି ବୋଲି ପଚାରିବାରୁ ସେମାନେ ହାଇଦ୍ରାବାଦ ଓ ବିଜୟୱାଡା ଯିବେ ବୋଲି କହିଥିଲେ। ଏନେଇ ବିଧାୟକ ଜିଆର୍‌ପି ଏବଂ କଣ୍ଟାବାଞ୍ଜି ଥାନାକୁ ଖବର ଦେଇ ସେହି ୫୦ ଜଣ ଦାଦନ ଶ୍ରମିକ କି ନୁହେଁ ସେମାନଙ୍କୁ କିଏ ନେଇ କରି ଯାଉଛି ପଚାରିବାକୁ କହିଥିଲେ। ଏପରି କି ଷ୍ଟେଶନରେ ଦାଦନଙ୍କୁ ରୋକିବା ପାଇଁ ଗଠିତ ଟାସ୍କଫୋର୍ସ କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିଥିଲେ। ଏତିକି ବେଳେ କାଉନ୍‌ସିଲର ବଣ୍ଟି ଏବଂ ତାଙ୍କର ୬ ଜଣ ସହଯୋଗୀ ବିଧାୟକଙ୍କ ପାଖକୁ ଦୌଡ଼ି ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବିଧାୟକ ବାଗ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ଟିଟିଲାଗଡ଼ ଜିଆର୍‌ପି ଥାନାରେ ବଣ୍ଟିଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବଣ୍ଟି ବିଧାୟକ ବାଗଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଜିଆର୍‌ପି ଫାଣ୍ଡି ଭିତରେ ବିଧାୟକଙ୍କ ସହ ବଣ୍ଟିଙ୍କ ଯୁକ୍ତିତର୍କ ଭିଡିଓ ଭାଇରାଲ ହେବାପରେ ଏହି ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

# ଫୁଲବାଣୀ ସଦର ଥାନାଧିକାରୀ ନିଲମ୍ବିତ


ଗିରଫ ଅଭିଯୁକ୍ତ।

ଫୁଲବାଣୀ, ୪।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନାଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କୁ ରାଜ୍ୟ ଗୃହ ବିଭାଗ ନିଲମ୍ବନ କରିଛି। ତାଙ୍କ ନାମରେ ଗୁରୁତର ଅଭିଯୋଗ ଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବର୍ତ୍ତମାନ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ ଅଧୀନରେ କାର୍ଯ୍ୟ କରିବେ। ନିକଟରେ ସତୀଶ ଇନ୍ସପେକ୍ଟରରୁ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଥିଲେ। ମିଳିଥିବା ସୂଚନା ଅନୁସାରେ ସଦର ଥାନା ପୋଲିସ ୬ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେଥିରୁ ୨ କୁଇଣ୍ଟାଲର ହିସାବ ମିଳୁନାହିଁ। ସତୀଶ ଏହି କାର୍ଯ୍ୟରେ ଲିପ୍ତଥିବା ନେଇ ଜଣାପଡିବା ପରେ ତାଙ୍କ ନାମରେ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ସେହି ଅନୁସାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ନିଆଁରେ ପୋଡ଼ିହୋଇ ବୃଦ୍ଧା ଗୁରୁତର

## ଜାଳିଦେଇଥିବା ସନ୍ଦେହରେ ପୁଅ ଥାନାରେ ଅଟକ

ଟିହିଡ଼ି,୪।୧୨ (ସଞ୍ଜିତ ବଳ)

ଭଦ୍ରକ ଜିଲା ଟିହିଡ଼ି ଥାନା ଅଧୀନ କିଲଣ୍ଡା ପଞ୍ଚାୟତର ଗଙ୍ଗାଡ଼ପୁର ଗ୍ରାମରେ ଗୁରୁବାର ସକାଳ ୮ଟା ବେଳେ ନିଆଁରେ ପୋଡ଼ିହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଜ୍ୟୋସ୍ନାରାଣୀ ନାୟକ(୬୫)। ଟଙ୍କା ନ ଦେବାରୁ ମା' ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସନ୍ଦେହରେ ଜ୍ୟୋସ୍ନାରାଣୀଙ୍କ ପୁଅଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

ପଡ଼ୋଶୀଙ୍କ କହିବା ଅନୁଯାୟୀ, ସକାଳେ ଜ୍ୟୋସ୍ନାରାଣୀଙ୍କୁ ତାଙ୍କ ପୁଅ ଟଙ୍କା ମାଗିଥିଲେ। ହେଲେ ପୁଅ ମଦ ପିଇବ ଜାଣି ସେ ଟଙ୍କା ଦେଇ ନ ଥିଲେ। କିଛିସମୟ ପରେ ହଠାତ୍ ଜ୍ୟୋସ୍ନାରାଣୀଙ୍କ ଚିତ୍କାର ସେମାନେ ଶୁଣିଥିଲେ। ସେମାନେ ତାଙ୍କ ଘର ପାଖକୁ ଆସି କବାଟ ଆଉଜା ହୋଇଥିବା ବେଳେ ଭିତରେ ନିଆଁରେ ଜ୍ୟୋସ୍ନାରାଣୀ ଜଳୁଥିବା ଦେଖିବାକୁ ପାଇଥିଲେ। ପଡ଼ୋଶୀ ମହିଳାଙ୍କ ଦେହରୁ ନିଆଁ ଲିଭାଇବା ସହ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜ୍ୟୋସ୍ନାରାଣୀଙ୍କ ଶରୀରର ୭୦ଭାଗରୁ ଊର୍ଦ୍ଧ୍ୱ ପୋଡ଼ିଯାଇଛି। ଖବରପାଇ ଟିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଏପରି ଘଟିଥିବାବେଳେ ଟଙ୍କାଦେଇ ନ ଥିବାରୁ ଜ୍ୟୋସ୍ନାରାଣୀଙ୍କ ଦେହରେ ତାଙ୍କ ପୁଅ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଅପରପକ୍ଷେ ମା' ଦେହରେ ନିଆଁ ଲାଗିଥିବା ସମୟରେ ସେ ଘରେ ଅନୁପସ୍ଥିତ ଥିଲେ ବୋଲି ଜ୍ୟୋସ୍ନାରାଣୀଙ୍କ ପୁଅ ପ୍ରକାଶ କରିଥିବା ଆଇଆଇସି ଗ୍ରହାଚାର୍ଯ୍ୟ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଦେଢ଼ଶ୍ୱଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂ ମୃତ

## ଘରୋଇ କଳିର କରୁଣ ପରିଣତି

ଢେଙ୍କିକୋଟ/ଘଟଗାଁ,୪।୧୨
(ନୀଳମଣି ମଣ୍ଡଳ/
ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବଡ଼ଜାମପଶି ପଞ୍ଚାୟତ ବାଇଗଣପାଳ ଗ୍ରାମରେ ଘରୋଇ କଳିର କରୁଣ ପରିଣତି ଦେଖିବାକୁ ମିଳିଛି। ଘରୋଇ କଳିରୁ ଦେଢ଼ଶ୍ୱଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଗ୍ରାମର ହୃଷୀକେଶ ମହାକୁଡ଼ଙ୍କ ସ୍ତ୍ରୀ ନିରୁପମା ମହାକୁଡ଼(୩୫)। ପୋଲିସ ଅଭିଯୁକ୍ତ ଦେଢ଼ଶ୍ୱଶୁର ଶୈଳ ମହାକୁଡ଼(୪୫)ଙ୍କୁ ଗିରଫକରି ତଦନ୍ତ କରୁଛି। ପ୍ରକାଶ ଯେ, ଜମିବାଡ଼ି ଓ ଚଲାରାସ୍ତାକୁ ନେଇ ୨ଭାଇଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ଶୈଳ କାମରୁ ଫେରି ଘରକୁ ଯିବା ରାସ୍ତା କବାଟ ବନ୍ଦ ଥିବା ଦେଖିଥିଲେ। ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ଘରେ ଥିବା ସାନ ଭାଇବୋହୂଙ୍କୁ ଅତର୍କିତ ଭାବେ ହାଣିଥିଲେ। ନିରୁପମାଙ୍କ ମୁଣ୍ଡରେ ଚୋଟ ବାଜିଥିବା ବେଳେ ସେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ତଳେ ପଡ଼ିଯିବା ପରେ ତାଙ୍କୁ ପୁଣି ଆକ୍ରମଣ କରି ହତ୍ୟା କରିଥିଲେ। ଖବର ପାଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ସଦଳବଳ ପହଞ୍ଚି ଅଭିଯୁକ୍ତ ଦେଢ଼ଶ୍ୱଶୁରଙ୍କୁ ଗିରଫ କରିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୫୬୯/୨୫) ରୁଜୁ ହୋଇଛି।

# ଥାନା ପରିସରରେ ସାଙ୍ଗଙ୍କୁ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ

## ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ

ପାରାଦୀପ, ୪।୧୨(ଶରତ ରାଉତ)

ଜଣେ ନିଶାସକ୍ତ ଯୁବକଙ୍କୁ ପୋଲିସ ପାଖରୁ ଉଦ୍ଧାର କରିବା ପାଇଁ ଆସିଥିବା ଦୁଇ ଜଣ ସାଙ୍ଗ ତାଙ୍କୁ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ କରିଛନ୍ତି। ପାରାଦୀପର ଅନ୍ୟତମ ପର୍ଯ୍ୟଟନ ସ୍ଥାନ ନେହେରୁ ବଙ୍ଗଳାସ୍ଥିତ ମେରାଇନ ଥାନା ପରିସରରେ ବୁଧବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମେରାଇନ ପୋଲିସ ଉଭୟ ସାଙ୍ଗଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୬୫ /୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୂର୍ବତନ କାଉନ୍‌ସିଲର ଥିବା ଜଣାପଡ଼ିଛି।

ବୁଧବାର ସନ୍ଧ୍ୟାରେ ମେରାଇନ ପୋଲିସ ନେହେରୁ ବଙ୍ଗଳା ପର୍ଯ୍ୟଟନ ସ୍ଥାନ ପଥରବନ୍ଧ ସଂଯୋଗ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ତାରିଣୀଗଡା ଅଞ୍ଚଳର ଯୁବକ ଶୁଭେନ୍ଦୁ କୁମାର ପରିଡା ନିଶାସକ୍ତ ଭାବେ ଗାଡ଼ି ଚଲାଉଥିବା ବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ପୋଲିସ ମଦ ମାପକ ଯନ୍ତ୍ର ଜରିଆରେ ପରୀକ୍ଷା କରିବା ପରେ ତାଙ୍କୁ ଥାନାକୁ ନେଇଥିଲେ। ଖବରପାଇ ତାଙ୍କୁ ଥାନାରୁ ବାହାର କରିବା ପାଇଁ ଦୁଇ ଜଣ ସାଙ୍ଗ ପୂର୍ବତନ କାଉନ୍‌ସିଲର ନରେଶ ବିଶ୍ୱାଳ ଓ ଅଭିମନ୍ୟୁ ପଡ଼ିହାରୀ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଶୁଭେନ୍ଦୁଙ୍କ ଚାଲାଣ କଟା ସରିଛି। କିଛି ସମୟ ପରେ ନୋଟିସ ଦିଆଯାଇ ଛଡ଼ାଯିବ ବୋଲି କୁହାଯାଇଥିଲା। ଏଥିରେ ନରେଶ ଓ ଅଭିମନ୍ୟୁ ରାଗିଯାଇ ଥାନାରୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଏକ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଧରି ଉଭୟ ଅଭିଯୁକ୍ତ ଥାନାରେ ପହଞ୍ଚି ପୋଲିସକୁ ଧମକ ଦେଇଥିଲେ। ଶୁଭେନ୍ଦୁଙ୍କୁ ନ ଛାଡ଼ିଲେ ବାଇକ୍ ସହ ତାଙ୍କୁ ପୋଡ଼ିଦେବାକୁ କହି ଧମକ ଦେବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ଜାଳି ଦେବାକୁ ଉଦ୍ୟମ କରିଥିଲେ। ପୋଲିସ ତୁରନ୍ତ ନରେଶ ଓ ଅଭିମନ୍ୟୁଙ୍କୁ କାବୁ କରି ନେବାରୁ ଏକ ବଡ଼ ବିପଦ ଟଳିଯାଇଥିଲା। ପରେ ଶୁଭେନ୍ଦୁଙ୍କୁ ପୋଲିସ ଛାଡି ଦେଇଥିବାବେଳେ ତାଙ୍କ ୨ ସାଙ୍ଗଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଥାନାଧିକାରିଣୀ ବବିତା ଦେହୁରୀ କହିଛନ୍ତି।

# ବିଳମ୍ବିତ ରାତିରେ ଧରାପଡ଼ିଲେ ୪ ଡକାୟତ

ଭୁବନେଶ୍ୱର,୪।୧୨
(ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ପୋଲିସ ହାତରେ ୪ ଜଣ ଡକାୟତ ଧରାପଡ଼ିଛନ୍ତି। ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଯୋଜନାବେଳେ ପୋଲିସ ପଟିଆ ଅଞ୍ଚଳରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଥାନା ଦାରୁଠେଙ୍ଗ ଗ୍ରାମର ବୁଦ୍ଧଦେବ ବାରିକ , ମଞ୍ଚେଶ୍ୱର ଥାନା ଇଞ୍ଜଣା ଗାଁର ଲକି ସୋରେନ୍, ଇନ୍‌ଫୋସିଟି ଥାନା ଶିଖରଚଣ୍ଡୀ ନଗରର ସାଗର ବିଶୋଇ ଓ ଶୈଳେଶ୍ରୀ ବିହାର ଅଞ୍ଚଳର କରୁଣାକର ଦିଗଲ। ସେମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ କଟୁରୀ, ଲଙ୍କା ପାଉଡର, ଗୋଟିଏ ସ୍କୁଟି, ମଦ ବୋତଲ ଆଦି ଜବତ କରିଛି। ଗୁରୁବାର ୪ଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ ୨ଜଣ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଇ ଖସିପଳାଇଥିବା ବେଳେ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ବୁଧବାର-ଗୁରୁବାର ରାତି ପ୍ରାୟ ରାତି ପ୍ରାୟ ୩ଟା ୩୦ ବେଳେ ୬ଜଣ ଅଭିଯୁକ୍ତ ମାରଣାସ୍ତ୍ର ଧରି ପଟିଆ ବରାଦେଇ ମନ୍ଦିର ନିକଟସ୍ଥ ଏକ ଖୋଲା ପଡ଼ିଆରେ ଏକତ୍ରିତ ହୋଇ ଡକାୟତି କରିବାକୁ ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିବାରେ ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରି ଦୌଡ଼ିଥିଲେ। ପୋଲିସ ଘେରିଯାଇ ୪ଜଣଙ୍କୁ କାବୁ କରିଥିବାବେଳେ ଗୋଟିଏ ବାଇକରେ ଦୁଇଜଣ ପଳାଇଯାଇଥିଲେ।


## OFFICE OF THE MANAGING DIRECTOR, WATCO

Ground Floor, Unnati Bhawan, H.B. Colony
Satyanagar, Bhubaneswar - 751007, Odisha, India
WATCO Telefax: +91-674-2571444, E-mail: mdwatcoodisha@gmail.com

No.C-1585 **INVITATION FOR BIDS (IFB)**
Bid Identification No. WATCO (W) - 26/2025-26 Dtd.25.11.2025
WATCO No. 8931 / Date: 25.11.2025

1. Name of the Work : **1.** Construction of Internal house sewer connection and interlinking with inspection chamber in different zones of sewerage system, Cuttack. **2.** Upgradation of old W.T.P. (3 MLD), intake well with mechanical arrangement under WATCO section, Rairangpur in Mayurbhanj district. **3.** Laying of Distribution water supply pipe line in newly developed areas to Zone No. 08 under Vyasanagar Municipality, Jajpur Road. **4.** Provision for procurement & installation of DG sets for 43 MLD intake well and WTP at Panposh in connection with 24*7 DFT water supply to Rourkela town. **5.** Improvement W/S system to different area of Zone 1 to Zone 7 under Vyasanagar Municipality, Jajpur Road. **6.** Laying of distribution pipe line in newly developed area to zone 09 to 10 for 24*7 W/S to Vyasanagar Municipality, Jajpur Road.
2. Estimated Cost : Rs.140.37 Lakh to Rs.323.48 Lakh
3. Period of Completion : 03 (Three) Months to 12 (Twelve) Months
4. Date & time of availability of bid document in the portal : From 5.00 P.M. of Dt.05.12.2025 to 5.00 P.M. of 20.12.2025
5. Last date/time of receipt of bids in the portal : 5.00 P.M. of 20.12.2025
6. Date & time of Opening of technical bids : 12.30 P.M. of 23.12.2025
7. Name and address of the Officer Inviting Bid : MD, WATCO, Telefax: 0674-2571444 E-Mail: **mdwatcoodisha@gmail.com**
8. The bidders have to participate in ONLINE bidding only.

Further details can be seen from the website **www.tendersodisha.gov.in**
OIPR-13263/11/0021/2526 Sd./- (Managing Director) WATCO



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-126 **ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଅଛି କି ଯେ ଏହି ସହୋଦର ଦୁଇ ଶିଶୁ କନ୍ୟା ଅବହେଳିତ ଥିବାର ଖବର ପାଇ କଟକ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପଦାଧିକାରୀଙ୍କ ଦ୍ୱାରା ଏହି ଦୁଇ ଭଉଣୀଙ୍କୁ ତାଙ୍କର ରହିବା ସ୍ଥାନ (ଡବରା ସାହି, ଖୁଣ୍ଟୁଣୀ, କଟକ) ରୁ ତା.୨୩.୦୩.୨୦୨୪ ରିଖରେ ଉଦ୍ଧାର କରାଯାଇଥିଲା । ସେହି ସମୟରେ ତାଙ୍କ ବାପା ମା'ଙ୍କର କୌଣସି ଖୋଜଖବର ନଥିଲା । କଟକ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ.୧୨୬/୨୦୨୪ ଓ ୧୨୭/୨୦୨୪ ଅନୁଯାୟୀ ଏହି ଶିଶୁ କନ୍ୟା ଦୁଇଜଣଙ୍କୁ ପାଗାସ୍ଥିତ CCI KGNM Trustରେ ସେମାନଙ୍କ ସୁରକ୍ଷା ଯତ୍ନ ନିମନ୍ତେ ରଖାଯାଇଛି । ଏହି ଶିଶୁକନ୍ୟାଙ୍କର ନାମ ତୁଳସୀ ପ୍ରଧାନ ଓ ମାମିନା ପ୍ରଧାନ ଅଟେ । ସେମାନଙ୍କ ବାପାଙ୍କ ନାମ ଶରତ ପ୍ରଧାନ ଓ ମା'ଙ୍କର ନାମ ଗିନି ପ୍ରଧାନ ଅଟେ । ଏହି ଦୁଇ ଶିଶୁକନ୍ୟା ଅନୁଷ୍ଠାନକୁ ଆସିବା ଦିନଠାରୁ ତାଙ୍କର ବାପା ମାଆ କିମ୍ବା ଅନ୍ୟ କେହି ପରିବାର ବର୍ଗ ଦେଖା ସାକ୍ଷାତ କରିବାକୁ ଆସିନାହାନ୍ତି । ତେଣୁ ଯଦି ଏହି ଶିଶୁ କନ୍ୟା ଦୁଇଜଣଙ୍କ ପିତାମାତା କିମ୍ବା କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.-୫୪, କଲେକ୍ଟୋରିଏଟ୍ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଦୁଇଜଣଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ କନ୍ୟା ଦୁଇଜଣଙ୍କୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ । ଉକ୍ତ ବିଜ୍ଞପ୍ତି ଶିଶୁ ଦୁଇଜଣଙ୍କର ସର୍ବୋତ୍ତମ ହିତ ଉଦ୍ଦେଶ୍ୟରେ ପ୍ରକାଶ କରାଯାଇଅଛି ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0038/2526



GOVERNMENT OF ODISHA
AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.), HORTICULTURE, SOUTHERN ZONE, BERHAMPUR

No. 500 Date.02.12.2025
**INVITATION FOR BIDS (IFB)**
e procurement notice
**Bid identification number / Tender call notice no - E E (A) Hort S/Z-01 of 2025-26**

**No.L-123** : The Executive Engineer (Agril.), Horticulture, Southern Zone, Berhampur who has been authorized as the procuring officer for the projects of Directorate of Horticulture, Southern Zone is directed to invite percentage rate bid on behalf of the Governor of Odisha for the Civil construction works under Directorate of Horticulture, Southern Zone. The list of the works is given below.

| Sl No. | Name of the work | District | Tender Cost (Rs.) |
|---|---|---|---|
| 1 | Extension of AHO Building at Mohana | Gajapati | 670079.00 |
| 2 | ADH Office Chatrapur | Ganjam | 5430270.00 |
| 3 | Overhead Tank at Ghodahada Farm | Ganjam | 1256078.00 |
| 4 | Construction of Storehouse at BLT & EC, Tumudibandha | Kandhamal | 667361.00 |
| 5 | Construction of Watchman Shed cum Godown at ADH Office, Baliguda | Kandhamal | 1005623.00 |
| 6 | Approach Road (Phase-I) at Chitrakonda Farm | Malkangiri | 2920885.00 |
| 7 | Overhead Tank (RCC) at Chitrakonda Farm | Malkangiri | 1668463.00 |
| 8 | Construction of Watchman Shed cum Godown at BLT & EC, Malkangiri | Malkangiri | 838241.00 |
| 9 | Conference Hall at Office of the DDH, Nabarangpur | Nabarangpur | 2681892.00 |
| 10 | Watchman Shed cum Godown at HDPO, Nabarangpur | Nabarangpur | 835813.00 |
| 11 | Construction of Working Shed at HDPO, Umerkote | Nabarangpur | 502324.00 |

Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 10.12.2025 at 10.00 hours to 26.12.2025 at 16.00 hours. The bid will be opened on 31.12.2025 at 11.00 hours in the O/o Executive Engineer (Agril.), Horticulture, Southern Zone, Berhampur. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
**Email ID:-executiveengineerhortsouthern@gmail.com**

OIPR-01469/11/0004/2526
Sd./- Executive Engineer (Agril)
Horticulture, Southern Zone, Berhampur



GOVERNMENT OF ODISHA No.A-1027
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## RENGALI LEFT BANK CANAL DIVISION, AT/P.O. Kamakhyanagar

Dist-Dhenkanal, Odisha, Pin-759018
Ph:06769-270771, Email ID:eerlbcdivision@gmail.com
e-PROCUREMENT NOTICE No.RLBCD-P1-07/2025-26

| | | |
|---|---|---|
| 1 | Category of Work | "Civil Flood Protection Works" |
| 2 | Total No. of Works | 06 (Six) Nos. of Work |
| 3. | Estimated Cost | Varies From Rs.29.86 Lakhs to Rs.14.86 Lakhs |
| 4. | Period of Completion | Varies From 60 Days to 30 Days |
| 5. | Class of Contractor | 'B' Class & 'C' Class and "C" & "D" (Odisha P.W.D.) or equivalent grade/class |
| 6. | Cost of Bid Document/ Mode of Payment | Rs.6000/- (Non-Refundable)/ Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 7. | EMD/Bid Security Amount/ Mode of Payment | Varies From Rs.29,860/- to Rs.14,860/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8. | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid documents for Online Bidding | 05.12.2025 from 10.00 hours to 14.12.2025 upto 17.00 Hours. |
| | (iii) Date, time & venue of Bid opening (Online) | On Dt.15.12.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, time & venue of transparent lottery for finalization of bids, if required | On Dt.24.12.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar |

*Further details can be seen from the Government of Odisha website https://tendersodisha.gov.in.
OIPR-32298/11/0032/2526 Sd./-Superintending Engineer
R.L.B. Canal Division, Kamakhyanagar



## ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: AT/POST: BALIMELA: DIST: MALKANGIRI, PIN: 764051 (ODISHA)
Phone No.:06861-232581 (O)/ 232641 (R), Fax:06861- 232541, Email- unit.head_balimela@yahoo.com/bhep.balimela@gmail.com
'e'- Procurement Notice
NOTICE INVITING TENDER No.BHEP/46/2025-26, Dated 29.11.2025

**No.CAD-2536:** The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price Bid) for the work through e-Procurement as detailed in the table below.

| Sl. No. | Name of Work | Approx. Estimated Cost in Rs. | E.M.D. in Rs. | Class of Contractor | Cost of Bid documents in Rs. | Period of Completion |
|---|---|---|---|---|---|---|
| 1 | "Annual Maintenance Contract for Up-keeping & Sewerage Cleaning of Residential and Non-Residential Buildings on job contract basis for period of one year" | 34,48,202.00 | 34,500.00 | 'C' or 'B' | 6000/-+ GST @18%= 7080/- | 365 Days |

Date & Time of availability of bid document in the portal : From 10.00 Hrs. of 04.12.2025 to 17.12.2025 (upto 17.00 Hrs.)
Last date & time of submission of bid: Upto 17.00 Hrs. of 17.12.2025
The date & time of opening of the bid: 12.00 Hrs. onwards of 18.12.2025 (Only Technical Bid)
Further details can be seen from the e-procurement portal https://tendersodisha.gov.in.
OIPR-04019/11/0120/2526 Sd./- Unit Head, Balimela Hydro Electric Project, Balimela



## ODISHA PUBLIC SERVICE COMMISSION CUTTACK

**NOTICE**
No. 8377 / P.S.C., Dt. 03.12.2025
(DR-IV)(2PF-01-2025-26)
**Recruitment to the post of Veterinary Assistant Surgeon/AVAS**
**(Advt. No. 04 of 2025-26)**

**No.D-271** : It is for information of all 86 (35-w) provisionally qualified candidates that, the Document Verification for recruitment to the post of **Veterinary Assistant Surgeon/AVAS**, pursuant to Advertisement No. 04 of 2025-26 will be held on **11.12.2025 and 12.12.2025** in the Office of Commission, at 19, Dr. P. K. Parija Road, Cuttack - 753001 as per the programme detailed below:-

| Date of Verification | Time of verification | Roll Number of the candidates |
|---|---|---|
| 11.12.2025 | 11.00 A.M. to 01.30 P.M. | 100002, 100003, 100004, 100005, 100006, 100007, 100009, 100010, 100011, 100012, 100013, 100014, 100015, 100016, 100017, 100019, 100020, 100021, 100022, 100024, 100025, 100026, 100027 = **23 Candidates** |
| | 02.30 P.M. to 05.30 P.M. | 100028, 100029, 100030, 100031, 100032, 100033, 100034, 100036, 100037, 100038, 100039, 100040, 100042, 100043; 100044, 100045, 100046, 100047, 100048, 100051 = **20 Candidates** |
| 12.12.2025 | 11.00 A.M. to 01.30 P.M. | 100052, 100053, 100054, 100055, 100056, 100057, 100058, 100060, 100061, 100062, 100064, 100066, 100067, 100068, 100069, 100070, 100071, 100073, 100074, 100076, 100077, 100078, 100079 = **23 Candidates** |
| | 02.30 P.M. to 05.30 P.M. | 100082, 100084, 100087, 100088, 100089, 100090, 100091, 100092, 100093, 100094, 100095, 100096, 100099, 100100, 100101, 100103, 100104, 100105, 100107, 100108 = **20 Candidates** |

N.B.- The candidates are required to report **30 minutes before** the commencement of document verification in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL DOCUMENTS ALONG WITH A SET OF SELF ATTESTED PHOTOCOPIES OF ALL CERTIFICATES/DOCUMENTS AT THE TIME OF DOCUMENT VERIFICATION FAILING WHICH THEIR CANDIDATURE WILL BE REJECTED.**

1. Hard copy of online Application form **mentioning Roll No. at the Top Right-Hand Corner**. Application Forms are available in the website of the Commission.
The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in.
2. **Four (04) recent passport size photographs** within six months (unsigned & unattested) tagged with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V. Sc. & A.H. Degree Certificate** issued by the recognized University/ College/Institution.
5. Mark-lists in support of all the aforesaid examinations (H.S.C to Degree in B.V.Sc. & A.H.) passed including fail marks, if any, issued by the concerned Board/Council/University;
6. **Conversion Certificate/ Conversion Formula** in case of award of "GRADE MARKS" from the concerned University indicating the actual equivalent percentage of marks and the conversion formula, wherever applicable.
7. **Permanent Registration Certificate under the Odisha Veterinary Practitioners Act, 1970. (Issued within last date** of submission of online application form i.e., **31.07.2025**).
8. Required **Odia Test Pass Certificate** issued within **31.07.2025**.
9. **Caste Certificate by birth (SC/ST) issued within the last date i.e 31.07.2025.**
10. **Recent SEBC Certificate** (issued within the last three years by the submission date of online application form), wherever applicable.
11. **Permanent Disability Certificate (indicating percentage of disability i.e. 40% or more) issued by the concerned Medical Board wherever applicable issued within the last date i.e. 31.07.2025.**
12. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**, wherever applicable.
13. **Sports Identity Card/Certificate** issued by the Director of Sports, Odisha **(issued within the last date i.e. 31.07.2025)**; wherever applicable.
14. **No Objection Certificate** issued by the Competent Authority in case of in-service candidates; wherever applicable.
15. **Any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0337/2526 Sd./- Secretary

# ବ୍ରିସ୍‌ବେନ ଟେଷ୍ଟ: ଇଂଲଣ୍ଡ ୩୨୫/୯

ବ୍ରିସବେନ୍,୪।୧୨

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଦ୍ୱିତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଯାଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଶେଷ ସୁଦ୍ଧା ୯ ଉଇକେଟରେ ୩୨୫ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ରୁଟ ୧୩୫ ଓ ଜୋଫ୍ରା ଆର୍ଚ୍ଚର ୩୨ ରନରେ ଅପରାଜିତ ରହିଛନ୍ତି।

ଇଂଲଣ୍ଡ ବ୍ୟାଟିଂ ଆରମ୍ଭରୁ ବେନ ଡକେଟ ଓ ଓଲି ପୋପ୍‌ଙ୍କ ଉଇକେଟ ହରାଇଥିଲା। ଦୁଇ ବ୍ୟାଟର ଖାତା ଖୋଲି ପାରି ନ ଥିଲେ। ଚତୁର୍ଥ ଉଇକେଟରେ ଜ୍ୟାକ କ୍ରଲି ଓ ରୁଟ୍ ୧୧୭ ରନ ଯୋଡ଼ିଥିଲେ। କ୍ରଲି ୭୬ ରନ କରି ଆଉଟ୍ ହେବା ପରେ ହ୍ୟାରୀ ବ୍ରୁକ(୩୧)ଙ୍କ ସହ ମିଶି ରୁଟ୍ ଦଳୀୟ ସ୍କୋରକୁ ୧୭୬ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଆରମ୍ଭ କରିଥିଲା। ଏକଦା ୨୧୦ ରନରେ ୪ ଉଇକେଟ ହରାଇଥିବା ଇଂଲଣ୍ଡ ପରବର୍ତ୍ତୀ ୫୪ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ରୁଟ୍ ଓ ଆର୍ଚ୍ଚର ଆଟାକିଂ ବ୍ୟାଟିଂ କରିବା ସହ ଘରୋଇ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ତାଙ୍କର ଅବିଭାଜିତ ଦଶମ ଉଇକେଟରେ ୭.୨ ଓଭରରେ ୬୧ ରନ ଯୋଡ଼ିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୬ ଉଇକେଟ ନେଇଥିବା ବେଳେ ସ୍କଟ ବୋଲାଣ୍ଡ ଓ ମାଇକେଲ ନେସର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୨୫/୯ (ଜୋ ରୁଟ-୧୩୫*, ଜ୍ୟାକ କ୍ରଲି-୭୬, ଜୋଫ୍ରା ଆର୍ଚ୍ଚର-୩୨*, ମିଚେଲ ଷ୍ଟାର୍କ-୬/୭୧)।



ଶତକ ହାସଲ ପରେ ଜୋ ରୁଟ୍।

### ଆକ୍ରମଙ୍କୁ ଟପିଲେ ଷ୍ଟାର୍କ

ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଗୁରୁବାର ଟେଷ୍ଟ କ୍ରିକେଟରେ ସବୁଠୁ ସଫଳ ବାମହାତୀ ପେସର ହେବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ଉଇକେଟ ସଫଳତା ପାଇବା ସହ ପାକିସ୍ତାନର ଲିଜେଣ୍ଡ ପେସର ଓ୍ୱାସିମ ଆକ୍ରମଙ୍କ ୪୧୪ ଟେଷ୍ଟ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ ୧୦୨ତମ ଟେଷ୍ଟରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଥିବା ବେଳେ ଆକ୍ରମ ମୋଟ ଉପରେ ୧୦୪ ଟେଷ୍ଟ ଖେଳିଥିଲେ। ଷ୍ଟାର୍କ ଏବେ ଟେଷ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୧୬ତମ ସ୍ଥାନରେ ରହିଛନ୍ତି।

### ଅଷ୍ଟ୍ରେଲିଆରେ ରୁଟ୍‌ଙ୍କ ଶତକ

ଇଂଲଣ୍ଡର ସିନିୟର ବ୍ୟାଟର ଜୋ ରୁଟ୍ ଗୁରୁବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିଛନ୍ତି। ଏଥିସହିତ ଅଷ୍ଟ୍ରେଲିଆରେ ଶତକ ହାସଲ କରିବା ଲାଗି ତାଙ୍କର ୧୨ ବର୍ଷର ଲମ୍ବା ଅପେକ୍ଷାର ଅନ୍ତ ଘଟାଇଛନ୍ତି। ୨୦୧୩ରେ ପ୍ରଥମ ଥର ଅଷ୍ଟ୍ରେଲିଆ ଟୁର କରିଥିବା ରୁଟ୍‌ଙ୍କ ଲାଗି ଏହା ଚତୁର୍ଥ ଅଷ୍ଟ୍ରେଲିଆ ଟୁର। ଏଥିପୂର୍ବରୁ ସେ ଅଷ୍ଟ୍ରେଲିଆ ମାଟିରେ ଖେଳିଥିବା ୧୫ ଟେଷ୍ଟରେ ଶତକ ହାସଲ କରିବାରେ ବିଫଳ ହୋଇଥିଲେ।

# ଓଭାଲ୍ ଇନ୍‌ଭିନ୍‌ସିବଲ୍ସର ନୂଆ ନାଁ 'ଏମ୍‌ଆଇ ଲଣ୍ଡନ'



ମୁମ୍ବାଇ, ୪।୧୨

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଏକ ସହାୟକ କମ୍ପାନୀ ରିଲାଏନ୍ସ ଷ୍ଟ୍ରାଟେଜିକ୍ ବିଜ୍‌ନେସ୍ ଭେଞ୍ଚର୍ସ ଲିମିଟେଡ୍ ଏବଂ ସରେ କାଉଣ୍ଟି କ୍ରିକେଟ୍ କ୍ଲବ୍ ପକ୍ଷରୁ ଦି ହଣ୍ଡ୍ରେଡ୍ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଓଭାଲ୍ ଇନଭିନ୍ସିବଲ୍ସରେ ଏକ ସହଭାଗିତା ଘୋଷଣା କରାଯାଇଛି। ଏହି ସହଭାଗିତା ଅନୁଯାୟୀ, ସରେକୁ ୫୧ ପ୍ରତିଶତ ଅଂଶଧନ ଏବଂ ରିଲାଏନ୍ସକୁ ୪୯ ପ୍ରତିଶତ ଅଂଶଧନ ମିଳିଛି। ୨୦୨୬ରୁ ପୁରୁଷ ଏବଂ ମହିଳା ଉଭୟ ଦଳ 'ଏମ୍‌ଆଇ ଲଣ୍ଡନ' ନାମରେ ଖେଳିବେ। ଦି ହଣ୍ଡ୍ରେଡ୍ ଇତିହାସରେ ଓଭାଲ୍ ଇନଭିନ୍ସିବଲ୍ସ ସବୁଠାରୁ ସଫଳ ଦଳ, ଯାହା ୫ ବର୍ଷ ମଧ୍ୟରେ ରେକର୍ଡ ୫ଟି ଟାଇଟଲ ଜିତିଛି। ଏହି ଦଳରେ ସାମ୍ ଓ ଟମ୍ କରନ୍, ୱିଲ୍ ଜାକ୍ସ ଏବଂ ଆଲିସ୍ କ୍ୟାପ୍ସିଙ୍କ ପରି ଘରୋଇ ତାରକାଙ୍କ ସହିତ ରଶିଦ୍ ଖାଁ, ଆଡାମ ଜାମ୍ପା ଏବଂ ମାରିଜାନ୍ କାପ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ସାମିଲ ରହିଛନ୍ତି। ଦି ହଣ୍ଡ୍ରେଡ୍ ବ୍ରିଟେନର ଏକ ପ୍ରଫେଶନାଲ କ୍ରିକେଟ୍ ଲିଗ୍ ଯାହା ବିଶ୍ୱରେ ୧୦୦-ବଲ୍ ବିଶିଷ୍ଟ ଏକମାତ୍ର ଫର୍ମାଟ। ପ୍ରତିବର୍ଷ ଜୁଲାଇ-ଅଗଷ୍ଟରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏହି ଟୁର୍ନାମେଣ୍ଟ ଆୟୋଜନ କରି ଆସୁଛି। ଏହି ଲିଗରେ ମୋଟ ଆଠଟି ଦଳ ଖେଳନ୍ତି।

### 'ଦି ହଣ୍ଡ୍ରେଡ୍'ରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରବେଶ

ମୁମ୍ବାଇ ଇଣ୍ଡିଆନ୍ସ ପରିବାରରେ ଏହି ନୂତନ ଦଳ ଯୋଡ଼ି ହେବା ସହିତ ଏହି ଫ୍ରାଞ୍ଚାଇଜର ବର୍ତ୍ତମାନ ପାଞ୍ଚଟି ଦେଶରେ ସାତଟି ଦଳ ଅଛି। ଗତ ୧୭ ବର୍ଷ ମଧ୍ୟରେ ଏମ୍‌ଆଇ ଫ୍ରାଞ୍ଚାଇଜ୍ ବିଶ୍ୱବ୍ୟାପୀ ୧୩ଟି ଲିଗ୍ ଟାଇଟଲ୍ ଜିତିଛି, ଯେଉଁଥିରେ ୫ ଆଇପିଏଲ, ୨ ମହିଳା ପ୍ରିମିୟର ଲିଗ୍ ଟାଇଟଲ୍, ୨ ମେଜର୍ ଲିଗ୍ କ୍ରିକେଟ୍, ୨ ଚାମ୍ପିୟନ୍ସ ଲିଗ୍ ଟି୨୦ ଏବଂ ଆଇଏଲ ଟି୨୦ (ଏମ୍‌ଆଇ ଏମିରେଟସ, ୨୦୨୪) ଏବଂ ଏସଏ୨୦ (ଏମ୍‌ଆଇ କେପ୍ ଟାଉନ୍, ୨୦୨୫)ରେ ଗୋଟିଏ ଲେଖାଏ ଟାଇଟଲ୍ ଅନ୍ତର୍ଭୁକ୍ତ। ଏମ୍‌ଆଇର ପ୍ରଭାବଶାଳୀ ଟ୍ରାକ୍ ରେକର୍ଡ ଏହାକୁ ବିଶ୍ୱ ଟି୨୦ କ୍ରିକେଟରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ କରିଛି। ମୁମ୍ବାଇ ଇଣ୍ଡିଆନ୍ସର ଏହି ପଦକ୍ଷେପ ନେଇ ନୀତା ଏମ୍. ଅମ୍ବାନୀ କହିଛନ୍ତି, ଆମେ ୱାନ ଫ୍ୟାମିଲିରେ 'ଏମ୍‌ଆଇ ଲଣ୍ଡନ'କୁ ସ୍ୱାଗତ କରି ବେଶ୍ ଆନନ୍ଦିତ। କ୍ରିକେଟରେ ଲଣ୍ଡନର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ଆମେ ଏହାର ପ୍ରସିଦ୍ଧ ଐତିହ୍ୟର ଏକ ଅଂଶ ହୋଇପାରିଥିବାରୁ ଗର୍ବିତ ଅନୁଭବ କରୁଛୁ।

# ଓଡ଼ିଶାର ରୋମାଞ୍ଚକ ବିଜୟ

ଭୁବନେଶ୍ୱର,୪।୧୨(ଅନାଦି କର)

ସୌମ୍ୟ ରଞ୍ଜନ ଲେଙ୍କାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧ ରନରେ ରେଲୱେକୁ ପରାସ୍ତ କରି ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ସୌମ୍ୟଙ୍କ ଅପରାଜିତ ୭୫ ରନର ବିସ୍ଫୋରକ ପାଳି ବଳରେ ଓଡ଼ିଶା ଦ୍ୱାରା ଧାର୍ଯ୍ୟ ୧୭୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରେଲୱେ ଅନ୍ତିମ ବଲରେ ୧୬୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଏହା ଓଡ଼ିଶାର ଲଗାତର ଦ୍ୱିତୀୟ ବିଜୟ। ହ୍ୟାଟ୍ରିକ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏବେ ଏଲିଟ୍ ଗ୍ରୁପ୍-ଏ'ରେ ୫ ମ୍ୟାଚ୍‌ରେ ୮ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି। ଅଲରାଉଣ୍ଡ ପ୍ରଦର୍ଶନ ଓ ଅନ୍ତିମ ଓଭରରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ଓଡ଼ିଶାକୁ ଜିତାଇବା ପାଇଁ ସୌମ୍ୟ ରଞ୍ଜନ ଲେଙ୍କାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୬.୧ ଓଭରରେ ୩୮ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ସାଙ୍ଘାତିକ ପରିସ୍ଥିତିରେ ସୌମ୍ୟ ଓ ଆଶୀର୍ବାଦ ସ୍ୱାଇଁ ପଞ୍ଚମ ଉଇକେଟରେ ୧୨ ଓଭରରେ ଦ୍ରୁତ ୧୦୫ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ନିକଟରେ ଥିବା ଆଶୀର୍ବାଦ (୪୮ ରନ, ୧ ଚୌକା ଓ ୨ ଛକା) ଆଉଟ୍ ହୋଇଥିଲେ। ଏହାପରେ ସୌମ୍ୟ ଏକାକୀ ଦଳୀୟ ସ୍କୋରକୁ ୧୬୯/୫ରେ ପହଞ୍ଚାଇଥିଲେ। ସୌମ୍ୟ ୪୦ ବଲରେ ଅପରାଜିତ ୭୫ ରନର ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୬ ଛକା ସାମିଲ ଥିଲା। ତାଙ୍କ ସହିତ ପ୍ରୟାଶ ସିଂ ୮ ରନ କରି ଅପରାଜିତ ଥିଲେ। ଜବାବରେ ରେଲୱେ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୭ ରନରେ ୩ ଉଇକେଟ ହରାଇଥିଲା। ଏହାପରେ ଅକ୍ଷତ ପାଣ୍ଡେ (୬୦ ରନ, ୫ ଚୌକା ଓ ୪ ଛକା) ଓ ସୁରଜ ଆହୁଜା (୩୯ ରନ, ୫ ଚୌକା ଓ ୧ ଛକା) ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଦଳ ଏକଦା ୧୫ ଓଭରରେ ୪ ଉଇକେଟ ହରାଇ ୧୨୫ ରନ କରି ସୁରକ୍ଷିତ ସ୍ଥାନରେ ଥିଲା। ଫଳରେ ଅନ୍ତିମ ୫ ଓଭରରେ ଦଳକୁ ଜିତିବା ପାଇଁ ୪୫ ରନ ଦରକାର ଥିବାବେଳେ ଦଳ ହାତରେ ୬ ଉଇକେଟ ରହିଥିଲା। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏଥିଯୋଗୁ ରେଲୱେ ଅନ୍ତିମ ଓଭରର ଅନ୍ତିମ ବଲରେ ୧୬୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପାଇଁ ଶେଷ ଓଭରରେ ମିଡିୟମ ପେସର ସୌମ୍ୟ ୨ ଉଇକେଟ ନେବା ସହ ଏକ ରନ ଆଉଟ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୌମ୍ୟ ୩ ଉଇକେଟ ନେଇଥିବା ବେଳେ ରାଜେଶ ମହାନ୍ତି ଓ ପ୍ରୟାଶ ସିଂ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

### ସୟଦ ମୁସ୍ତାକ ଅଲୀ ଟି୨୦

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୨୦ ଓଭରରେ ୧୬୯/୫(ସୌମ୍ୟ ରଞ୍ଜନ ଲେଙ୍କା-୭୫*, ଆଶୀର୍ବାଦ ସ୍ୱାଇଁ-୪୮, କୁନାଲ ଯାଦବ-୨/୩୬, କର୍ଣ୍ଣ ଶର୍ମା-୧/୨୨)। ରେଲୱେ: ୨୦ ଓଭରରେ ୧୬୮/ଅଲଆଉଟ୍ (ଅକ୍ଷତ ଆର ପାଣ୍ଡେ-୬୦, ସୁରଜ ଆହୁଜା-୩୯, ସୌମ୍ୟ ରଞ୍ଜନ ଲେଙ୍କା-୩/୫୦, ରାଜେଶ ମହାନ୍ତି-୨/୨୨, ପ୍ରୟାଶ ସିଂ-୨/୨୯)।

# ଆଗୁଆ ଆସିବେ ହାର୍ଦ୍ଦିକ

ଭୁବନେଶ୍ୱର,୪।୧୨(ଅନାଦି କର)

ଆସନ୍ତା ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏଥିଲାଗି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଥିବା ବେଳେ ଷ୍ଟାଡିୟମଠାରୁ ଆରମ୍ଭ କରି ଦଳୀୟ ହୋଟେଲ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଦିନିକିଆ ସିରିଜ୍‌ର ଅଂଶ ନ ଥିବା ଭାରତୀୟ ଖେଳାଳିମାନେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ପ୍ରିମିୟର ହ୍ୱାଇଟ-ବଲ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗୁଆ ଭୁବନେଶ୍ୱରରେ ପହଞ୍ଚିପାରନ୍ତି। ବିସିସିଆଇ ସିଓଇରୁ କ୍ଲିଅରାନ୍ସ ପାଇବା ପରେ ପାଣ୍ଡ୍ୟା ବରୋଦା ପାଇଁ ପଞ୍ଜାବ ଓ ଗୁଜରାଟ ବିପକ୍ଷ ସୟମ ମୁସ୍ତାକ ଅଲୀ ଟି୨୦ ମ୍ୟାଚ୍‌ରେ ଖେଳିଥିଲେ। ଆସନ୍ତା ୬ ତାରିଖ ତଥା ଶନିବାର ହରିୟାଣା ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ତାଙ୍କର ଖେଳିବାର ଯୋଜନା ଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି।

# ଭାରତ ଆଜି ବେଲଜିୟମକୁ ଭେଟିବ

ଚେନ୍ନାଇ, ୪।୧୨ (ପି.ଟି.)

ଚଳିତ ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲରେ ଭାରତ ଶୁକ୍ରବାର ବେଲଜିୟମକୁ ଭେଟିବ। ପୁଲ୍ ପର୍ଯ୍ୟାୟରେ ଭାରତର ଅଭିଯାନ ସହଜ ଥିଲା। ବେଲଜିୟମ ବିପକ୍ଷ ମ୍ୟାଚରେ ଭାରତର ପ୍ରକୃତ ଶକ୍ତି ପରୀକ୍ଷା ହେବ। ଚିଲି, ଓମାନ ଓ ସୁଇଜରଲାଣ୍ଡ ସହ ପୁଲ୍ 'ବି'ରେ ସ୍ଥାନ ପାଇଥିବା ଭାରତ ମୋଟ ୨୯ଟି ଗୋଲ ସ୍କୋର କରିଥିବା ବେଳେ ଗୋଟିଏ ହେଲେ ଗୋଲ୍ ବରଣ କରିନ ଥିଲା। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୨୪ଟି ଦଳ ମଧ୍ୟରେ ଭାରତର ଷ୍ଟ୍ରାଇକ୍ ସର୍ବଶ୍ରେଷ୍ଠ ରହିଥିଲା। କିନ୍ତୁ ପି.ଆର୍. ଶ୍ରୀଜେସଙ୍କଠାରୁ ଟ୍ରେନିଂ ନେଉଥିବା ଦଳ ଭଲରୂପେ ଜାଣିଛି ପୁଲ୍ ପର୍ଯ୍ୟାୟରେ ଦୁର୍ବଳ ଦଳ ବିପକ୍ଷରେ ବିଜୟ ହାସଲ କରିଛି। ଟୁର୍ନାମେଣ୍ଟର ଶେଷ ଭାଗରେ ଏହାକୁ ଶକ୍ତିଶାଳୀ ଦଳଗୁଡ଼ିକ ସହ ମୁକାବିଲା କରିବାକୁ ପଡ଼ିବ। ଭାରତ ଗତଥର ୨୦୧୬ରେ ଲକ୍ଷ୍ନୌଠାରେ ଟାଇଟଲ ବିଜୟୀ ହୋଇଥିଲା। ଦଳ ୯ ବର୍ଷ ପରେ ପୁଣି ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ପୁଲ୍ ପର୍ଯ୍ୟାୟରେ ଭାରତ ୧୮ଟି ଫିଲ୍ଡ ଗୋଲ୍ ସ୍କୋର କରିଛି। ୯ଟି ଗୋଲ ପେନାଲ୍ଟି କର୍ଣ୍ଣର ଏବଂ ଦୁଇଟି ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ସ୍କୋର ହୋଇଛି। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ଭାରତ ଦୁର୍ବଳ ଥିବା ଅନୁଭବ କରାଯାଇଛି।

FIH HOCKEY MEN'S JUNIOR WORLD CUP TAMIL NADU 2025

ଗତ ମ୍ୟାଚରେ ଶିଳାନନ୍ଦ ଲାକ୍ରା ଯଦିଓ ଦୁଇଟିରେ ସଫଳ ହୋଇଛନ୍ତି, ଆଗାମୀ ମ୍ୟାଚଗୁଡ଼ିକରେ ଅଧିନାୟକ ରୋହିତ ଓ ଅନମୋଲ ଏକ୍କାଙ୍କଠାରୁ ଭାରତ ଭଲ ପ୍ରଦର୍ଶନ ଆଶା କରୁଛି। ପୁଲ୍ ପର୍ଯ୍ୟାୟରେ ଭାରତ ତରଫରୁ ଗୋଲ ସ୍କୋର କରିଥିବା ଖେଳାଳିମାନେ ହେଲେ ଧୀରଜ ସିଂ (୬ ଗୋଲ୍), ମନମିତ୍ (୫), ଅର୍ଶଦୀପ ସିଂ (୪), ଅଜିତ ଯାଦବ ଓ ଗୁରଜୋତ୍ ସିଂ (୨)। ରୋସନ କୁଜୁର, ଆଡ୍ରୋଇ ଏକ୍କା, ଅଙ୍କିତ ପାଲ୍ ଓ ଇଙ୍ଗାଲେମ୍ବା ଲୁଓ୍ୱାଙ୍ଗ ଥୋନାଓଜାମ ପ୍ରମୁଖ ମିଡ୍‌ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ମାତ୍ର କ୍ୱାଲିଟି ପ୍ରତିପକ୍ଷ ଦଳ ବିପକ୍ଷରେ ସେମାନଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଲକ୍ଷ୍ୟ କରିବାର କଥା। ଅନ୍ୟପକ୍ଷରେ ବେଲଜିୟମ ଦ୍ୱିତୀୟ ଶ୍ରେଷ୍ଠ ରନରଅପ୍ ଦଳ ଭାବେ ସେମାନଙ୍କ ଦଳରେ ଦୁଇଟି ବିଜୟ ସହ ଟପ୍‌ର ସ୍ପେନ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ପୁଲ୍ ପର୍ଯ୍ୟାୟରେ ଦଳ ୧୧ ଫିଲ୍ଡ ଗୋଲ୍ ଓ ସମାନ ସଂଖ୍ୟକ ପେନାଲ୍ଟି କର୍ଣ୍ଣର ଗୋଲ୍ ସମେତ ମୋଟ ୨୨ଟି ଗୋଲ୍ ସ୍କୋର କରିଛି। ଜୁନିୟର ବିଶ୍ୱକପ୍ ଏକ ସହଜ ପ୍ଲାଟଫର୍ମ ନୁହେଁ। ଏଥିରେ କୌଣସି ଦଳକୁ ସହଜ ମନେ କରିହେବ ନାହିଁ। ବର୍ତ୍ତମାନଠାରୁ ପ୍ରକୃତ ଖେଳ ଆରମ୍ଭ ହେବ। ସାମାନ୍ୟ ତ୍ରୁଟି ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ମୁଖ୍ୟ କୋଚ୍ ଶ୍ରୀଜେସ ପ୍ରକାଶ କରିଛନ୍ତି।

# ନାଗେଶ ଟ୍ରଫି: ସୁପର-୮ରେ ଓଡ଼ିଶା



ପ୍ଲେୟର ଅଫ୍ ଦି ମ୍ୟାଚ୍ ଧନପତି ଗୌଡ଼ଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର,୪।୧୨ (ଅନାଦି କର)

ମଧ୍ୟପ୍ରଦେଶର ଜବଲପୁରଠାରେ ଚାଲିଥିବା ଦୃଷ୍ଟି ବାଧିତ ପୁରୁଷ ଜାତୀୟ ଟି୨୦ ନାଗେଶ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିହାରକୁ ପରାସ୍ତ କରିଛି। ବିହାର ଦ୍ୱାରା ପ୍ରଦତ୍ତ ୧୫୨ ରନର ଟାର୍ଗେଟକୁ ଓଡ଼ିଶା ୧୧.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଧନପତି ଗୌଡ଼ ୩୦ ବଲରେ ବିସ୍ଫୋରକ ୫୫ ରନର ପାଳି ଖେଳିଥିଲେ। ତାଙ୍କୁ ଲାଲପ୍ରସାଦ ସୋରେନ ଓ ଅଞ୍ଜନ ସିଂ ସହଯୋଗ ପ୍ରଦାନ କରିଥିଲେ। ବିସ୍ଫୋରକ ପାଳି ଖେଳିଥିବା ଧନପତି ଗୌଡ଼ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଓଡ଼ିଶା ଗ୍ରୁପ୍-ଡି'ରେ ସମସ୍ତ ମ୍ୟାଚ୍ ଜିତି ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ହରିୟାଣା ୮ ଉଇକେଟରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ମଧ୍ୟପ୍ରଦେଶ ପକ୍ଷରୁ ଦିଆଯାଇଥିବା ୧୩୮ ରନର ଟାର୍ଗେଟକୁ ହରିୟାଣା ୧୨.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଅଧିନାୟକ ଦୀପକ ମଲିକ ୨୬ ବଲରେ ଅପରାଜିତ ୪୦ ଓ ଚନ୍ଦନ ଠାକୁର ୨୮ ରନ କରିଥିଲେ।

# ସେମିରେ ତନ୍‌ଭୀ, ସାତି-ନିମିଶା

ଭୁବନେଶ୍ୱର, ୪।୧୨(ବିଜୟ ରଣା)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଆୟୋଜିତ ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଉଭୟ ବୟସ ବର୍ଗରେ ସମସ୍ତ ବିଭାଗର ସେମିଫାଇନାଲ ଲାଇନ ଚୂଡ଼ାନ୍ତ ହୋଇଯାଇଛି। ଓଡ଼ିଆ ଖେଳାଳି ତନ୍‌ଭୀ ପତ୍ରୀ ୧୫ବର୍ଷରୁ କମ୍ ବୟସ ବର୍ଗର କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ୨୧-୧୪, ୨୧-୧୪ଗେମ୍‌ରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବୟସ ବର୍ଗରେ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।


୧୫ବର୍ଷରୁ କମ୍ ବାଳକ ବିଭାଗ କ୍ୱାର୍ଟରଫାଇନାଲରେ ତେଲଙ୍ଗାନାର ଶ୍ରୀଚେତନ ସାମଲା ଟପ୍ ସିଡ ପଞ୍ଜାବର ୱାଜିର ସିଂଙ୍କୁ ୨୧-୧୯,୨୧-୨୩,୨୧-୧୮ ରେ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ଏହି ବିଭାଗରେ କର୍ଣ୍ଣାଟକର ପୁଷ୍କର ସାଇ, ଦିଲ୍ଲୀର ହର୍ଷିତ ଖତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୫ବର୍ଷରୁ କମ ବାଳିକା ଡବଲ୍ସରେ ଓଡ଼ିଆ ଯୋଡ଼ି ସାତୀ ନାୟକ ଓ ନିମିଶା ଓଝା ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକର ଶ୍ରେୟା କାନ୍ଦିବିଲ୍ଲା ଓ ଶ୍ରୀନାଗଲକ୍ଷ୍ମୀ ପି.ଙ୍କୁ ୨୨-୨୦,୧୪-୨୧,୨୧-୧୧ରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ବିଭାଗର ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ତାମିଲନାଡୁ ଯୋଡି ନୟୋନିକା ଏ. ଏବଂ ଧନ୍ୟା ଏସ. ଜେ. ଆନ୍ଧ୍ର-ହରିୟାଣା ଯୋଡି ତ୍ରିସିଥା ଓ ଜୋଏଲ ରାଣାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବିଭାଗରେ ତନ୍‌ଭୀ ପତ୍ରୀ ନିଜ ପ୍ରତିଦ୍ୱନ୍ଦ୍ୱୀ କେରଳର ହିଆ ମାରିଆ ଜୋସଙ୍କୁ ୨୧-୧୫,୨୧-୧୨ରେ ପରାସ୍ତ କରିଛନ୍ତି। ଏହି ବିଭାଗର ଅନ୍ୟ କ୍ୱାର୍ଟର ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ. ଆର, ଦିଲ୍ଲୀର ଋଷିକା ନନ୍ଦୀ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୭ ବର୍ଷ କମ ବାଳକ ବିଭାଗରେ ଟପ୍ ସିଡ ଜଗସେର ସିଂ ଖାଙ୍ଗୁରା କର୍ଣ୍ଣାଟକର ପ୍ରଣବ ଏମ୍‌ଙ୍କୁ ୨୧-୧୪,୨୧-୧୭ ହରାଇ ଦେଇଛନ୍ତି। ଏହି ବିଭାଗରେ ଆସାମର ବର୍ନିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶୁକ୍ରବାର ତାରିଖ ଦିନ ସମସ୍ତ ବିଭାଗର ସେମିଫାଇନାଲ ଏବଂ ଶନିବାର ଏହି ଜାତୀୟ ଚମ୍ପିୟାନଶିପର ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ତଥା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ସୂଚନା ଦେଇଛନ୍ତି।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ

# ବାରବାଟୀରେ ଟି୨୦


ଫଟୋ: ରାଜକିଶୋର ମହାନ୍ତି

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ ଏବେ ଚଳଚଞ୍ଚଳ। ଭାରତ, ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ୯ ତାରିଖରେ ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ। ତେଣୁ ଦେଶ ବିଦେଶର କ୍ରିକେଟପ୍ରେମୀଙ୍କ ନଜର ରହିଛି ଏହି ଷ୍ଟାଡିୟମ ଉପରେ। ଦକ୍ଷିଣ ଆଫ୍ରିକା ଏବେ ଜବରଦସ୍ତ ଫର୍ମରେ ରହିଛି। ଭାରତ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ସିରିଜ ସୁଇପ୍ କରିଛି। ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ଭାରତୀୟ କ୍ରିକେଟ ପ୍ରେମୀଙ୍କ ହୃତ୍‌ସ୍ପନ୍ଦନ ବଢ଼ାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ବିଜୟ ଲକ୍ଷ୍ୟ ମଧ୍ୟ କମ୍ ମନେ ହୋଇଥିଲା। ତେଣୁ ଆଗାମୀ ଟି୨୦ ସିରିଜ ମଧ୍ୟ ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚଭରା ରହିବ ବୋଲି ଆଶା କରାଯାଉଛି। ସବୁ ସିରିଜର ପ୍ରଥମ ମ୍ୟାଚ ଅନେକ ଗୁରୁତ୍ୱ ବହନ କରିଥାଏ। ସେ ଦୃଷ୍ଟିରୁ ବାରବାଟୀ ଟି୨୦ରେ ଉଭୟ ଦଳ ବିଜୟ ଲକ୍ଷ୍ୟରେ ରହିବେ ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ବାରବାଟୀରେ ପୂର୍ବରୁ ଅନୁଷ୍ଠିତ ଟି୨୦ ଅନ୍ତର୍ଜାତୀୟ ମ୍ୟାଚକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ରେକର୍ଡ ଦେଖିଲେ ବାରବାଟୀରେ ଏପର୍ଯ୍ୟନ୍ତ ମୋଟ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହୋଇଛି। ସଂଯୋଗବଶତଃ ଦକ୍ଷିଣ ଆଫ୍ରିକା ହିଁ ସବୁଠାରୁ ଅଧିକ ଅର୍ଥାତ୍ ୨ଟି ମ୍ୟାଚ ଖେଳି ସାରିଛି। ବାରବାଟୀ ଦକ୍ଷିଣ ଆଫ୍ରିକା ପାଇଁ ଲକି ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। କାରଣ ଏଠାରେ ଭ୍ରମଣକାରୀ ଦଳ ଖେଳିଥିବା ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରିଛି। ଆସନ୍ତା ମ୍ୟାଚରେ ଭାରତ ଏହି ରେକର୍ଡ ଭାଙ୍ଗିବାକୁ ନିଶ୍ଚିତ ଚେଷ୍ଟା କରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏଠାରେ ବିଜୟରେ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିବ।


ମ୍ୟାଚରେ ବାଧା ଯୋଗୁ ଅପେକ୍ଷାରତ ଦ.ଆଫ୍ରିକା ଖେଳାଳି


ଭାରତୀୟ ଖେଳାଳିମାନେ ପଡ଼ିଆ ମଝିରେ ବସି ରହିଛନ୍ତି


ପ୍ରଥମ ଟି୨୦: ଦର୍ଶକ ଫିଙ୍ଗିଥିବା ପାଣି ବୋତଲ

## ପ୍ରଥମ ଟି୨୦ (ଭାରତ ବନାମ ଦକ୍ଷିଣ ଆଫ୍ରିକା)

**୨୦୧୫ ଅକ୍ଟୋବର ୫: ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ**

ବାରବାଟୀରେ ଅନୁଷ୍ଠିତ ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଭାରତ ପାଇଁ ତିକ୍ତତାରେ ଭରି ରହିଥିଲା। ବ୍ୟାଟରଙ୍କ ଅତି ଖରାପ ପ୍ରଦର୍ଶନକୁ ସହଜରେ ହଜମ କରିପାରି ନ ଥିଲେ ବାରବାଟୀ ଦର୍ଶକ। ଫଳରେ ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ସମୟରେ ବୋତଲ ଫିଙ୍ଗି ମ୍ୟାଚରେ ବାଧା ଉପୁଜାଇବାକୁ ଚେଷ୍ଟା କରିଥିଲେ ଉତ୍ସାହୀ କ୍ରିକେଟପ୍ରେମୀ। ତତ୍କାଳୀନ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅନୁରୋଧ ଏବଂ ସୁରକ୍ଷାକର୍ମୀଙ୍କ ହସ୍ତକ୍ଷେପ ଯୋଗୁ ମ୍ୟାଚ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ବିଶ୍ୱ ସ୍ତରରେ ନିନ୍ଦିତ ହୋଇଥିଲା ବାରବାଟୀ। ଏଠାରେ ମଧ୍ୟ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ୧୭.୨ ଓଭରରେ ମାତ୍ର ୯୨ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ରୋହିତ ଶର୍ମା ଓ ସୁରେଶ ରାଇନା ସର୍ବାଧିକ ୨୨ ରନ ଲେଖାଏ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଲ୍‌ବି ମୋର୍କେଲ ୩ଟି, ଇମ୍ରାନ ତାହିର ଓ କ୍ରିସ୍ ମୋରିସ ୨ଟି ଲେଖାଏ ଏବଂ କାଗିଶୋ ରାବାଡ଼ା ଗୋଟିଏ ଉଇକେଟ ନେଇ ଭାରତର ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୩୯ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ତେବେ ମିଡିଲ ଅର୍ଡରରେ ଜନ୍-ପଲ୍ ଡୁମିନି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂକରି ୩୦ ରନରେ ଅପରାଜେୟ ରହିବା ସହ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ବିଜୟୀ କରିଥିଲେ। ଭ୍ରମଣକାରୀ ଦଳ ୧୭.୧ ଓଭରରେ ୪ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୩ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ମୋର୍କେଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚରେ ମୋଟ ୧୮୮ ରନ ସଂଗ୍ରହ ହୋଇଥିଲା, ଯାହାକି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଇତିହାସରେ ସର୍ବନିମ୍ନ ରହିଥିଲା। ଏଠାରେ ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହାସଲ କରି ନେଇଥିଲା।

**ଦର୍ଶକ ବିଶୃଙ୍ଖଳା/ବୋତଲ ଫିଙ୍ଗା:** ୧୧ ଓଭରରେ ଦକ୍ଷିଣ ଆଫ୍ରିକା ୩ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିବାବେଳେ ଦର୍ଶକମାନେ ଗ୍ୟାଲେରିରୁ ବୋତଲ ଫିଙ୍ଗିବା ଆରମ୍ଭ କରି ଦେଇଥିଲେ। ଫଳରେ ଖେଳାଳିମାନେ ମଝି ପଡ଼ିଆରେ ବସି ରହିଥିଲେ ଏବଂ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରେ ୨ ଓଭର ଖେଳ ହୋଇଥିଲା। ୧୩ ଓଭରରେ ଦକ୍ଷିଣ ଆଫ୍ରିକା ସ୍କୋର ୭୦/୩ ଥିବାବେଳେ ପୁଣି ବୋତଲଫିଙ୍ଗା ଆରମ୍ଭ ହୋଇ ଯାଇଥିଲା। ଫଳରେ ଖେଳାଳିମାନେ ଡ୍ରେସିଂ ରୁମ୍‌କୁ ଫେରି ଯାଇଥିଲେ। ଦର୍ଶକ ଷ୍ଟାଣ୍ଡରେ ସୁରକ୍ଷାକର୍ମୀ ମୁତୟନ ପରେ ଖେଳ ସମ୍ପୂର୍ଣ୍ଣ ହୋଇଥିଲା। ୨ଥର ବ୍ରେକ୍‌ରେ ମୋଟ ୫୧ ମିନିଟଧରି ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ବାରବାଟୀକୁ ପୁଣି ଅନ୍ତର୍ଜାତୀୟ ମ୍ୟାଚ ଫେରିବ କି ନାହିଁ ଏହାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା।

**ଆଶଙ୍କାର ଅବସାନ:** ଖେଳାଳିଙ୍କ ସୁରକ୍ଷା ଏବଂ ମ୍ୟାଚର ସୁପରିଚାଳନା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲକୁ ସନ୍ତୁଷ୍ଟ କରିପାରିଥିଲା ଓସିଏ। ଫଳରେ ଗୋଟିଏ ବର୍ଷର ବ୍ୟବଧାନ ପରେ ବାରବାଟୀକୁ ପୁଣି ଫେରିଥିଲା ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଦର୍ଶକ ଷ୍ଟାଣ୍ଡରେ ନେଟ୍ ଲଗାଯିବା ସହ ଦର୍ଶକଙ୍କୁ ପଡ଼ିଆ ମଧ୍ୟକୁ ପାଣି ବୋତଲ ଆଣିବାକୁ ବାରଣ କରାଯାଇଥିଲା। କାଗଜ ଗ୍ଲାସରେ ଦର୍ଶକଙ୍କୁ ପାଣି ଯୋଗାଇ ଦେବାର ବ୍ୟବସ୍ଥା ଓସିଏ ପକ୍ଷରୁ କରାଯାଇଥିଲା। ପ୍ରଥମେ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହୋଇଥିଲା। ୨୦୧୭ ଜାନୁଆରୀ ୧୯ରେ ଭାରତ ଓ ଇଂଲଣ୍ଡ ଏଠାରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ହାଇ ସ୍କୋରିଂ ମ୍ୟାଚରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୩୮୧ ରନ କରିଥିବାବେଳେ ଇଂଲଣ୍ଡ ଇନିଂସ ୩୬୬/୮ରେ ସୀମିତ ରହିଥିଲା। ଭାରତ ୧୫ ରନରେ ବିଜୟ ହାସଲ କରିବା ସହ ବାରବାଟୀ ମଧୁର ସ୍ମୃତି ସହ ପ୍ରତ୍ୟାବର୍ତ୍ତନ କରିଥିଲା।

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦ ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଏପର୍ଯ୍ୟନ୍ତ ବାରବାଟୀରେ ଅନୁଷ୍ଠିତ ଟି୨୦ ମ୍ୟାଚ ଗୁଡ଼ିକର ଇତିହାସ ଓ ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

## ସବୁ ମ୍ୟାଚରେ ଭିନ୍ନ ଅଧିନାୟକ

ରେକର୍ଡ ଦେଖିଲେ ଜଣାଯାଏ ଯେ ଏପର୍ଯ୍ୟନ୍ତ ବାରବାଟୀରେ ଅନୁଷ୍ଠିତ ୩ଟିଯାକ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଭିନ୍ନ ଭିନ୍ନ ଅଧିନାୟକ ଦୁଇ ଦଳର ନେତୃତ୍ୱ ନେଇଛନ୍ତି। ଅର୍ଥାତ୍ କେହି ଜଣେ ହେଲେ ଅଧିନାୟକ ଭାବେ ୨ଟି ମ୍ୟାଚ ଖେଳିନାହାନ୍ତି। ୨୦୧୫ ଅକ୍ଟୋବର ୫ରେ ଅନୁଷ୍ଠିତ ମ୍ୟାଚରେ ମହେନ୍ଦ୍ର ସିଂ ଧୋନୀ ଭାରତ ଓ ଫାଫ୍ ଡୁ ପ୍ଲେସି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ୨୦୧୭ ଡିସେମ୍ବର ୨୦ରେ ଆୟୋଜିତ ମ୍ୟାଚରେ ରୋହିତ ଶର୍ମା ଭାରତ ଓ ଥିସରା ପେରେରା ଶ୍ରୀଲଙ୍କା ଦଳର ଅଧିନାୟକ ଥିଲେ। ୨୦୨୨ ଜୁନ୍ ୧୨ରେ ଅନୁଷ୍ଠିତ ମ୍ୟାଚରେ ରିଷଭ ପନ୍ତ ଭାରତ ଓ ଟେମ୍ବା ବଭୁମା ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ଆସନ୍ତା ୯ ତାରିଖରେ ହେବାକୁଥିବା ମ୍ୟାଚରେ ଏଡେନ ମାରକ୍ରମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଟି୨୦ ଦଳର ଖେଳାଳି ତାଲିକା ୩ ତାରିଖରେ ଘୋଷଣା କରାଯାଇଛି।

## ଦ୍ୱିତୀୟ ଟି୨୦ (ଭାରତ ବନାମ ଶ୍ରୀଲଙ୍କା)

**୨୦୧୭ ଡିସେମ୍ବର ୨୦: ଭାରତ ୯୩ ରନରେ ବିଜୟୀ**

୨୦୧୭ ଡିସେମ୍ବର ୨୦ରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ରେ ଭାରତ ୯୩ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୩ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଲୋକେଶ ରାହୁଲ ୪୮ ବଲ୍‌ରୁ ୬୧, ମହେନ୍ଦ୍ର ସିଂ ଧୋନୀ ୨୨ ବଲ୍‌ରୁ ୩୯* ଏବଂ ମନୀଷ ପାଣ୍ଡେ ୧୮ ବଲ୍‌ରୁ ୩୨* ରନ ସଂଗ୍ରହ କରି ଭାରତକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପ୍ରଭାବହୀନ ରହିଥିବା ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଆଞ୍ଜେଲୋ ମାଥ୍ୟୁସ, ଥିସାରା ପେରେରା ଓ ନୁୱାନ ପ୍ରଦୀପ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୧ ରନ ବିଜୟ ଲକ୍ଷ୍ୟରେ ଶ୍ରୀଲଙ୍କା ୧୬ ଓଭରରେ ମାତ୍ର ୮୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଉପୁଲ ଥରଙ୍ଗା ସର୍ବାଧିକ ୨୩ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ଚମତ୍କାର ବୋଲିଂ କରି ୪ଟି, ହାର୍ଦ୍ଦିକ ପାଣ୍ଡ୍ୟା ୩ଟି, କୁଲଦୀପ ଯାଦବ ୨ଟି ଏବଂ ଜୟଦେବ ଉନାଡକଟ ଗୋଟିଏ ଉଇକେଟ ନେଇଥିଲେ। ଚହଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଏଠାରେ ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଥିଲା।


ଦ୍ୱିତୀୟ ଟି୨୦: ଶ୍ରୀଲଙ୍କା ବିପକ୍ଷରେ ପ୍ଲେୟର ଅଫ୍ ଦି ମ୍ୟାଚ ଯୁଜବେନ୍ଦ୍ର ଚହଲ

## ତୃତୀୟ ଟି୨୦ (ଭାରତ ବନାମ ଦକ୍ଷିଣ ଆଫ୍ରିକା)

**୨୦୨୨ ଜୁନ୍ ୧୨: ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟୀ**

ବାରବାଟୀ ଷ୍ଟାଡିୟମରେ ତୃତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ୨୦୨୨ ଜୁନ୍ ୧୨ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟ ସହ ୨-୦ରେ ସିରିଜ ଅଗ୍ରଣୀଲାଭ କରିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଏହାର ବୋଲରମାନେ ଚମତ୍କାର ବୋଲିଂ କରି ଭାରତ ଇନିଂସକୁ ୨୦ ଓଭରରେ ୬ ଉଇକେଟରେ ୧୪୮ ରନ ମଧ୍ୟରେ ସୀମିତ ରଖିଥିଲେ। ଭାରତ ପକ୍ଷରୁ ଶ୍ରେୟସ ଆୟର୍ ସର୍ବାଧିକ ୪୦, ଇଶାନ କିଶନ ୩୪ ଓ ଦୀନେଶ କାର୍ତ୍ତିକ ୩୦* ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନରିଚ ନର୍କେ, କାଗିଶୋ ରାବାଡ଼ା, ୱେନ୍ ପାର୍ନେଲ, ଡ୍ୱାଇନ ପ୍ରିଟୋରିଅସ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୪୯ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ୪ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ ମଧ୍ୟ ହେନରିଚ କ୍ଲାସେନ ୪୬ ବଲ୍‌ରୁ ୮୧ ରନ ସଂଗ୍ରହ କରି ମ୍ୟାଚର ହିରୋ ବନି ଯାଇଥିଲେ। ଅଧିନାୟକ ଟେମ୍ବା ବଭୁମା ୩୫ ରନ କରିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ମାତ୍ର ୧୩ ରନ ଦେଇ ୪ ଉଇକେଟ ନେଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ବିଜୟରୁ ରୋକିପାରି ନ ଥିଲେ। ଯୁଜ୍ୱେନ୍ଦ୍ର ଚହଲ ଓ ହର୍ଶଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଲାଗି କ୍ଲାସେନ ନିର୍ବିବାଦୀୟ ପସନ୍ଦର ଖେଳାଳି ଥିଲେ।


ହେନରିଚ କ୍ଲାସେନ

## ଟି୨୦ ରେକର୍ଡ୍ସ

**ମୋଟ ମ୍ୟାଚ ୩:** ଭାରତ ୩ ମ୍ୟାଚରୁ ୨ ପରାଜୟ, ୧ ବିଜୟ। ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ୨ ବିଜୟ। ଶ୍ରୀଲଙ୍କା ୧ ମ୍ୟାଚରେ ପରାଜୟ।
**ସର୍ବୋଚ୍ଚ ସ୍କୋର:** ଭାରତ ୧୮୦/୩, ବନାମ ଶ୍ରୀଲଙ୍କା, ୨୦୧୭ ଡିସେମ୍ବର ୨୦।
**ସର୍ବନିମ୍ନ ସ୍କୋର:** ଶ୍ରୀଲଙ୍କା ୮୭/ଅଲ୍‌ଆଉଟ, ବନାମ ଭାରତ, ୨୦୧୭ ଡିସେମ୍ବର ୨୦।
**ସର୍ବାଧିକ ମ୍ୟାଚ ଏଗ୍ରିଗେଟ:** ୨୯୭ ରନ, ଭାରତ ବନାମ ଦକ୍ଷିଣ ଆଫ୍ରିକା, ୨୦୨୨ ଜୁନ ୧୨
**ସର୍ବନିମ୍ନ ମ୍ୟାଚ ଏଗ୍ରିଗେଟ:** ୧୮୮ ରନ, ଭାରତ ବନାମ ଦକ୍ଷିଣ ଆଫ୍ରିକା, ୨୦୧୫ ଅକ୍ଟୋବର ୫।
**ବୃହତ୍ ବ୍ୟବଧାନରେ ବିଜୟ (ରନ ଦୃଷ୍ଟିରୁ):** ଭାରତ ୯୩ ରନରେ ବିଜୟୀ, ବନାମ ଶ୍ରୀଲଙ୍କା, ୨୦୧୭ ଡିସେମ୍ବର ୨୦।
**ବୃହତ୍ ବ୍ୟବଧାନରେ ବିଜୟ (ଉଇକେଟ ଦୃଷ୍ଟିରୁ):** ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ, ବନାମ ଭାରତ, ୨୦୧୫ ଅକ୍ଟୋବର ୫।
**ସର୍ବାଧିକ ବ୍ୟକ୍ତିଗତ ରନ:** ୮୧-ହେନରିଚ୍ କ୍ଲାସେନ (ଦକ୍ଷିଣ ଆଫ୍ରିକା) ବନାମ ଭାରତ।
**ଅର୍ଦ୍ଧଶତକ:** ହେନରିଚ କ୍ଲାସେନ-୧(ଦକ୍ଷିଣ ଆଫ୍ରିକା), ଲୋକେଶ ରାହୁଲ-୧ (ଭାରତ)।
**ସବାଧିକ ଛକା:** ୫-ହେନରିଚ୍ କ୍ଲାସେନ (ଦକ୍ଷିଣ ଆଫ୍ରିକା) ବନାମ ଭାରତ।
**ଇନିଂସରେ ସର୍ବାଧିକ ଷ୍ଟ୍ରାଇକ୍ ହାର:** ୧୭୭.୭୭-ମନୀଷ ପାଣ୍ଡେ, ବନାମ ଶ୍ରୀଲଙ୍କା।
**ସର୍ବାଧିକ ଉଇକେଟ:** ଯୁଜବେନ୍ଦ୍ର ଚହଲ ୨ ମ୍ୟାଚରୁ ୫ ଉଇକେଟ, ୨୦୧୭-୨୦୨୨।
**ଇନିଂସରେ ଶ୍ରେଷ୍ଠ ବୋଲିଂ ଫିଗର:** ଭୁବନେଶ୍ୱର କୁମାର-୪/୧୩, ବନାମ ଦକ୍ଷିଣ ଆଫ୍ରିକା। ଯୁଜବେନ୍ଦ୍ର ଚହଲ-୪/୨୩, ବନାମ ଶ୍ରୀଲଙ୍କା।
**ସର୍ବାଧିକ ଡିସ୍‌ମିଶାଲ:** ୪-ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), ୨୦୧୫-୨୦୧୭।
**ସର୍ବାଧିକ କ୍ୟାଚ:** ୨-ଲୋକେଶ ରାହୁଲ (୨୦୧୭), ଭାନ ଡର୍ ଡୁସେନ (୨୦୨୨), ହାର୍ଦ୍ଦିକ ପାଣ୍ଡ୍ୟା (୨୦୧୭-୨୦୨୨)।
**ସର୍ବୋଚ୍ଚ ପାର୍ଟନରଶିପ୍ (ରନ ଦୃଷ୍ଟିରୁ):** ୬୮ (୪ର୍ଥ ଉଇକେଟ), ମନୀଷ ପାଣ୍ଡେ-ମହେନ୍ଦ୍ର ସିଂ ଧୋନୀ ବନାମ ଶ୍ରୀଲଙ୍କା।

## ଫ୍ୟୁଚର

କ୍ଲିନ ସୁଇପ କରି ସାଉଥ ଆଫ୍ରିକା
ଟେଷ୍ଟରେ ମାରିଲା ମାଡ଼
ଚାରିଶହ ଆଠ ରନ ଗ୍ୟାପ୍‌ରେ
ଏ ଡିଫିଟ ହିଷ୍ଟ୍ରି ବଡ଼
ଟିମ୍ ଇଣ୍ଡିଆକୁ ଜାଡ଼
ପଚିଶ ବରଷ ପରେ ଆଫ୍ରିକାର
ଭାରତ ମାଟିରେ ରଡ଼।



ଜିରୋ-ଟୁରେ ଟେଷ୍ଟ ସିରିଜ
ହାରିବାରୁ
ଟିମ୍ ଫ୍ୟୁଚର ଖତ
କୁହେ କୋଚ ଗୌତମ ବିସିସିଆଇର
ହାତେ ମୋର ଭବିଷ୍ୟତ
ପ୍ଲେୟର ଷ୍ଟାଫ ପ୍ରଭାବିତ
ଡବ୍ଲ୍ୟୁଟିସି ତାଲିକାରେ ଏବେ ଟିମ୍
ପାକିସ୍ତାନ ତଳେ ମିତ।

କମ୍ପିଟିଶନରେ ହାର ଜିତ ରହିଛି
ନୁହେଁ ଆତ୍ମସମର୍ପଣ
ଟ୍ରୁପ୍ ସହ ଦେଶ ନାଁ ପଡିଥାଏ
ପଚାର ଯା ଜଣ ଜଣ
ହାର ପଛେ ଥିଲେ ପଣ
ଅଯଥା ଯାଏନି ଫ୍ୟୁଚର କାହାର
ମନୋବଳ ଥିଲେ ଟାଣ।
-ସୁବାସ ଚନ୍ଦ୍ର ପ୍ରଧାନ

# ଆଜିଠୁ କାଉଣ୍ଟର ଟିକେଟ ବିକ୍ରି




ଟିକେଟ କାଉଣ୍ଟର ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି ପୋଲିସ ଅଧିକାରୀ। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୪।୧୨(ଶିଲ୍ପା ପ୍ରିୟଦର୍ଶିନୀ)**

ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ଚାରିଦିନ ଥିବାବେଳେ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଛି। ଷ୍ଟାଡିୟମ ସୁରକ୍ଷିତ ଭାବେ ମ୍ୟାଚ୍ ପରିଚାଳନା କରିବା ପାଇଁ ସକ୍ଷମ ବୋଲି ଆଇଆଇଟି ଭୁବନେଶ୍ୱରର ବୈଷୟିକ ଟିମ୍ ସାର୍ଟିଫିକେଟ ପ୍ରଦାନ କରିଥିବା ସୂଚନା ମିଳିଛି। ସେହିପରି ମ୍ୟାଚ୍ ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ଅଧିକାରୀ ମାନେ ଗୁରୁବାର ବାରବାଟୀରେ ଅଗ୍ନିଶମ ବ୍ୟବସ୍ଥାକୁ ତନତନ କରି ପରଖିଛନ୍ତି। ଏବଂ ଡିସେମ୍ବର ୬ ଓ ୭ ତାରିଖ ସନ୍ଧ୍ୟା ସମୟରେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ଅନ୍ଧାର କରାଯିବ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ମକ୍‌ଡ୍ରିଲ ହେବ। ଇତିମଧ୍ୟରେ ଦୁଇଦିନ ଧରି ଓସିଏ ଅନୁବନ୍ଧିତ ସଂସ୍ଥାଗୁଡିକୁ ଟିକେଟ ବିକ୍ରି ଶେଷ ହୋଇଛି। ଶୁକ୍ରବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ କରାଯିବ। ଟିକେଟ ବିକ୍ରି ସମୟରେ ଧାଡିଠାରୁ ଆରମ୍ଭ କରି କାଉଣ୍ଟର ଯାଏଁ ସମସ୍ତ ସ୍ଥାନକୁ ୪୩ଟି ବୁଲେଟି ଆଇପି କ୍ୟାମେରା ଜଗିବ। ଏପରିକି ପ୍ରଥକରି ଚଳିତ ମ୍ୟାଚ୍‌ରେ ଏଲଇଡି ପ୍ୟାନେଲର ବ୍ୟବସ୍ଥା କରାଯାଇଛି। ଦୁଇଟି ଏଲଇଡି ପ୍ୟାନେଲ ଯୋଗେ ଟିକେଟ କିଣିବା ସମୟରେ ବିଶୃଙ୍ଖଳା

## ବାରବାଟୀ ଟି୨୦

ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ବାରବାଟୀରେ ଡିଏମ୍‌ଏକ୍ସ ଶୋ' ନିମନ୍ତେ ଗୁରୁବାର ଫ୍ଲଡ୍ ଲାଇଟ୍‌ର ଗୋଟିଏ ଖୁଣ୍ଟିର ଡ୍ରାଏ ରନ୍ କରାଯାଇଛି ଏବଂ ଦିନେ ଦୁଇଦିନରେ ସମସ୍ତ ଲାଇଟ୍‌ର ଏକା ସଙ୍ଗେ ଡ୍ରାଏ ରନ୍ କରାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କନ୍‌ସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ଏହି ଏକମାତ୍ର ଅର୍ନ୍ତଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି୨୦ ମ୍ୟାଚ୍ ଖେଳାଯିବ। ବିଶୃଙ୍ଖଳାକୁ ଏଡାଇବାକୁ ପ୍ରଥମ କରି ଲୁହା ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଟିକେଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ୍ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ୍। ହେଲେ ଏଥର ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ୍ ଅଢ଼େଇ ଫୁଟ ବିଶିଷ୍ଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡା କରାଯିବ ବୋଲି ସ୍ଥିର ହୋଇଛି। କାଉଣ୍ଟର ପାଖରୁ ୮୦୦ ମିଟର ପର୍ଯ୍ୟନ୍ତ ଷ୍ଟିଲ ବ୍ୟାରିକେଡ୍ ଲଗାଯାଇଛି। ସେହିପରି ଆମ୍ବୁଲାନ୍ସ, ବାୟୋଟଏଲେଟ୍ ଏବଂ ଏକ ମେଡିକାଲ ଟିମ୍ ନିୟୋଜିତ କରାଯିବା। କାଉଣ୍ଟରରେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏ ଟିକେଟ ବିକ୍ରି କରାଯିବ।



ଦର୍ଶକଙ୍କ ଉଦ୍ଦେଶ୍ୟରେ ଏକାଡ଼େମୀ ପଡ଼ିଆରେ ନିର୍ମିତ ବାରିକେଡ଼।

# ଆନନ୍ଦଙ୍କୁ ହରାଇ ଟାଇଟଲ ଜିତିଲେ ଏରିଗେସି

**ଜେରୁଜେଲମ, ୪।୧୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଜେରୁଜେଲମ ମାଷ୍ଟର୍ସ ଚେସ୍ ଟାଇଟଲ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ସେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କୁ ହରାଇ ଦେଇଛନ୍ତି। ଦୁହେଁ ଓପନିଂ ରାପିଡ୍ ଗେମ୍ ଡ୍ର' ରଖିବା ପରେ ସେ ଧଳାଦାନ ସହ ପ୍ରଥମ ବ୍ଲିଜ୍ ଟାଇ-ବ୍ରେକ୍ ମ୍ୟାଚ ଜିତିଥିଲେ। ୨୨ବର୍ଷୀୟ ଖେଳାଳି ଦ୍ୱିତୀୟ ବ୍ଲିଜ୍ ମୁକାବିଲାରେ ଜିତିବା ସ୍ଥିତିରେ ଥାଇ ଶେଷରେ ଡ୍ର' ରଖିଥିଲେ, ଯାହାକି ମୁକାବିଲାକୁ ୨.୫-୧.୫ରେ ଜିତିବା ପାଇଁ ଯଥେଷ୍ଟ ଥିଲା। ଏହି ବିଜୟ ଦ୍ୱାରା ଏରିଗେସି ପୁରସ୍କାର ବାବଦରେ ୫୫,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିଥିବା ବେଳେ ଆନନ୍ଦଙ୍କୁ ୩୫,୦୦୦ ଡଲାର ମିଳିଛି। ଏରିଗେସି ସେମିଫାଇନାଲରେ ରୁଷୀୟ ଗ୍ରାଣ୍ଡମାଷ୍ଟର ପିଟର ସ୍ୱିଡଲରଙ୍କୁ ହରାଇ ଦେଇଥିବା ବେଳେ ଆନନ୍ଦ ବର୍ତ୍ତମାନର ବିଶ୍ୱ ବ୍ଲିଜ ଚାମ୍ପିୟନ ଇଆନ ନେପମନିଆଚ୍‌ଚିଙ୍କୁ ପରାସ୍ତ କରିଥିଲେ। ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ସ୍ୱିଡଲର ତାଙ୍କ ଦେଶର ନେପମନିଆଚ୍‌ଚିଙ୍କୁ ୨.୫-୧.୫ରେ ହରାଇ ଦେଇଥିଲେ। ଜେରୁଜେଲମ ମାଷ୍ଟର୍ସ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ୧୨ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ରାଉଣ୍ଡ-ରବିନ ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଖେଳାଳି ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲେ।



ଜେରୁଜେଲମ ମାଷ୍ଟର୍ସ ଚେସ୍ ଟାଇଟଲ ବିଜୟୀ ଅର୍ଜୁନ ଏରିଗେସି।

# କିସ୍, ଓଡ଼ିଶା ପୋଲିସର ବଡ଼ ବିଜୟ

**ଭୁବନେଶ୍ୱର,୪।୧୨(ଅନାଦି କର)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ(ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ କିଶୋର କ୍ଲବରେ ଚାଲିଥିବା ଭୁବନେଶ୍ୱର ମହିଳା ଫୁଟବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ କିସ୍ ଓ ଓଡ଼ିଶା ପୋଲିସ ଦଳ ବଡ଼ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କିସ ୭-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲକୁ ପରାସ୍ତ କରିଥିଲା। ଦଳ ପାଇଁ ଅଙ୍କିତା ନାଏକ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ମାନିନି ପଟାମାଝୀ, ମାମା ସୋରେନ, ଜ୍ୟୋତ୍ସ୍ନା ମୁଣ୍ଡାରୀ ଓ ସୋନାଲି ଓରାମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହ୍ୟାଟ୍ରିକ ଗୋଲ କରିଥିବା ଅଙ୍କିତା ନାଏକଙ୍କୁ ଅତିଥି ଭାବେ ବିଏଏର ଉପ ସଭାପତି ଭାଗ୍ୟଧର ଜଗଦେବ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ୧୪-୦ ଗୋଲରେ କିଟ୍‌କୁ ହରାଇଛି। ବିଜୟୀ ଦଳ ପାଇଁ ପ୍ୟାରୀ ଖାଖା ସର୍ବାଧିକ ୬ଟି, ମନୀଷା ନାୟକ ୩ଟି ଓ ସତ୍ୟବତୀ ଖାଡ଼ିଆ ଦୁଇଟି ଗୋଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମିନି ମୁଣ୍ଡା, ଦୀପା ନାୟକ ଓ ବନ୍ୟା କବିରାଜ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ପ୍ୟାରୀ ଖାଖାଙ୍କୁ ଅତିଥି ଭାବେ ମୋହ୍ୱାନି କନଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍ ଚେୟାରମ୍ୟାନ ଦିଲୀପ କୁମାର ମୋହ୍ୱାନି ପୁରସ୍କୃତ କରିଥିଲେ।

## ଭୁବନେଶ୍ୱର ମହିଳା ଫୁଟ୍‌ବଲ ଲିଗ୍



ପୁରସ୍କାର ଗ୍ରହଣ କରୁଛନ୍ତି ପ୍ୟାରୀ ଖାଖା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ